◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-101 ◆SUNDAY ◆04 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୧ ◆ରବିବାର ◆୦୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଭାରତକୁ ୮୫ ପଦକ: ଏସୀୟ କ୍ରୀଡ଼ା ଉଦ୍‌ଯାପନ ଆଜି

ଶେଷ ପର୍ଯ୍ୟାୟରେ ସ୍ୱର୍ଣ୍ଣ ବର୍ଷା

■ ଟୋକିଓ, ୩।୧୦ (ଏଜେନ୍ସି): ଜାପାନର ଅନ୍ୟତମ ସହର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଆସନ୍ତାକାଲି ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସମାରୋହ ସହ ଏହି ପ୍ରତିଯୋଗିତା ଆନୁଷ୍ଠାନିକ ଉଦ୍‌ଯାପିତ ହେବ। ଏହା ପୂର୍ବ ଦୁଇଦିନରେ ଭାରତୀୟ ପ୍ରତିଯୋଗୀମାନେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବର୍ଷା କରିଛନ୍ତି। ଗତକାଲି ବା ଶୁକ୍ରବାର ୬ଟି ଏବଂ ଆଜି ବା ଶନିବାର ଆଉ ୫ଟି ବା ଗତ ଦୁଇଦିନରେ ଭାରତ ୧୧ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏହା ଫଳରେ ଭାରତ ମୋଟ ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ଟି ପଦକ ଜିତି ଗତ ସଂସ୍କରଣ ଭଳି ପଦକ ତାଲିକାରେ ଚତୁର୍ଥ ସ୍ଥାନ ବଜାୟ ରଖିଛି।

ଶନିବାର ଇଭେଣ୍ଟରେ ଭାରତ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛି। ଏହା ମଧ୍ୟରୁ ପୁରୁଷ କ୍ରିକେଟ, ହକି ଟିମ୍ ଓ କୁସ୍ତିରେ ଅମନ ଶେରାୱତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। କ୍ରିକେଟରେ ଅନୁଷ୍ଠିତ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟବର୍ଷ ଲାଗି ସ୍ୱର୍ଣ୍ଣପଦକ ହାସଲ କରିଛି। ପୂର୍ବରୁ ମହିଳା ଟିମ୍ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲା। ହକିରେ ପୁରୁଷ ଦଳ ୫-୧ ଗୋଲ୍‌ରେ ମାଲେସିଆକୁ ସହଜରେ ପରାସ୍ତ କରି ମହିଳା ଟିମ୍ ଭଳି ସ୍ୱର୍ଣ୍ଣପଦକ ବଜାୟ ରଖିଛି। ହକିରେ ଉଭୟ ପୁରୁଷ ଓ ହକି ଦଳ ୨୦୨୮ ଆମେରିକାର ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ମହିଳା ବିଭାଗରେ ଦୁଇ ପ୍ରତିଯୋଗୀ ତୀରନ୍ଦାଜ କୁମ୍‌କୁମ୍ ମୋହୋଦ ରିକର୍ଭ କାଟେଗୋରୀରେ ଓ ଗଲ୍ଫରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟିକରିଛନ୍ତି। ଏହି ବିଭାଗରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣପଦକ। ହକି ଟିମ୍ ଭଳି କୁମ୍‌କୁମ୍ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ସଂସ୍କରଣରେ ଭାରତ ୧୦୬ଟି ପଦକ ଜିତି ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

ଭାରତର ପଦକ	
ସ୍ୱର୍ଣ୍ଣ	୨୧
ରୌପ୍ୟ	୨୭
କାଂସ୍ୟ	୩୭
ମୋଟ	୮୫

ଭାରତୀୟ ପୁରୁଷ ହକି ଦଳ ଓ କ୍ରିକେଟ ଟିମ୍‌କୁ ସ୍ୱର୍ଣ୍ଣ ପଦକ

କୁସ୍ତି, ତୀରନ୍ଦାଜି ଓ ଗଲ୍ଫରେ ସ୍ୱର୍ଣ୍ଣ

ଦୁଷ୍କର୍ମ ଅଭିଯୁକ୍ତକୁ ଏନ୍‌କାଉଣ୍ଟର

- ଏୟାର ଗନ୍ ସଦୃଶ ଲାଇଟର୍ ଦେଖାଇ କରିଥିଲା ଦୁଷ୍କର୍ମ
- ମୋବାଇଲ ଚୋରି କରିବାକୁ ଆସିଥିଲା; ଦୁଷ୍କର୍ମ କରି ଚମ୍ପଟ୍
- ଗୁରୁତର ଅବସ୍ଥାରେ ଅଭିଯୁକ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

■ ଭୁବନେଶ୍ୱର, ୩।୧୦ (ସମିସ): ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଜଘନ୍ୟ ଦୁଷ୍କର୍ମ କାଣ୍ଡର ୭୨ ଘଣ୍ଟା ମଧ୍ୟରେ କମିଶନରେଟ୍ ପୁଲିସ ଅଭିଯୁକ୍ତକୁ ଗିରଫ ବେଳେ ଏନ୍‌କାଉଣ୍ଟର କରିଛି। ଗୁରୁତର ଆହତ ଅବସ୍ଥାରେ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ ସନ୍ତୋଷ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛି। ଅଭିଯୁକ୍ତର ଘର ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ। ସେ ମଞ୍ଜେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲା। ବହୁ ଖୋଜାଖୋଜି ପରେ ପୁଲିସ ତାକୁ ଚନ୍ଦକା ଅଞ୍ଚଳରୁ ଶନିବାର ଗିରଫ କରିଛି। ଗିରଫ ବେଳେ ସେ ପେଟ୍‌କସ୍‌ରେ ପୁଲିସକୁ ଭୁସିବାକୁ ଉଦ୍ୟମ କରୁଥିଲା ବେଳେ ତାକୁ ଫାୟରିଂ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ସନ୍ତୋଷର ଡାହାଣ ଗୋଡ଼ରେ ଗୁଳି ବାଜିଛି। ପୁଲିସ କହିବା ଅନୁଯାୟୀ, ସନ୍ତୋଷ ଚୋରି କରିବାକୁ ପୀଡ଼ିତାଙ୍କ ଘରେ ପଶିଥିଲା। କିନ୍ତୁ ପରେ ସେ ଯୁବତୀଙ୍କୁ ଏକ ଲାଇଟର ସଦୃଶ ନକଲି ଏୟାରଗନ୍ ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲା। ୪୦ ମିନିଟ୍ ▶ପୃଷ୍ଠା-୭

ଓଲଟ ପାଲଟ

କଟକ ସହର ଦୁର୍ଗା ପୂଜା ପାଇଁ
ହେଲାଣି ସରଗରମ,
ରାସ୍ତାଘାଟ ମରାମତି ହୋଇନାହିଁ
ଶ୍ରଦ୍ଧାଳୁ ଏ ନେବେ ନାମ।
କଟକ ଚଣ୍ଡୀ ମନ୍ଦିରର କାମ
ପଡ଼ିଅଛି ସେହିପରି,
ଷୋଡ଼ଶ ବିଧିରେ ପୂଜା ଉପଚାର
ହେବ ଏବେ କେଉଁପରି ?
କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଅଛି
ନାହିଁ ତା'ର ଆଦି ଅନ୍ତ,
ମାଆଙ୍କ ଦର୍ଶନ ପାଇଁ କି ପୂଜାରେ
ଶ୍ରଦ୍ଧାଳୁଏ ହନ୍ତସନ୍ତ ॥

-ଯାଯାବର

ତେଜୁଛି ଜ୍ଞାନେଶ-ବିରୋଧୀ ଆନ୍ଦୋଳନ

ସ୍ୱର ଚାପିବାକୁ ଉଦ୍ୟମ

- ଅକ୍ଟୋବର ୨ ଆନ୍ଦୋଳନ ପାଇଁ ଆଖିବୁଜା ଏତଲା
- ଯନ୍ତରମନ୍ତର, ଶିବାଜୀ ପାର୍କ ଘଟଣାରେ ୫୦୦ ଏଫ୍‌ଆଇଆର୍
- ଡରିବୁ ନାହିଁ; ଆନ୍ଦୋଳନ ଆହୁରି ତୀବ୍ର ହେବ: ଦୀପ୍‌କେ

■ ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍‌ର ମୁଖ୍ୟ ସୂତ୍ରଧର କୁହାଯାଉଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି। ଏହି ଆନ୍ଦୋଳନରେ କକ୍ରୋଚ ଜନତା ପାର୍ଟି (ସିଜେପି) ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସାମିଲ ହୋଇଥିବା ବେଳେ ଆନ୍ଦୋଳନ ଚପାଇବା ଲାଗି ପୁଲିସ ନାଲିଆଖି ଦେଖାଇବା ଆରମ୍ଭ କରିଛି। ଗତକାଲି ଦିଲ୍ଲୀର ଯନ୍ତରମନ୍ତର ଓ ମୁମ୍ବଇର ଶିବାଜୀ ପାର୍କରେ ଆରମ୍ଭ ହୋଇଥିବା ଆନ୍ଦୋଳନ ନେଇ ପୁଲିସ ପ୍ରାୟ ୫୦୦ ଏଫ୍‌ଆଇଆର୍ ରୁଜୁ କରିଛି। ଏହାକୁ ନେଇ ସିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଚେତାବନୀ ଦେଇଛି ଯେ ଆନ୍ଦୋଳନ ଦମନ ପାଇଁ ଉଦ୍ୟମ କରାଗଲେ ଏହାକୁ ଆହୁରି ତୀବ୍ର କରାଯିବ। ଆସନ୍ତା ୧୦ ତାରିଖରୁ ଦିଲ୍ଲୀର ଯନ୍ତରମନ୍ତରରେ ହେବାକୁ ଯାଉଥିବା ସିଜେପି ଆନ୍ଦୋଳନ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଆହୁରି ଅଧିକ ତୀବ୍ରତର ହେବ। ▶ପୃଷ୍ଠା-୭

29001/29/2627

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ପାଇଁ ସ୍ୱର୍ଣ୍ଣିମ ଗୌରବ

ଭାରତୀୟ ମହିଳା ଓ ପୁରୁଷ ହକି ଦଳକୁ ହାର୍ଦ୍ଦିକ ଅଭିନନ୍ଦନ

ସ୍ୱର୍ଣ୍ଣ | ଏସିଆନ୍ ଗେମ୍ସ ୨୦୨୬

୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ

ଗୌରବମୟ ବିଜୟରେ ଉତ୍ସବମୁଖର ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/29001/2/26-27/0023
କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

ବିଶେଷ ଟିପ୍ପଣୀ

ଦିଲ୍ଲୀ ପୁଲିସ ପ୍ରତିବାଦକାରୀ ଛାତ୍ରଛାତ୍ରୀ ଏବଂ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଉଚିତ । ଅକ୍ଟୋବର ୧୦ରେ ଦିଲ୍ଲୀ ଯୁବଶକ୍ତିର ସାମର୍ଥ୍ୟର ସାକ୍ଷୀ ହେବାକୁ ଯାଉଛି । ଭିନ୍ନମତ ଏକ ଗଣତାନ୍ତ୍ରିକ ଅଧିକାର । ଏହାକୁ ଧମକ କିମ୍ବା ବଳ ପ୍ରୟୋଗ କରି ଦମନ କରାଯାଇପାରିବ ନାହିଁ ।

-ଅଭିଜିତ୍ ଦିପ୍‌କେ (ସିଜେପି ପ୍ରତିଷ୍ଠାତା)

ନିର୍ବଚନ କମିସନଙ୍କ ବିରୋଧରେ ଆମେ ବିଶାଳ ମିଳିତ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛୁ । ଆମେ ଗତକାଲି ଶିବାଜୀ ପାର୍କରେ ଆନ୍ଦୋଳନ ଦେଖିଲୁ । ଲୋକଙ୍କ ମଧ୍ୟରେ ଯଥେଷ୍ଟ କ୍ରୋଧ ଥିଲା । ଅନ୍ୟ ରାଜନୈତିକ ସଂଗଠନ ଓ କଂଗ୍ରେସ ପାର୍ଟି ମଧ୍ୟ ଏହାକୁ ସମର୍ଥନ ଦେଇଛନ୍ତି । ବାମ ଦଳଗୁଡ଼ିକ ମଧ୍ୟ ଆମ ସହିତ ଅଛନ୍ତି ।

–ସଞ୍ଜୟ ରାଉତ, ଶିବସେନା (ୟୁବିଟି)

ଜେନ୍ Z

ନେହା ବୋରାଙ୍କ ସହିତ ଯୁବଶକ୍ତି ଠିଆ ହୋଇଛି । ଏଥର ଆର୍ ନହେଲେ ପାର୍ ହେବା ପରି ମନେ ହେଉଛି । ଏଥିପାଇଁ ଯୁବଶକ୍ତି ପ୍ରସ୍ତୁତ ହୋଇଛନ୍ତି । ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ କପିଲ ସିବଲଙ୍କ ସମେତ ଅନେକ ବରିଷ୍ଠ ନେତା ମଧ୍ୟ ପ୍ରତିବାଦରେ ଯୋଗ ଦେଇଛନ୍ତି ।

- ରାମନିବାସ ଭାକର @BhakarRN

ଫ୍ଲାଏଦୁବାଇ ସହ-ପାଇଲଟ୍‌ଙ୍କୁ ନେଇ ଚାଞ୍ଚଲ୍ୟକର ତଥ୍ୟ

ଚରମପନ୍ଥୀ ଚିନ୍ତାଧାରା ପାଇଁ ବାରଣ କରିଥିଲା ଓମାନ

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ତଦନ୍ତର ସମ୍ମୁଖୀନ ଓମାନୀ ସହ-ପାଇଲଟ୍‌ଙ୍କ ପରିଚୟ ହାମାମ ଅଲହାମାମି ବୋଲି ଜଣାପଡ଼ିଛି । ତାଙ୍କୁ ନେଇ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଖୋଳତାଡ଼ କରୁଥିବା ବେଳେ, ଚରମପନ୍ଥୀ ଚିନ୍ତାଧାରା ନେଇ ପୂର୍ବରୁ ଓମାନରେ ତାଙ୍କୁ ବିମାନ ଚଳାଇବାରୁ ବାରଣ କରାଯାଇଥିବା ଦାବି ସାମ୍ନାକୁ ଆସିଛି । 'ଆଲ୍ ଆରବିୟା ଇଂଲିଶ'ର ରିପୋର୍ଟ ଅନୁଯାୟୀ, ଅଲହାମାମି ପୂର୍ବରୁ ଓମାନରେ ଉଡ଼ାଣ ସମ୍ପର୍କିତ ଦାୟିତ୍ୱରୁ ବାରଣ ହୋଇଥିଲେ । ସିରିଆରେ ରହିବା ସମୟରେ ସେ ଚରମପନ୍ଥୀ ଚିନ୍ତାଧାରାର ପ୍ରଭାବରେ ଆସିଥିବା ନେଇ ସୂତ୍ର ଦାବି କରିଛନ୍ତି । ପରେ ସେ ଓମାନ ଛାଡ଼ି ୟୁଏଇ ଯାଇଥିବା କୁହାଯାଇଛି । ସିଏନ୍‌ଏନ୍ ରିପୋର୍ଟରେ ମଧ୍ୟ ସମାନ ଦାବି ଉଠିଛି । ଓମାନର ଜାତୀୟ ବିମାନସେବାରେ ପ୍ରଶିକ୍ଷଣ ସମୟରେ ତାଙ୍କ ଚିନ୍ତାଧାରାକୁ ନେଇ ସନ୍ଦେହ ହେବାରୁ ତାଙ୍କୁ ପ୍ରଶିକ୍ଷଣରୁ ହଟାଯାଇଥିବା ଜଣେ ଆଞ୍ଚଳିକ କୂଟନୈତିକ ସୂତ୍ର କହିଛି । ତେବେ ପରେ ତାଙ୍କୁ ବିମାନସେବାର ଅନ୍ୟ ଏକ ଦାୟିତ୍ୱ ଦିଆଯାଇଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ଅଛି । ସୂଚନା ଅନୁଯାୟୀ, ଅଲହାମାମି ୟୁଏଇରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଓମାନୀ ଏବଂ ମା' ସିରିଆର ବୋଲି ସୂତ୍ରକୁ ଉଦ୍ଧୃତ କରି ସିଏନ୍‌ଏନ୍ କହିଛି । ସେ ଜୀବନର ଅନେକ ବର୍ଷ ୟୁଏଇରେ କାଟିଥିବା ଦାବି କରାଯାଇଛି ।

ସାଉଦି ଆରବର ତାବୁକ୍‌ରେ ବିମାନ ଜରୁରୀ ଅବତରଣ କରିବା ପରେ ତାଙ୍କୁ ୟୁଏଇକୁ ହସ୍ତାନ୍ତର କରାଯାଇଥିବା ଏବଂ ସେଠାରେ ଆତଙ୍କବାଦ ସମ୍ପର୍କିତ ତଦନ୍ତ ଚାଲିଥିବା ରିପୋର୍ଟରେ କୁହାଯାଇଛି । ଏହି ଘଟଣାକୁ ନେଇ ତାଙ୍କ ନିଯୁକ୍ତି ଓ ସୁରକ୍ଷା ଯାଞ୍ଚକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅଲହାମାମି ମାତ୍ର ପ୍ରାୟ ୮ ମାସ ଧରି ଫ୍ଲାଏଦୁବାଇରେ କାମ କରୁଥିଲେ ବୋଲି ଜଣେ ଇସ୍ରାଏଲୀ ଅଧିକାରୀଙ୍କୁ ଉଦ୍ଧୃତ କରି ସିଏନ୍‌ଏନ୍ ରିପୋର୍ଟ କରିଛି । ତାଙ୍କ ପୂର୍ବ ଚାକିରିକୁ ନେଇ ମଧ୍ୟ ଭିନ୍ନ ରିପୋର୍ଟ ସାମ୍ନାକୁ ଆସିଛି । ସେପ୍ଟେମ୍ବର ୩୦ରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନର କକ୍‌ପିଟ୍‌ରେ ଘଟଣାଟି ଘଟିଥିଲା । ଅଭିଯୋଗ ଅନୁଯାୟୀ, ଅଲହାମାମି କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିଲେ । ଏହା ପରେ ବିମାନଟି ଦ୍ରୁତଗତିରେ ପ୍ରାୟ ୧୬ ହଜାର ଫୁଟ୍ ତଳକୁ ଖସିଥିଲା । ପରେ ହାଇଜାକ୍ ସମ୍ପର୍କିତ ଜରୁରୀ ସଙ୍କେତ ପଠାଯାଇଥିଲା । ଗୁରୁତର ଆହତ ହୋଇଥିଲେ ମଧ୍ୟ କ୍ୟାପ୍‌ଟେନ୍ ମଚ୍ଛାର ପ୍ରତିରୋଧ କରି କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସକ୍ଷମ ହୋଇଥିଲେ । ପରେ ବିମାନର କ୍ରୁ ସଦସ୍ୟ ଓ ଯାତ୍ରୀମାନେ କକ୍‌ପିଟ୍‌ରେ ପ୍ରବେଶ କରି ଅଭିଯୁକ୍ତ ସହ ପାଇଲଟ୍‌ଙ୍କୁ କାବୁ କରିଥିଲେ । ଦୁଇଜଣ ଅନ୍ୟ ପାଇଲଟ୍ ମଧ୍ୟ ବିମାନ ନିୟନ୍ତ୍ରଣରେ ସହଯୋଗ କରିଥିଲେ । ପରେ ବିମାନଟି ସାଉଦି ଆରବର ତାବୁକ୍‌ରେ ଜରୁରୀ ଅବତରଣ କରିଥିଲା । ବିମାନରେ ଥିବା ୧୮୦ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇଥିଲେ । ଘଟଣାର ପ୍ରକୃତ କାରଣ, ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ଏବଂ ତାଙ୍କ ପୂର୍ବ ପୃଷ୍ଠଭୂମି ସମ୍ପର୍କିତ ତଥ୍ୟ ତଦନ୍ତ ପରେ ଅଧିକ ସ୍ପଷ୍ଟ ହେବ ।

ହସ୍‌ପିଟାଲରେ ଚିକିତ୍ସାଧୀନ ଭାରତୀୟ ପାଇଲଟ ସ୍ମିତ୍ ମଚ୍ଛାରଙ୍କୁ ଭେଟୁଛନ୍ତି ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମାଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ ମଖତୁମ୍ । ମଚ୍ଛାରଙ୍କୁ ତାଙ୍କର ସାହାସ ପାଇଁ ପ୍ରଶଂସା କରିଛନ୍ତି ପ୍ରିନ୍ସ ।

ଇଣ୍ଡିଆ ମେଣ୍ଟରେ ସାମିଲ ହେଲା ଟିଭିକେ

ଚେନ୍ନାଇ,୩।୧୦(ଏଜେନ୍ସି): ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ତାମିଲଗା ଭେଟ୍ରି କଝଗମ୍ (ଟିଭିକେ) ତାମିଲନାଡୁରେ ଇଣ୍ଡିଆ ବ୍ଲକ୍‌ର ବୈଠକରେ ଯୋଗଦେଇଛି । ତାମିଲନାଡୁ କଂଗ୍ରେସ କମିଟି (ଟିଏନ୍‌ସିସି) ସଭାପତି ମାଣିକମ୍ ଟାଗୋର ଏହାକୁ 'ଐତିହାସିକ ଦିନ' ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ, ଟିଭିକେର ଅଂଶଗ୍ରହଣ ରାଜ୍ୟରେ ବିରୋଧୀ ମେଣ୍ଟକୁ ଅଧିକ ସୁଦୃଢ଼ କରିବ । ଚେନ୍ନାଇସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ କଂଗ୍ରେସ ସହ ଟିଭିକେ, ସିପିଏମ୍, ସିପିଆଇ, ଭିସିକେ, ଏମ୍‌ଡିଏମ୍‌କେ ଓ ଆଇୟୁଏମ୍‌ଏଲ୍ ପ୍ରତିନିଧି ଯୋଗଦେଇଥିଲେ । ଟିଭିକେ ପକ୍ଷରୁ ଆଧବ ଅର୍ଜୁନ ଓ ମାରିଆ ୱିଲସନ୍ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଉପରେ ଆଲୋଚନା ହୋଇଥିଲା । ବୈଠକ ପରେ ଟାଗୋର କହିଛନ୍ତି, ଅକ୍ଟୋବର ୧୫ରେ ଚେନ୍ନାଇରେ ମିଳିତ ପ୍ରତିବାଦ ହେବ । ଏହା ପୂର୍ବରୁ ଅକ୍ଟୋବର ୧୩ରୁ ୧୫ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯିବ ବୋଲି ଏମ୍‌ଡିଏମ୍‌କେ ନେତା ଭାଇକୋ କହିଛନ୍ତି ।

ଗୌହାଟୀ ନାଇଟ୍ କ୍ଲବ୍‌ରେ ମହିଳାଙ୍କୁ ଆକ୍ରମଣ

ଗୌହାଟୀ, ୩।୧୦(ଏଜେନ୍ସି): ଆସାମର ଗୌହାଟୀ ଖାନାପାରା ଅଞ୍ଚଳର ଏକ ନାଇଟ୍‌କ୍ଲବ୍‌ରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଓ ଅସଦାଚରଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ପୁଲିସ ନିଜ ଆଡ଼ୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ନାଇଟ୍‌କ୍ଲବ୍ ମ୍ୟାନେଜର, ଇଭେଣ୍ଟ ମ୍ୟାନେଜର ଓ ଫ୍ରଣ୍ଟ ଅଫିସ୍ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଛି । ଅକ୍ଟୋବର ୧ ରାତିରେ 'ଦି ଲୋକାଲ୍ସ କାଫେ ଆଣ୍ଡ ଲାଉଞ୍ଜ'ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଭାଇରାଲ ଭିଡିଓରେ ଜଣେ ମହିଳା ପାର୍କିଂ ଅଞ୍ଚଳରେ ଭୂମିରେ ପଡ଼ିଥିବା ଦେଖାଯାଉଛି । ଦୁଇଜଣ ମହିଳା ତାଙ୍କୁ ଗୋଇଠା ମାରୁଥିବା ଏବଂ କିଛି ପୁରୁଷ ସେଠାରେ ଠିଆ ହୋଇଥିବା ଦେଖାଯାଇଛି । ଅନ୍ୟ ଏକ ଭିଡିଓରେ ଜଣେ ବ୍ୟକ୍ତି ମହିଳାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିବା ଦେଖାଯାଇଛି । ପ୍ରାଥମିକ ସୂଚନା ଅନୁସାରେ, କ୍ଲବ୍ ଭିତରେ ଜଣେ ବାଉନ୍ସରଙ୍କ ସହ ମହିଳାଙ୍କର ବିବାଦ ହୋଇଥିଲା । ସେ ବିୟର ବୋତଲରେ ବାଉନ୍ସରଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ରହିଛି । ପରେ ବାଉନ୍ସରମାନେ ତାଙ୍କୁ ଚତୁର୍ଥ ମହଲାରୁ ତଳକୁ ନେଇ ପାର୍କିଂ ଅଞ୍ଚଳରେ ମାଡ଼ ମାରିଥିବା ଏବଂ ପୋଷାକ ଖୋଲିଦେଇଥିବା ଅଭିଯୋଗ ହୋଇଛି । ତେବେ ବିବାଦ କିପରି ଆରମ୍ଭ ହୋଇଥିଲା, ତାହା ସ୍ପଷ୍ଟ ହୋଇନାହିଁ । ଗିରଫ ୭ ଜଣଙ୍କ ବୟସ ୨୧ରୁ ୩୦ ବର୍ଷ ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ଘଟଣା ପରେ କ୍ଲବ୍‌ଟି ବନ୍ଦ ଥିବା ଦେଖାଯାଇଥିବା ବେଳେ ପରିଚାଳନା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତି ଦିଆଯାଇନାହିଁ । ପୁଲିସ ଘଟଣାର ସମସ୍ତ ଦିଗ ଯାଞ୍ଚ କରୁଛି ।

ଆମେରିକାରେ ମନ୍ଦିରରେ ଭଙ୍ଗାରୁଜା

ନ୍ୟୁୟର୍କ,୩।୧୦(ଏଜେନ୍ସି): ଆମେରିକାର ଓହାଇଓର ଗ୍ରେଟର କ୍ଲିଭଲ୍ୟାଣ୍ଡ ଅଞ୍ଚଳର ଏକ ହିନ୍ଦୁ ମନ୍ଦିରରେ ଇଟା ମାଡ଼ କରି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ସମୟରେ ମନ୍ଦିର ଭିତରେ ପୂଜକ ଓ କିଛି ଭକ୍ତ ଉପସ୍ଥିତ ଥିଲେ । ଏହି ଘଟଣାରେ ମନ୍ଦିରର କିଛି ଅଂଶ ଓ ଝରକା କ୍ଷତିଗ୍ରସ୍ତ ହୋଇଛି । ହିନ୍ଦୁ ସଂଗଠନ 'କୋଆଲିସନ୍ ଅଫ୍ ହିନ୍ଦୁସ୍ ଅଫ୍ ନର୍ଥ ଆମେରିକା' (କୋହ୍‌ନା) ଅନୁସାରେ, ଶୁକ୍ରବାର ଅପରାହ୍ଣରେ ରିଚମଣ୍ଡ ହାଇଟ୍ସ ଅଞ୍ଚଳର 'ଶ୍ରୀ ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ବଡତାଲଧାମ'ରେ ଏହି ଘଟଣା ଘଟିଥିଲା । ତେବେ ଘଟଣାରେ କେହି ଆହତ ହୋଇଛନ୍ତି କି ନାହିଁ, ସେନେଇ ସୂଚନା ମିଳିନାହିଁ । ଘଟଣାକୁ ନେଇ ସଂଗଠନ ପକ୍ଷରୁ ରିଚମଣ୍ଡ ହାଇଟ୍ସ ମେୟର କିମ୍ ଥୋମାସ ଓ ସ୍ଥାନୀୟ ପ୍ରଶାସନଙ୍କୁ ଘଟଣାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ହିନ୍ଦୁ ଆମେରିକାନ ଫାଉଣ୍ଡେସନ ମଧ୍ୟ ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛି । ସଂଗଠନ ପକ୍ଷରୁ ଏହାକୁ ସମ୍ଭାବ୍ୟ ଘୃଣାଜନିତ ଅପରାଧ ବୋଲି ଉଲ୍ଲେଖ କରାଯାଇ ଘଟଣାର ଭିଡିଓ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ଦାବି କରାଯାଇଛି । ତେବେ ଆକ୍ରମଣର ଉଦ୍ଦେଶ୍ୟ ଓ ଏହା ଘୃଣାଜନିତ ଅପରାଧ କି ନୁହେଁ, ତାହା ତଦନ୍ତରୁ ସ୍ପଷ୍ଟ ହେବ । ଆଗାମୀ ଦିନରେ ନବରାତ୍ରି ଅବସରରେ ହିନ୍ଦୁ ହେରିଟେଜ୍ ମାସ ପାଳନ ପାଇଁ ଓହାଇଓର ଭାରତୀୟ-ଆମେରିକୀୟ ସମୁଦାୟ ପ୍ରସ୍ତୁତି ନେଉଥିବା ସମୟରେ ଏହି ଘଟଣା ଘଟିଛି

ଭାରତ ନିକଟରେ ପ୍ରତିବାଦ ଜଣାଇଲା ପାକିସ୍ତାନ

ଇସ୍‌ଲାମାବାଦ, ୩।୧୦(ଏଜେନ୍ସି): ପଞ୍ଜାବର ତରନତାରନ୍ ନିକଟ ଭାରତ-ପାକିସ୍ତାନ ସୀମାରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଶନିବାର ପାକିସ୍ତାନ ଭାରତୀୟ କୂଟନୀତିଜ୍ଞଙ୍କୁ ଡାକି ପ୍ରତିବାଦ ଜଣାଇଛି । ପାକିସ୍ତାନର ଦାବି, ମୃତ ଦୁଇଜଣ ତା'ର ନାଗରିକ ଏବଂ ସେମାନେ ନିରସ୍ତ୍ର ଥିଲେ । ଭାରତୀୟ ଅଧିକାରୀଙ୍କ ଅନୁଯାୟୀ, ଶୁକ୍ରବାର ପାକିସ୍ତାନ ପଟୁ ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଭାରତୀୟ ସୀମା ଆଡ଼କୁ ଆସୁଥିଲେ । ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ସେମାନଙ୍କୁ ଅଟକିବାକୁ ସତର୍କ କରିଥିଲେ । ଜଣେ ପଛକୁ ଫେରିଯାଇଥିବା ବେଳେ ଅନ୍ୟ ଦୁଇଜଣ ଆଗକୁ ବଢ଼ିବାରୁ ବିଏସ୍‌ଏଫ୍ ଗୁଳି ଚଳାଇଥିଲା । ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ କହିଛି, ମୃତକମାନେ ଭୁଲବଶତଃ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରିଥିବା ସାଧାରଣ ନାଗରିକ । ଘଟଣାର ତୁରନ୍ତ ସ୍ୱଚ୍ଛ ଓ ବିଶ୍ୱସନୀୟ ତଦନ୍ତ ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଘଟଣାର ପ୍ରକୃତ ପରିସ୍ଥିତି ନେଇ ଉଭୟ ପକ୍ଷର ଦାବି ଭିନ୍ନ ରହିଛି ।

ଭଙ୍ଗ ହେଉ ସଂସଦ, ବିଧାନସଭା

ନିର୍ବାଚନ ବେଆଇନ, ବାଲଟ ପେପରରେ ଭୋଟ ହେଉ : କଂଗ୍ରେସ

କଲବୁର୍ଗି,୩।୧୦(ଏଜେନ୍ସି): ଏସଆଇଆର ନାମରେ କୋଟି କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ କାଟି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଯେଉଁ କାଣ୍ଡ କରିଛନ୍ତି, ତାହା ଅକ୍ଷମଣୀୟ । ତାଙ୍କ ଅଧୀନରେ ହୋଇଥିବା ସମସ୍ତ ନିର୍ବାଚନକୁ ବେଆଇନ୍ ବୋଲି ଅଭିହିତ କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ । ତେଣୁ ବାଲଟ୍ ପେପର ମାଧ୍ୟମରେ ସାନି ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି ।

ଆଜି କର୍ଣ୍ଣାଟକର କଲବୁର୍ଗିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଭଙ୍ଗ କରିବା ସହିତ ବାଲଟ୍ ପେପର ମାଧ୍ୟମରେ ନୂତନ ନିର୍ବାଚନ କରାଇବାକୁ ଖଡ଼୍‌ଗେ ଦାବି କରିଛନ୍ତି । ସେ କହିଛନ୍ତି ଯେ ସମଗ୍ର ଦେଶ ବର୍ତ୍ତମାନ ଅବୈଧ ନିର୍ବାଚନ ଦ୍ୱାରା ପରିଚାଳିତ ହେଉଛି । ନିର୍ବାଚନ କମିସନଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ର ଅପବ୍ୟବହାର ନେଇ ସେ ଗୁରୁତର ଅଭିଯୋଗ କରିଛନ୍ତି । କୌଣସି ନିର୍ଦ୍ଦିଷ୍ଟ ବୁଥ୍‌ରୁ ୫୦୦ ଭୋଟରଙ୍କ ନାମ ହଟାଯିବା ତଥା ବିଜେପି-ଆରଏସଏସ କର୍ମୀଙ୍କ ଦ୍ୱାରା ନାମ କାଟିବା ପାଇଁ ପ୍ରୟାସ ହେଉଥିବା ସେ ଅଭିଯୋଗ କରିଛନ୍ତି । ଏହା ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରୁଛି ବୋଲି ସେ ଦର୍ଶାଇଛନ୍ତି । ଖଡ଼୍‌ଗେ ୨୦୨୩ର ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟାନ୍ୟ ନିର୍ବାଚନ କମିସନର ନିଯୁକ୍ତି ଆଇନକୁ କଡ଼ା ସମାଲୋଚନା କରିଛନ୍ତି । ଏହି ଆଇନରେ ଚୟନ କମିଟିରୁ ଭାରତର ମୁଖ୍ୟ ବିଚାରପତିଙ୍କୁ ହଟାଇ ଜଣେ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାସହ ବର୍ତ୍ତମାନର ଏବଂ ପୂର୍ବତନ କମିସନରମାନଙ୍କ ବିରୋଧରେ ଦେୱାନୀ କିମ୍ବା ଫୌଜଦାରୀ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପ୍ରଦାନ କରାଯାଇଛି । ଏପରି ବ୍ୟବସ୍ଥା ଗଣତନ୍ତ୍ରକୁ ଦୁର୍ବଳ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ନିର୍ବାଚନ କମିସନଙ୍କ ଆଭ୍ୟନ୍ତରୀଣ ମତଭେଦ ସମ୍ପର୍କରେ ସେ ପ୍ରଶ୍ନ ଉଠାଇଛନ୍ତି । ଦୁଇଜଣ ନିର୍ବାଚନ କମିସନର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଚିଠି ଲେଖିଥିଲେ ମଧ୍ୟ ସେଗୁଡ଼ିକର କୌଣସି ସମାଧାନ କରାଯାଇ ନାହିଁ । ଏହି ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ନିଜର ଆନ୍ଦୋଳନକୁ ଆହୁରି ତୀବ୍ର କରିବ । ଅକ୍ଟୋବର ୬ରେ ବିରୋଧୀ ସାଂସଦମାନେ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିବେ ବୋଲି ସେ କହିଛନ୍ତି ।

'ସତ୍ୟାଗ୍ରହ' ଅଭିଯାନ ଆରମ୍ଭ କଲେ ରାହୁଲ

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଦେଶର ବିଭିନ୍ନ ସ୍ଥାନରେ ଅନ୍ୟାୟ ବିରୋଧରେ ଲଢୁଥିବା ଲୋକଙ୍କ ସ୍ୱରକୁ ଏକାଠି କରିବା ପାଇଁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ସତ୍ୟାଗ୍ରହ' ନାମରେ ଏକ ନୂଆ ପଦକ୍ଷେପ ଆରମ୍ଭ କରିଛନ୍ତି । ସେ ଅନ୍ୟାୟ, ଅଧିକାର ଓ ସଂଘର୍ଷ ସମ୍ପର୍କିତ ନିଜ ଅନୁଭୂତି ଓ ସମସ୍ୟା ତାଙ୍କ ପାଖକୁ ପଠାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ରାହୁଲ କହିଛନ୍ତି, ଦେଶରେ ଅନେକ ଲୋକ ନିଜ ଅଧିକାର ପାଇଁ ଏକାକୀ ସଂଘର୍ଷ କରୁଛନ୍ତି । ଏହି ସମସ୍ତ ସ୍ୱରକୁ ଏକାଠି କରିବା ହେଉଛି 'ସତ୍ୟାଗ୍ରହ' ପଦକ୍ଷେପର ଉଦ୍ଦେଶ୍ୟ । ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ପରମ୍ପରା ସହ ଏହି ଅଭିଯାନକୁ ସେ ଯୋଡ଼ିଛନ୍ତି । ଗାନ୍ଧୀଙ୍କୁ ଜମି, ସମ୍ପତ୍ତି, କାରାଗାର ଓ ଅନ୍ୟାୟ ସମ୍ପର୍କିତ ହଜାର ହଜାର ଚିଠି ମିଳୁଥିବା ଉଲ୍ଲେଖ କରାଯାଇଛି । ଏହି ସମୟରେ ନିର୍ବାଚନ କମିଶନ ଓ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ବିବାଦ ଜାରି ରହିଛି । 'ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନେଇ ୧୦ ମାସରେ ଅତି କମ୍ ୧୪ ଥର ଆପତ୍ତି ଦର୍ଜ କରିଥିଲେ । ଏଥିରେ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତଥ୍ୟଭଣ୍ଡାରର ନିୟନ୍ତ୍ରଣ, ପଶ୍ଚିମବଙ୍ଗରେ ନାମ ବାଦ୍ ନେଇ ଆପତ୍ତି ଏବଂ ଗୋଆରେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ ନହେବା ଭଳି ପ୍ରସଙ୍ଗ ରହିଥିଲା ।

ଫ୍ରାନ୍ସରେ ଛାତ୍ର ଆନ୍ଦୋଳନ, ୪୦୦ ସ୍କୁଲ୍ ବନ୍ଦ

ପ୍ୟାରିସ୍,୩।୧୦(ଏଜେନ୍ସି): ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଭଲ ପରିସ୍ଥିତି ଦାବିରେ ଫ୍ରାନ୍ସରେ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ତୀବ୍ର ହୋଇଛି । ଶୁକ୍ରବାର ବିଭିନ୍ନ ସହରରେ ଛାତ୍ରମାନେ ସ୍କୁଲ୍ ପ୍ରବେଶପଥ ଅବରୋଧ କରିବା ସହ ନିଆଁ ଲଗାଇଥିବା ଓ ପୁଲିସ ଉପରକୁ ବସ୍ତୁ ଫିଙ୍ଗିଥିବା ରିପୋର୍ଟ ମିଳିଛି । ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ୍ ବ୍ୟବହାର କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଶୁକ୍ରବାର ପ୍ରାୟ ୪୦୦ ସ୍କୁଲ୍ ବନ୍ଦ ରହିଥିବା ବେଳେ ଦେଶର ୩,୭୦୦ ହାଇସ୍କୁଲ୍ ମଧ୍ୟରୁ ୫୬୪ଟିରେ ପାଠପଢ଼ା ପ୍ରଭାବିତ ହୋଇଛି । ଛାତ୍ରମାନେ ଦୀର୍ଘ ସ୍କୁଲ୍ ସମୟ, ଅତ୍ୟଧିକ ଗରମ ଶ୍ରେଣୀଗୃହ, ଅପର୍ଯ୍ୟାପ୍ତ ସୁବିଧା ଓ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷରେ ସରକାର ଛାତ୍ରଙ୍କ ଦାବି ରଖିବା ଅଧିକାରକୁ ସ୍ୱୀକାର କରିଥିଲେ ମଧ୍ୟ ହିଂସାକୁ ନିନ୍ଦା କରିଛି । ଆନ୍ଦୋଳନ ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରୁଥିବା ନେଇ ଛାତ୍ରଙ୍କ ଅଭିଯୋଗ ରହିଛି । ଏହା ମଧ୍ୟରେ ପୁଲିସ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଜଣେ ୧୭ ବର୍ଷୀୟ ଛାତ୍ର ଗିରଫ ହୋଇଛନ୍ତି । ଆନ୍‌ଦୋଳନ ଆରମ୍ଭଠାରୁ ପ୍ରାୟ ୨,୦୦୦ ଜଣଙ୍କୁ ପୁଲିସ ହେପାଜତକୁ ନେଇଥିବା ନ୍ୟାୟମନ୍ତ୍ରୀ କହିଛନ୍ତି ।

ତିରୁପତି କାରଖାନାରେ ବିସ୍ଫୋରଣ, ୫ ମୃତ

ତିରୁପତି, ୩।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ଶ୍ରୀ ସିଟିରେ ଥିବା ଏକ ଫାର୍ମା କାରଖାନାରେ ବଏଲର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଆଉ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି । ସତ୍ୟବେଡୁ ମଣ୍ଡଳ ଅଞ୍ଚଳରେ ଦୁର୍ଘଟଣାର ଖବର ପାଇବା ପରେ ପୁଲିସ ଓ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍‌କାର୍ଯ୍ୟ ଆରମ୍ଭ କରିଥିଲେ । ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ କାରଖାନାର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି । ଭଙ୍ଗା ଅବଶେଷ ତଳେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି । ଅଧିକାରୀମାନେ କହିଛନ୍ତି, ତଦନ୍ତ ଶେଷ ହେବା ପରେ ହିଁ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ ।

ସ୍ୱତନ୍ତ୍ର ଡ୍ରୋନ୍ ବାହିନୀ ଗଠନ ହେବନି: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଭାରତୀୟ ବାୟୁସେନାରେ ଡ୍ରୋନ ପାଇଁ ଅଲଗା ବାହିନୀ ଗଠନ କରାଯିବ ନାହିଁ ବୋଲି ବାୟୁସେନା ମୁଖ୍ୟ ଏୟାର୍ ଚିଫ୍ ମାର୍ଶାଲ୍ ଏପି ସିଂହ କହିଛନ୍ତି । ଡ୍ରୋନ ଓ ଲୋଇଟରିଂ ମ୍ୟୁନିସନ୍‌କୁ ଅନ୍ୟ ଅସ୍ତ୍ର ଓ ଯୁଦ୍ଧ ପ୍ରଣାଳୀ ସହ ସମନ୍ୱୟ କରି ବ୍ୟବହାର କରାଗଲେ ଅଧିକ ପ୍ରଭାବଶାଳୀ ହେବ ବୋଲି ସେ କହିଛନ୍ତି । ବାୟୁସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ବାୟୁସେନାରେ ଦୀର୍ଘଦିନ ଧରି ଡ୍ରୋନ୍ ପ୍ରଯୁକ୍ତି ରହିଛି ଏବଂ ଏବେ ଏହାର ସଂଖ୍ୟା ଓ କ୍ଷମତା ବଢ଼ାଯାଉଛି । ଏହାସହ ବାୟୁସେନାର ଯୁଦ୍ଧବିମାନ ସଂଖ୍ୟା ହ୍ରାସ ପାଉଥିବା ସେ ସ୍ୱୀକାର କରିଛନ୍ତି । ତେଜସ୍ ମାର୍କ-୧ଏ, ଏମ୍‌ଆର୍‌ଏଫ୍‌ଏ ଓ ମାର୍କ-୨ ଭଳି ବିମାନ ମାଧ୍ୟମରେ ଏହି ଅଭାବ ପୂରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଏଏମ୍‌ସିଏରେ ଅଧିକ ବିଳମ୍ବ ହେଲେ ବିକଳ୍ପ ଉପରେ ବିଚାର କରାଯାଇପାରେ ବୋଲି ସେ କହିଛନ୍ତି । ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କ ସାହସ ଓ ମାନସିକ ଦୃଢ଼ତାକୁ ମଧ୍ୟ ଏପି ସିଂହ ପ୍ରଶଂସା କରିଛନ୍ତି ।

ତୁର୍କୀରୁ ଭାରତ ଅଣାଗଲା ଡ୍ରଗ୍ କିଙ୍ଗପିନ୍

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ମାମଲାରେ ଭାରତୀୟ ଏଜେନ୍ସିଗୁଡ଼ିକ ଖୋଜୁଥିବା ନବପ୍ରୀତ ସିଂହଙ୍କୁ ତୁର୍କୀରୁ ଭାରତ ଅଣାଯାଇଛି । ତାଙ୍କୁ ଭାରତରେ ପହଞ୍ଚିବା ପରେ ହେପାଜତକୁ ନିଆଯାଇଥିବା ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି । ତଦନ୍ତକାରୀ ଏଜେନ୍ସିଙ୍କ ଅନୁଯାୟୀ, ନବପ୍ରୀତ ନକଲି ପରିଚୟ 'ନବାବ ବିର୍କ' ନାମରେ ତୁର୍କୀ ନାଗରିକତା ହାସଲ କରିଥିଲେ । ସେ ବିଦେଶରୁ ଭାରତକୁ ହେରୋଇନ୍ ଓ ମେଥାମ୍‌ଫେଟାମିନ୍ ଭଳି ନିଶାଦ୍ରବ୍ୟ ଚାଲାଣ ନେଟୱର୍କ ପରିଚାଳନା କରୁଥିବା ଅଭିଯୋଗ ରହିଛି । ଅମିତ ଶାହ କହିଛନ୍ତି, ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କ ପ୍ରକୃତ ପରିଚୟ ଠାବ କରି ତୁର୍କୀରୁ ତାଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ୨୦୧୯ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଭାରତ ୩୬ଟି ଦେଶରୁ ୨୮୮ ଜଣ ପଳାତକଙ୍କୁ ଫେରାଇ ଆଣିଛି । ୨୦୨୫ ଜାନୁଆରୀରେ ଆରମ୍ଭ ହୋଇଥିବା 'ଭାରତପୋଲ୍' ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହ ତଥ୍ୟ ଆଦାନପ୍ରଦାନ ଦ୍ରୁତ ହୋଇଥିବା ସରକାର କହିଛି ।

ଆଉ ୭ ଦିନରେ ଯନ୍ତରମନ୍ତର-୨, ବଡ଼ ପ୍ରତିବାଦ ପାଇଁ କକ୍ରୋଚ୍ ପାର୍ଟିର ପ୍ରସ୍ତୁତି

- ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୧୦ରେ ଆନ୍ଦୋଳନ
- ଜୁଲାଇ ୨୦ର ଘଟଣା ନଦୋହରାଇବାକୁ ପୁଲିସକୁ ଚେତାବନୀ

ନୂଆଦିଲ୍ଲୀ,୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଘୋଷଣା କରିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି) । ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ ଆସନ୍ତା ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ବଡ଼ ଧରଣର ପ୍ରତିବାଦ କରାଯିବ ବୋଲି ଦଳର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ଘୋଷଣା କରିଛନ୍ତି । ମୁମ୍ବାଇର ଶିବାଜୀ ପାର୍କରେ ଅକ୍ଟୋବର ୨ରେ ହୋଇଥିବା ବିକ୍ଷୋଭ ପରେ ସିଜେପି ପକ୍ଷରୁ ଏହି ଘୋଷଣା କରାଯାଇଛି । ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ କଥିତ ଅନିୟମିତତା ଥିବା ଅଭିଯୋଗ କରି ସିଜେପି ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରୁଛି । ଦିପ୍‌କେ ସୋସିଆଲ ମିଡିଆରେ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ ଦେଶର ବିଭିନ୍ନ ସ୍ଥାନରୁ ତାଙ୍କ ସମର୍ଥକମାନେ ଦିଲ୍ଲୀ ଯନ୍ତରମନ୍ତରରେ ପ୍ରତିବାଦ କରିବେ । ଦିଲ୍ଲୀ ପୁଲିସ ଯଦି ଆନ୍ଦୋଳନକାରୀଙ୍କୁ ଯନ୍ତରମନ୍ତର ଯିବାରେ ଅଟକାଏ, ତେବେ ଯେଉଁ ସ୍ଥାନରେ ସେମାନଙ୍କୁ ଅଟକାଯିବ, ସେହି ସ୍ଥାନକୁ ଯନ୍ତରମନ୍ତର ଭାବେ ଧରି ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ତେବେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ରହିବ ବୋଲି ଦିପ୍‌କେ ଦାବି କରିଛନ୍ତି । ମହାତ୍ମା ଗାନ୍ଧୀଙ୍କ ଦେଖାଇଥିବା ଅହିଂସାର ପଥରେ ଆନ୍ଦୋଳନ କରାଯିବ ବୋଲି ସେ କହିବା ସହ ଜୁଲାଇ ୨୦ରେ ଦିଲ୍ଲୀରେ ଘଟିଥିବା ଘଟଣା ପୁଣି ନଘଟାଇବାକୁ ସରକାର ଓ ପୁଲିସକୁ ଆହ୍ୱାନ ଦେଇଛନ୍ତି । ସିଜେପିର ନୂଆ ଅନ୍ଦୋଳନ ଘୋଷଣାରେ ଜୁଲାଇ ୨୦ର ଦିଲ୍ଲୀ ଘଟଣାର ଉଲ୍ଲେଖ ବିଶେଷ ଗୁରୁତ୍ୱ ପାଇଛି । ସେହି ଦିନ ପାର୍ଲାମେଣ୍ଟ ଅଭିମୁଖେ ଯାଉଥିବା ଛାତ୍ର ପ୍ରତିବାଦକାରୀ ଓ ପୁଲିସ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହି ଘଟଣାରେ କିଛି ଛାତ୍ର ଏବଂ ଦିଲ୍ଲୀ ପୁଲିସ, ରାପିଡ୍ ଆକ୍ସନ୍ ଫୋର୍ସ ଓ ସିଆରପିଏଫ୍‌ର କିଛି କର୍ମଚାରୀ ଆହତ ହୋଇଥିବା ରିପୋର୍ଟ ଆସିଥିଲା । ପରେ କିଛି ଭିଡିଓ ଓ ଫଟୋ ସାମ୍ନାକୁ ଆସିବା ପରେ ଆନ୍ଦୋଳନକାରୀଙ୍କ ଉପରେ ଧାତବ ପେଲେଟ୍ ବ୍ୟବହାର ହୋଇଥିବା ନେଇ ଅଭିଯୋଗ ଉଠିଥିଲା । ଏହି ଘଟଣା ଅଗଷ୍ଟରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ହିଂସା ଓ ପୁଲିସର କଥିତ ଅତ୍ୟଧିକ ବଳ ପ୍ରୟୋଗ ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ଖବରରେ କୁହାଯାଇଛି ।

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-101 ◆SUNDAY ◆04 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୧ ◆ରବିବାର ◆୦୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଇଭି ନୀତିର ଅବଧି ବଢ଼ିଲା

■ ଭୁବନେଶ୍ୱର, ୩।୧୦ (ସମିସ): ରାଜ୍ୟରେ ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ପରିବହନ ବ୍ୟବସ୍ଥା ଦିଗରେ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ନୀତି-୨୦୨୧ର ବୈଧତା ଅବଧି ବଢ଼ାଇଛନ୍ତି। ଏହି ନୀତି ଏଣିକି ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇଲେକ୍ଟ୍ରିକ୍ ଯାନର ପ୍ରସାର, ସ୍ୱଚ୍ଛ ପରିବହନକୁ ପ୍ରୋତ୍ସାହନ ଏବଂ ରାଜ୍ୟରେ ଇଭି ଇକୋସିଷ୍ଟମ୍‌ର ବିକାଶ ଦିଗରେ ଏହି ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି।

ଦୁବାଇ-ଇସ୍ରାଏଲ ବିମାନ ଅଘଟଣ ପଛରେ ଆତଙ୍କୀ ଲିଙ୍କ୍

■ ଦୁବାଇ, ୩।୧୦ (ଏଜେନ୍ସି): ଫ୍ଲାଇଦୁବାଇର ଏଫ୍‌ଜେଡ୍-୧୦୭୩ ବିମାନର କକପିଟ୍‌ରେ ସହ-ପାଇଲଟ୍‌ଙ୍କ ଆକ୍ରମଣ ଘଟଣାକୁ 'ଆତଙ୍କବାଦୀ କାର୍ଯ୍ୟ' ବୋଲି ସ୍ୱୀକାର କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାର। ୟୁଏଇ ଆଟର୍ଣ୍ଣି ଜେନେରାଲଙ୍କ କହିବା ଅନୁସାରେ, ଓମାନୀ ନାଗରିକ ଥିବା ସହ-ପାଇଲଟ୍ କକପିଟ୍‌ରେ ଜରୁରୀକାଳୀନ ଅସ୍ତ୍ରରେ ଭାରତୀୟ କ୍ୟାପ୍ଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିବା ପରେ ବିମାନର ନିୟନ୍ତ୍ରଣ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାରତୀୟ ପାଇଲଟଙ୍କ ସାହାସ ଯୋଗୁଁ ବଡ଼ ଅଘଟଣରୁ ବର୍ତ୍ତିଯାଇଥିଲା ବିମାନ। ସେପ୍ଟେମ୍ବର ୩୦ରେ ଦୁବାଇରୁ ଇସ୍ରାଏଲର ତେଲ ଆଭିଭ୍ ଯାଉଥିବା ଏହି ବିମାନରେ ୧୭୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଥିଲେ। ଆକ୍ରମଣ ପରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ହସ୍ତକ୍ଷେପ କରି ସହ-ପାଇଲଟ୍‌ଙ୍କୁ କାବୁ କରିଥିଲେ। ପରେ ବିମାନଟି ସାଉଦି ଆରବର ତାବୁକ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା।

ଅପହରଣ ଉଦ୍ୟମ କରିଥିଲା ଓମାନୀ କୋ-ପାଇଲଟ୍: ୟୁଏଇ

ୟୁଏଇ ଆଟର୍ଣ୍ଣି ଜେନେରାଲ କହିଛନ୍ତି, ଘଟଣା ପଛରେ ଥିବା ଯୋଜନା, ଉଦ୍ଦେଶ୍ୟ ଓ ଅନ୍ୟ କୌଣସି ସମ୍ପର୍କ ଖୋଜିବା ପାଇଁ ତଦନ୍ତ ଜାରି ରହିଛି। ଭୌତିକ ଓ ଡିଜିଟାଲ ପ୍ରମାଣର ମଧ୍ୟ ବିଶ୍ଳେଷଣ କରାଯାଉଛି। ତେଣୁ ଘଟଣାର ସମ୍ପୂର୍ଣ୍ଣ ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍କର୍ଷ ତଦନ୍ତ ଶେଷ ପରେ ହିଁ ସ୍ପଷ୍ଟ ହେବ। ୟୁଏଇର ସାଧାରଣ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଭାରତୀୟ କ୍ୟାପ୍ଟେନ ସ୍ମିତ ମଚ୍ଛାର ଓ ଅନ୍ୟ କ୍ରୁ ସଦସ୍ୟଙ୍କ ସାହସ ଏବଂ ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କର୍ତ୍ତୃପକ୍ଷଙ୍କ ଅନୁସାରେ, ସ୍ମିତ ମଚ୍ଛର ସୁରକ୍ଷିତ ଭାବେ ୟୁଏଇ ଫେରିଛନ୍ତି ଏବଂ ଚିକିତ୍ସାଧୀନ ଅଛନ୍ତି। ଘଟଣାରେ ସହ-ପାଇଲଟ୍‌ଙ୍କ ପରିଚୟ ଜଣେ ଓମାନୀ ନାଗରିକ ଭାବେ ରିପୋର୍ଟ ହୋଇଛି। ତେବେ ତାଙ୍କ ପୃଷ୍ଠଭୂମି, ସମ୍ଭାବ୍ୟ ଉଦ୍ଦେଶ୍ୟ ଓ ଘଟଣା ପୂର୍ବର ପରିସ୍ଥିତି ସମ୍ପର୍କରେ ବିଭିନ୍ନ ଦାବି ଆସିଥିଲେ ମଧ୍ୟ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ ବୋଲି ଧରାଯାଇନାହିଁ।

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
30 PURPOSE TO PEARL 1997 - 2027

22nd ANNUAL CONVOCATION 2026

3 - 5 October, 2026 KIIT Convention Centre

Gracious Presence following Personalities

His Excellency
Shri Nand Kishore Yadav
Hon'ble Governor, Nagaland

Dr. Ashok Kumar Lahiri
Hon'ble Vice Chairperson, NITI Aayog, Government of India

Prof. Gobardhan Das
Hon'ble Member, NITI Aayog, Government of India

Congressman Michael Baumgartner
Hon'ble Member, United States House of Representatives

Dr. Brock Tessman
President, Montana State University, USA

MONTANA STATE UNIVERSITY, USA
- **Prof. Dilpreet Bajwa** Dept. Head, Mech. & Ind. Engg.
- **Dr. Sally Mudiamu** Dean, Intl. Prog. & Global Engagement
- **Mr. James Tobin**

ROMANIA
- **Prof. Cezar Ionut Spînu** Rector, University of Craiova
- **Ms. Lia Olguta Vasilescu** Mayor, City of Craiova
- **Ms. Alina Sorina Spînu**
- **Ms. Lidia Ramona Cazacu**
- **Dr. Ion Sorin Cazacu**

DOMINICAN REPUBLIC
- **Mr. Erik Federico Pérez Vega** Rector, APEC University
- **Mrs. Ana María Pérez Mateo**

ARGENTINA
- **Mr. Jorge Calzoni** Rector, National University of Avellaneda (UNDAV)
- **Dr. Juan Francisco Petrillo**
- **Mr. Santiago Tangir**

This year, the **KIIT Convocation** will be held over three days from **3rd - 5th October 2026**, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ସକାଳ
THE SAKALA

www.sakalaepaper.com

ଶଳାର ଠେଙ୍ଗା ମାଡ଼ରେ ଭିଣୋଇଙ୍କ ମୃତ୍ୟୁ; ଅଭିଯୁକ୍ତ ଅଟକ

ଯୋଡ଼ା/ବକକକକଡ଼ବିଲ, ୩।୧୦ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଶଳାଙ୍କ ଠେଙ୍ଗା ମାଡ଼ରେ ଭିଣୋଇ ବନମାଳି ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବଡ଼ବିଲ ପୁଲିସ ଅଭିଯୁକ୍ତ ଅଜୟଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଉଲିବୁରୁ ଗ୍ରାମର ବାସିନ୍ଦା ବନମାଳି ମୁଣ୍ଡା ଓ ତାଙ୍କ ପତ୍ନୀ ସୁକମତି ମୁଣ୍ଡାଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେବା ସହ ମାରପିଟ୍ ହେଉଥିବା ଅଭିଯୋଗ ରହିଥିଲା। ଏନେଇ ସୁକମତି ନିଜ ବାପ ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ପରିବାର ସଦସ୍ୟମାନେ ବନମାଳିଙ୍କୁ ବୁଝାଇବା ପାଇଁ ତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ଉଭୟ ପରିବାରର ସଦସ୍ୟଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ କୌଣସି କଥାକୁ ନେଇ ବନମାଳି ଓ ତାଙ୍କ ଶଳା ଅଜୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଜୟ ଏକ ଠେଙ୍ଗାରେ ବନମାଳିଙ୍କ ମୁଣ୍ଡକୁ ଆଘାତ କରିଥିବା ଅଭିଯୋଗ ହୋଇଛି। ଫଳରେ ଘଟଣାସ୍ଥଳରେ ହିଁ ବନମାଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅଜୟଙ୍କୁ ଅଟକ ରଖିଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଆନନ୍ଦପୁର, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନାଞ୍ଚଳରେ ଜଣେ ଯୁକ୍ତ ୩ ଛାତ୍ରୀଙ୍କୁ ରାସ୍ତାରୁ ଟେକିନେଇ ଏକ ହୋଟେଲ ଭିତରେ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ମୁଣ୍ଡକାଟି ଗ୍ରାମର ଅଭିଯୁକ୍ତ ରଶ୍ମିରଞ୍ଜନ ସେଠୀ (୨୯)କୁ ଗିରଫ କରି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ ସିଆଇଏସଏଫର ଜଣେ ଯବାନ। ଛାତ୍ରୀ ଜଣକ କଲେଜ ଯାଉଥିବା ବେଳେ ଅଭିଯୁକ୍ତ ଯବାନ ଜଣକ କୌଣସି ବାହାନା କରି ବସରୁ ଡ଼ାକିନେଇ ଶାଳବଣି ଛକରେ ଥିବା ହୋଟେଲକୁ ନେଇଯାଇ ସେଠାରେ ଦୁଷ୍କର୍ମ କରିଥିଲା। ପରେ ପୀଡ଼ିତା ଜଣକ କୌଣସି ମତେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ସୋସୋ ଥାନାକୁ ଯାଇ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଆନନ୍ଦପୁର କୋର୍ଟକୁ ଚାଲାଣ କରିଛି।

ଚଅମୁଇଁରେ ପୁଲିସ୍‌କୁ ଆକ୍ରମଣ; ୪ ଅଟକ

ଆନନ୍ଦପୁର, ୩।୧୦ ସମିସ): ଖୁଦୁରୁକୁଣି ମେଢ ଭଷାଣ ସମୟରେ ପୁଲିସ୍ ଉପରେ ଆକ୍ରମଣ ହୋଇଛି। ଏଥିରେ ଜଣେ କାର୍ଯ୍ୟରତ ଏସ୍‌ଆଇ ଆହତ ହୋଇଥିବା ବେଳେ ଏହି ଘଟଣାକୁ ନେଇ ପୁଲିସ ୪ ଜଣଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା ଚଳାଇଛି। ଘଷିପୁରା ଥାନା ଅନ୍ତର୍ଗତ ଚଉମୁହଁ ଗାଁରେ ଗତକାଲି ରାତିରେ ଖୁଦୁରୁକୁଣି ଭଷାଣ ପ୍ରସେସନ ଚାଲିଥିବା ବେଳେ ରାତି ୧୦ଟା ପରେ ବନ୍ଦ କରିବାକୁ ଉପସ୍ଥିତ ପୁଲିସ୍ କର୍ମଚାରୀ କହିବାରୁ ଆରମ୍ଭ ହୋଇଥିଲା ଯୁକ୍ତିତର୍କ। ଖବରପାଇ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରୁଥିବା ସମୟରେ ପୁଲିସ୍ ଉପରେ ହୋଇଥିଲା ଆକ୍ରମଣ। ଏହି ଘଟଣାରେ ଜଣେ ଏସଆଇଙ୍କ ମୁଣ୍ଡ ଫାଟିଥିବାବେଳେ ଦୁଇଜଣ କନେଷ୍ଟବଲ ସାମାନ୍ୟ ଆହତ ହୋଇଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

ସାହାରପଡା ଫାଣ୍ଡି ଅଧିକାରୀ ନିଲମ୍ବିତ

ତୁରୁମୁଙ୍ଗା, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମଙ୍କୁ ଶନିବାର କେନ୍ଦୁଝର ଏସ୍‌ପି ନିତିନ କୁଶଲକର ଦାଗୁଡୁ ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା ଯୋଗୁଁ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡିଛି। ତୁରୁମୁଙ୍ଗା ଥାନାଞ୍ଚଳର କେନ୍ଦେଇପଶି ନିକଟ ହନୁମାନ ଛକ ନିକଟରେ ବ୍ୟବସାୟୀ ତିଲୋଚନ ମହାନ୍ତଙ୍କ ହତ୍ୟାକାଣ୍ଡ ପରେ କେନ୍ଦୁଝର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂକୁ କଡ଼ାକଡ଼ି କରାଯାଉଛି। ଶନିବାର ସକାଳ ୯ଟାରୁ ୨ଟା ପର୍ଯ୍ୟନ୍ତ ଚେକିଂ ବ୍ଲକିଂ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ଦେଓ ନଦୀରେ ଚେକିଂ ଓ ବ୍ଲକିଂ ଦାୟିତ୍ୱରେ ଥିବା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ୨ଟା ପୂର୍ବରୁ ସେ ଫାଣ୍ଡିକୁ ଚାଲି ଆସିଥିଲେ। ଏସପି ନିଜେ କରଞ୍ଜିଆ ପଟରୁ ସାହାରପଡା ଆଡ଼କୁ ଆସୁଥିବା ସମୟରେ ଦେଓ ନଦୀ ନିକଟ ଚେକ୍ ପୋଷ୍ଟରେ ଫାଣ୍ଡି ଅଧିକାରୀ ନଥିବାରୁ ତାଙ୍କୁ ନିଲମ୍ବିତ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମୀଙ୍କ ବୈଠକ

ଚମ୍ପୁଆ, ୩।୧୦(ସମିସ): ରିମୁଳି ଉଚ୍ଚବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆବାହକ ଗୌରହରି ଗିରି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ସଂଯୋଜକ କ୍ଷୀରୋଦ କୁମାର ରାଉତ ଅଷ୍ଟମ ବେତନ କମିଶନ ଓ ପେନସନ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମହନ୍ତ ୬୫, ୭୦, ୭୫ ଓ ୮୦ ବର୍ଷ ବୟସରେ ପେନସନରେ ୫ ପ୍ରତିଶତ କରି ବର୍ଦ୍ଧିତ ପେନସନ ପ୍ରଦାନ କରିବାକୁ ଦାବି ଉଠାଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ କଳାକାର ମହନ୍ତଙ୍କୁ ସଭାପତି, କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ମହନ୍ତ, ଶାନ୍ତନୁ ପ୍ରଧାନ ଓ ରାମାକାନ୍ତ ପ୍ରଧାନଙ୍କୁ ଉପସଭାପତି, ଗୌରହରି ଗିରିଙ୍କୁ ସମ୍ପାଦକ, ରାଘବ ଗିରି ଓ ମକରଧ୍ୱଜ ଗିରିଙ୍କୁ ଯୁଗ୍ମ ସମ୍ପାଦକ ଏବଂ ମୁରଲୀ ମହାରଣାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। କମିଟିର ପରାମର୍ଶଦାତା ଭାବେ ଭୀମସେନ ମହନ୍ତ, କାଶୀନାଥ ମହନ୍ତ ଓ ଶ୍ରୀଚରଣ ରାଉତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

୧୨ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା, ଯୋଗଦେଲେ ୭୫୦ରୁ ଉର୍ଦ୍ଧ୍ୱ

ଚମ୍ପୁଆ, ୩।୧୦(ସମିସ): କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଆଦେଶକ୍ରମେ ଗାନ୍ଧୀ ଜୟନ୍ତୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ରରୁଆଁ ବ୍ଲକର ୧୨ଟି ଗ୍ରାମପଞ୍ଚାୟତରେ 'ପିପୁଲସ ପ୍ଲାନ କ୍ୟାମ୍ପେନ' ଓ 'ରିଫର୍ମ ଉତ୍ସବ' ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚମାନେ ସଭାରେ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, କୋଷାଧ୍ୟକ୍ଷ ତଥା ଡାଟା ଏଣ୍ଟ୍ରି ଅପରେଟର, ଏଇ, ଜେଇ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ। ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା ଅଙ୍ଗାରପଦା ଗ୍ରାମପଞ୍ଚାୟତରେ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଦର୍ଶନ କରିଥିଲେ। ଜନପ୍ରତିନିଧି, ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ନିଜ ନିଜ ମତାମତ ରଖିଥିଲେ। ପ୍ରାୟ ୭୫୦ ପଞ୍ଚାୟତ ସଭ୍ୟସଭ୍ୟା, ମିଶନ ଶକ୍ତି ସଦସ୍ୟ, ଏମ୍‌ବିକେ, ସିଆର୍‌ପି ଓ ସାଧାରଣ ଲୋକେ ଏଥିରେ ଯୋଗଦେଇଥିଲେ। ଏଡିଇଓ ଗିରିଜା ଶଙ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ୟବସାୟୀଙ୍କଠାରେ ବନ୍ଧା ପଡ଼ିଛି ଅବକାରୀ ନିୟମ

ସରକାରୀ ଜମିରେ ଧକୋଠା ମଦଦୋକାନ

ଆନନ୍ଦପୁର, ୩।୧୦ (ସମିସ):

କେନ୍ଦୁଝର ଜିଲ୍ଲାରେ ସରକାରଙ୍କ ଅବକାରୀ ଆଇନ ମଦ ବ୍ୟବସାୟୀଙ୍କ ନିକଟରେ ବନ୍ଧା ପଡିଥିବା ଅଭିଯୋଗ ହୋଇଛି। ଆଜିକୁ ୫ ବର୍ଷହେବ ସରକାରୀ ଜମିରେ ବିଦେଶୀ ମଦ ଦୋକାନ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କିପରି ଉକ୍ତ ବ୍ୟବସାୟୀଙ୍କ ଲାଇସେନ୍ସକୁ ନବୀକରଣ କରୁଛନ୍ତି ସେନେଇ ସନ୍ଦେହ ପ୍ରକଟ ହୋଇଛି। ଆନନ୍ଦପୁରର ଧକୋଠା ବଦେଶୀ ମଦ ଦୋକାନ ଭାଲୁକୁମା ମୌଜାର ପ୍ଲଟ ନମ୍ବର ୩୫୪ ଖାତା ନମ୍ବର ୧୧୬ର ପୂର୍ତ୍ତ ବିଭାଗର ଏହି ସରକାରୀ ଜମିରେ ଆଜିକୁ ୫ବର୍ଷ ଚାଲିଛି। ଇତିମଧ୍ୟରେ ଏକାଧିକ ଅବକାରୀ ଅଧୀକ୍ଷକ ଯାଇଥିଲେ ମଧ୍ୟ ଆବଶ୍ୟକୀୟ ପ୍ରମାଣପତ୍ର ତଦାରଖ କରୁ ନଥିଲେ କାହିଁକି ବୋଲି ସାଧାରଣରେ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନର କଟକଣା ଓ ଅବକାରୀ ବିଭାଗର ଲଗାମ ସତ୍ତ୍ୱେ ଆନନ୍ଦପୁର ଅଞ୍ଚଳରେ ବିଦେଶୀ ମଦ ଦୋକାନ କେଉଁଠି ସରକାରୀ ଜମିରେ ତ ପୁଣି କେଉଁଠି କଣ୍ଟେନରରେ ପୁଣି କେଉଁଠି ବିବାଦୀୟ ସ୍ଥାନରେ ଚାଲୁଥିବା ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ନାଲି ଫିତା ତଳେ ଚାପି ହୋଇଯାଇଛି। ଯାହାକି ଅବକାରୀ ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ପ୍ରଶାସନିକ କଟକଣାକୁ ଆନନ୍ଦପୁର ଅଞ୍ଚଳର ବିଦେଶୀ ମଦ ଦୋକାନ ପଟାଦାରମାନେ ମାନୁ ନଥିବା ଧାରଣରେ ଆଲୋଚନାର ବିଷୟ ହୋଇଛି। ଏନେଇ ଅବକାରୀ ଥାନା ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କହିଥିଲେ ଯେ ଲାଇସେନ୍ସପ୍ରାପ୍ତ ପଟାଦାରମାନଙ୍କ ଜମିଜମା ସଂକ୍ରାନ୍ତ ତଦନ୍ତ କରାଯାଇ ଖୁବଶୀଘ୍ର ଏହାର ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମତ୍ସ୍ୟବିଭାଗ ଅବସରପ୍ରାପ୍ତ ଅଧିକାରୀଙ୍କ ଜିଲ୍ଲାସ୍ତରୀୟ ସମାବେଶ

କେନ୍ଦୁଝର, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ମତ୍ସ୍ୟବିଭାଗରୁ କାର୍ଯ୍ୟନିବୃତ୍ତ ତଥା ଅବସରପ୍ରାପ୍ତ ଅଧିକାରୀମାନଙ୍କ ଜିଲ୍ଲାସ୍ତରୀୟ ବନ୍ଧୁମିଳନ ଓ ସମାବେଶ କେନ୍ଦୁଝର ପୁରୁଣା ସହର ଦିଗଦନ ମତ୍ସ୍ୟଫାର୍ମର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ, କେନ୍ଦୁଝର ଜୋନ ପ୍ରମୋଦ କୁମାର ରାଉତ ଏବଂ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉମେଶଚନ୍ଦ୍ର ଧରୁଆ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ସରୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ। କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀ ଓ ଆରାଧ୍ୟ ଦେବତା ବଳଦେବଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ପରେ ପରେ ବିଭାଗର ଦିବଂଗତ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାସ ସମସ୍ତଙ୍କ ସ୍ୱାସ୍ଥ୍ୟ ଓ ପରିବାରର ମଙ୍ଗଳ କାମନା କରିଥିଲେ। ରାଜେନ୍ଦ୍ର ପାତ୍ର ବରିଷ୍ଠ ନାଗରିକଙ୍କ ଉନ୍ନତ ସ୍ୱାସ୍ଥ୍ୟ ପରିଚାଳନା ଉପରେ ମତାମତ ରଖିଥିଲେ। ଅବସରପ୍ରାପ୍ତ ଅଧିକାରୀ ଅରବିନ୍ଦ ଦାସ, ପ୍ରମଥ ମହାପାତ୍ର, ଜନାର୍ଦ୍ଦନ ରାମ, ଜ୍ଞାନେନ୍ଦ୍ର ରଥ ଏହିପରି ବୈଠକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ, ସରୋଜ ସାହୁ, ଅରବିନ୍ଦ ଦାସ, ଜନାର୍ଦ୍ଦନ ଦାସ, ଭରତ ନାୟକ, ବାୟା ସିଂହ, ବିରେନ୍ଦ୍ର ନାଥ ସାହୁ, ବ୍ରହ୍ମାନନ୍ଦ ପଧାନ, ଅଶୋକ ଜେନା, ପ୍ରମଥ ମହାପାତ୍ରଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

ବୃତ୍ତି ପରୀକ୍ଷା ଦେଲେ ୪୯୪ ଛାତ୍ରଛାତ୍ରୀ

ଚମ୍ପୁଆ, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ ୪ଟି ପରୀକ୍ଷା କେନ୍ଦ୍ରରେ ଶନିବାର ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଓ ପଞ୍ଚମ ଶ୍ରେଣୀର ମୋଟ ୫୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜିକୃତ ହୋଇଥିବା ବେଳେ ୪୯୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତୃତୀୟ ଶ୍ରେଣୀରେ ୨୮୫ ଜଣ ପଞ୍ଜିକୃତ ହୋଇଥିବାବେଳେ ୨୬୬ ଜଣ ପରୀକ୍ଷା ଦେଇଥିଲେ। ସେହିପରି ପଞ୍ଚମ ଶ୍ରେଣୀରେ ୨୬୫ ଜଣଙ୍କ ମଧ୍ୟରୁ ୨୨୮ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ, ଭଣ୍ଡା ନୋଡାଲ ଉଚ୍ଚବିଦ୍ୟାଳୟ, ଭୀମପୁରସ୍ଥିତ ଟିପଟିପ ଉଚ୍ଚ ବିଦ୍ୟାଳୟ ଏବଂ କଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷା ସୁଚାରୁରୂପେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

ଝାଡ଼େଶ୍ୱର ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୩।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳ ଘସିପୁରା ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୀନାରାଣୀ ଜେନା ଓ ପୁଷ୍ପଲତା ଭୂୟାଁଙ୍କ ପଦୋନ୍ନତି ହୋଇ ଅନ୍ୟତ୍ର ବଦଳି ହୋଇଥିବା ଅବସରରେ ଉଭୟଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଡ଼ ଆଲୋକ ରଣାଙ୍କ ସଭିପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ ଦୁଇ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟନିଷ୍ଠା, ଉତ୍ତମ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମନୋରଞ୍ଜନ ମହାରଣା ସଭା ପରିଚାଳନା କରିଥିଲେ।

ଜଳାତଙ୍କ ରୋଗ ସଚେତନତା

ଆନନ୍ଦପୁର, ୩।୧୦ (ସମିସ): ବିଶ୍ୱ ଜଳାତଙ୍କ ଦିବସ ଅବସରରେ ଆନନ୍ଦପୁର ପୌରାଞ୍ଚଳ ଘସିପୁରା ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ଼ ଆଲୋକ ରଣାଙ୍କ ସଭାପତିତ୍ୱରେ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଭାଗ୍ୟଶ୍ରୀ ଓଝା ଜଳାତଙ୍କ ରୋଗର କାରଣ ଓ ପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ। ଆନନ୍ଦପୁର ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ଜଳାତଙ୍କ ସମ୍ପର୍କିତ ପ୍ରଶ୍ନ ପଚରା ଯାଇ ପୁରସ୍କୃତ କରାଯାଇଥିଲା।

ବରିଷ୍ଠ ନାଗରିକ ପରିଷଦର ସ୍ମାରକପତ୍ର

ଆନନ୍ଦପୁର, ୩।୧୦ (ସମିସ): ସମ୍ବିଧାନର ନିୟମ ଅନୁଯାୟୀ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ କେତେକ ସୁବିଧା ସୁଯୋଗର ବ୍ୟବସ୍ଥା ଥିଲେ ମଧ୍ୟ ସେମାନଙ୍କୁ ବଞ୍ଚିତ କରାଯାଉଛି। ପୂର୍ବରୁ ପ୍ରଚଳିତ ବରିଷ୍ଠ ରେଳଯାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ରିହାତିକୁ କରୋନା କାଳରୁ ସ୍ଥଗିତ ରଖାଯାଇଛି। ଏହିସବୁ ସମସ୍ୟାପ୍ରତି

କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଜରିଆରେ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହଉପଜିଲ୍ଲାପାଳ ବନଜା ପାତ୍ରଙ୍କୁ ସଭାପତି ରମାକାନ୍ତ ନାୟକ, ସାଧାରଣ ସମ୍ପାଦକ ଅଶୋକ ସାହୁ, କୋଷାଧ୍ୟକ୍ଷ ନଗେନ ଚାନ୍ଦ ବରିଷ୍ଠ ସଦସ୍ୟ କିଶୋର ମିଶ୍ର, କୀର୍ତ୍ତନ ସାହୁ, କୈଳାଶ ନାହାକ, ସାବିତ୍ରୀ ଦାସ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

ତେଲକୋଇ ଗ୍ରାମପଞ୍ଚାୟତ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସପ୍ତାହ

ତେଲକୋଇ, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟ ତେଲକୋଇ ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଥିବା ବେଳେ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା ସେବା ପାଇଁ ୨୦ଟି ଡଷ୍ଟବିନ ବଜାର ଅଞ୍ଚଳରେ ପ୍ରଦାନ କରାଯାଇଛି। ତେଲକୋଇ ବଜାର ଅଞ୍ଚଳକୁ ସୁସ୍ଥ ସୁନ୍ଦର ପରିବେଶ ରଖିବା ପାଇଁ ସଚେତନତା କରାଯାଇଥିବା ବେଳେ ବଜାର ଅଞ୍ଚଳର ବଣିକ ସଂଘ ନିର୍ଦ୍ଦେଶନୁଯାୟୀ ବିଭିନ୍ନ ଛକ ତଥା ଦୋକାନ ସମ୍ମୁଖରେ ଡଷ୍ଟବିନକୁ ରଖାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବା ସହ ସୁସ୍ଥ ସୁନ୍ଦର ତେଲକୋଇ ବଜାରକୁ ବଜାୟ ରଖିବା ପାଇଁ ଏହା ଏକ ସ୍ୱତନ୍ତ୍ର ପ୍ରୟାସ। ଏହି କାର୍ଯ୍ୟ ଆଗକୁ ବଳବତ୍ତର ରଖିବାକୁ ପଞ୍ଚାୟତ ପକ୍ଷରୁ ଦୃଢ଼ ନିଷ୍ପତ୍ତି ନିଆଯାଇଛି। ସରପଞ୍ଚ ରଶ୍ମିତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ବାରିକ, ବ୍ଲକ ପରିମଳ ବିଭାଗର ସଂଯୋଜକ କିଶୋରଚନ୍ଦ୍ର ଦାସ, ବଣିକ ସଂଘର ସଭାପତି କୌନଜ ବିଶ୍ୱାଳ(ମେଣି), ସଂପାଦକ ପ୍ରଭାତ ସାହୁ ସମେତ ପଞ୍ଚାୟତର ୱାର୍ଡସଭ୍ୟ ସଭ୍ୟା ହୋଇଥିଲେ।

ବ୍ଲକ୍‌ସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ

କେନ୍ଦୁଝର, ୩।୧୦(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ମହିଳା ଓ ଶିଶୁ ବିକାଶ ସମିତି ଏବଂ ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ସହଯୋଗରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଦର ସିଡିପିଓ ସ୍ୱର୍ଣ୍ଣଲତା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ବିପିନ ବିହାରୀ ସାହୁ, ପୂର୍ବତନ ଅଧ୍ୟକ୍ଷ ରତିନ୍ଦ୍ର କୁମାର ପରିଡ଼ା, ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଆଶିଷ କୁମାର ରାଉତ କନ୍ୟାରତ୍ନ ଉପରେ ବକ୍ତବ୍ୟ ରଖିଥିଲେ। ସଦର ବ୍ଲକ ମହିଳା ଶିଶୁ ବିକାଶ ସମିତିର ସୁପରଭାଇଜର ବସନ୍ତ ମଞ୍ଜରୀ ମହାନ୍ତ, କେତକୀ ପାତ୍ର, ବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟାପକ ସଂଜୟ ପ୍ରଧାନ ସଂଯୋଜନା କରିଥିଲେ।

କେଏସ୍‌ଇ କଲେଜରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କେନ୍ଦୁଝର, ୩।୧୦(ସମିସ): କେନ୍ଦୁଝର ବଡହଳସ୍ଥିତ ବଡହଳସ୍ଥିତ କେଏସ୍‌ଇ ଯୁକ୍ତ ୨ ବିଜ୍ଞାନ କଲେଜରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ମହାନ ବ୍ୟକ୍ତିତ୍ୱଦ୍ୱୟଙ୍କ ଜୀବନାଦର୍ଶ ଓ ଦେଶ ପାଇଁ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସତ୍ୟ, ଅହିଂସା, ଶୃଙ୍ଖଳା, ଦାୟିତ୍ୱବୋଧ ଓ ଦେଶପ୍ରମର ଭାବନା ଜାଗ୍ରତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ କେଏସ୍‌ଇ ଯୁକ୍ତ ୨ ବିଜ୍ଞାନ କଲେଜ ପରିବାର ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ପାଟଣା ବ୍ଲକ୍‌ରେ ସ୍ୱତନ୍ତ୍ର ଗ୍ରାମସଭା

ତୁରୁମୁଙ୍ଗା, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତରେ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ସହ ସଂସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସରକାରଙ୍କ ବିଭିନ୍ନ ଯୋଜନା, ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। କଣ୍ଟିଆପଡା ଓ ଚେମଣା ଗ୍ରାମପଞ୍ଚାୟତରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଉପସ୍ଥିତ ରହିଥିବା ବେଳେ ମୁରୁସୁଆଁ ଗ୍ରାମପଞ୍ଚାୟତରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ ଉପସ୍ଥିତ ଥିଲେ। ଉତ୍ସବରେ ଭିବିଜିରାମଜି, ଲକ୍ଷପତି ଦିଦି, ଜାତୀୟ ଖାଉଟି ସହାୟତା ସେବା, ୱାନ ନେସନ୍ ୱାନ୍ ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ଅର୍ଥ ଆୟୋଗ ଅନୁଦାନ, ଗ୍ରାମପଞ୍ଚାୟତ ବିକାଶ ଯୋଜନା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ଜଳସେଚନ ଓ ଜଳ ବିଭାଜିକା ବିକାଶ, କ୍ୟାଚ୍ ଦି ରେନ୍ ମାଧ୍ୟମରେ ଜଳ ସଂରକ୍ଷଣ, ଜଳ ଜୀବନ ମିଶନ୍, ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ୍, ନୂତନ ସମବାୟ ସମିତିର ଗଠନ ଓ ସଶକ୍ତିକରଣ, ସମବାୟର ଡିଜିଟାଲ ରୂପାନ୍ତରିକରଣ, ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ଏବଂ ଡିଜିଟାଲ ଇଣ୍ଡିଆ, ଭୂଅଭିଲେଖ ଆଧୁନିକୀକରଣ ଭଳି ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା। ଗ୍ରାମସଭା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସୁବିଧାରେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଭଣ୍ଡାରୀଡିହା ପଞ୍ଚାୟତରେ ଯୁବ ବିଶ୍ୱାସ ଯାତ୍ରା

ଆନନ୍ଦପୁର, ୩।୧୦ (ସମିସ): ଶନିବାର ଦ୍ୱିତୀୟ ଦିନରେ ଗ୍ରାମାଞ୍ଚଳ ବିକାଶ ଉପରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଯୁବ ବିଶ୍ୱାସ ଯାତ୍ରା ଜାରି ରହିଥିଲା। ଯୁବ ବିଜେପି ରାଜ୍ୟ ସଂଯୋଜକ ଶ୍ରୀ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଭଣ୍ଡାରୀଡିହା ପଞ୍ଚାୟତରେ ଆୟୋଜିତ ହୋଇଥିଲା। ପଦନପୁର କେନାଲ ଛକରୁ ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରିଥିଲା। ପରେ ଟାଙ୍ଗର ଛକ ଦେଇ ଭଣ୍ଡାରିଡିହାରେ ପହଞ୍ଚିଥିଲା ଯୁବ ବିଶ୍ୱାସ ଯାତ୍ରା। ପ୍ରସନ୍ନଜିତ୍ ଏହି ପଦଯାତ୍ରାର ସଞ୍ଚାଳନ କରିଥିଲେ। ମଳୟ ରଞ୍ଜନ ମହାରଣା, ବିକି ଦେହୁରୀ, ପ୍ରକାଶ ଜେନା, କାଳନ୍ଦୀ ସା, ଟୁଲୁ ଦେହୁରୀ, ବାଦଲ କୁମାର ସା, ବେଣୁଧର ଜେନା, ଅଭିମନ୍ୟୁ ଜେନା, ଗୌତମ ଜେନା, ଶୁଭମ୍ ନନ୍ଦୀ, ଭବାନୀ ଶଙ୍କର ସାହୁ, ଚାନ୍ଦିଆ ରାଉଳ, ତ୍ରିଲୋଚନ ଜେନା, ଅଲେଖ ଜେନା, ବାପି ଜେନା, ଅଖିଳ କୁମାର ସା, ସଞ୍ଜୟ ଜେନା, ମୁନା ଜେନା, ରାଜୀବ ଜେନା, ଗଗନ ବିହାରୀ ଜେନା, ବାବୁଲି ଜେନା, ମଧୁସୂଦନ ମହାରଣା, ରାଜେନ୍ଦ୍ର ନାହାକ, ବୁଲା ଜେନା, ପ୍ରମୋଦ ଦାସ, ମନୋଜ ସା, କାଙ୍ଗାଳି ଦାସ, ଚିତ୍ତରଞ୍ଜନ ମହାରଣା, ବାବୁ ମହାରଣା, ସଞ୍ଜୀବ ଜେନା, ଦୀପକ ଦେହୁରୀ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

ଆଶ୍ରମ ବିଦ୍ୟାଳୟ ଛାତ୍ରାବାସରୁ ମଦ ବୋତଲ, ଛୁରି ଜବତ

ତୁରୁମୁଙ୍ଗା, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଳା ସରକାରୀ ଆଶ୍ରମ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ରଙ୍କ ବ୍ୟାଗରୁ ମଦ ବୋତଲ, ଛୁରି ଓ କିଛି ମାଦକ ଦ୍ରବ୍ୟ ମିଳିବା ପରେ ଛାତ୍ରାବାସରେ ରହୁଥିବା ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ଆଶ୍ରମ ବିଦ୍ୟାଳୟର ଦୁଇଟି ଛାତ୍ରାବାସରେ ୧୦୦ ଜଣ ଛାତ୍ରୀ ଓ ୧୧୬ ଜଣ ଛାତ୍ରଙ୍କ ସମେତ ମୋଟ ୨୧୬ ଜଣ ଛାତ୍ରଛାତ୍ରୀ ରହି ପାଠ ପଢୁଛନ୍ତି। ଗତ ବୁଧବାର ଦୁଇ ଛାତ୍ରଙ୍କ ଆଚରଣରେ ସହପାଠୀମାନେ ପରିବର୍ତ୍ତନ ଦେଖି ସେମାନେ ମଦ୍ୟପାନ କରିଥିବା ନେଇ ଅନ୍ୟ ଛାତ୍ରମାନେ ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରଙ୍କ ରୁମ୍‌ରେ ଯାଞ୍ଚ କରିବା ପରେ ଛାତ୍ରଙ୍କ ବ୍ୟାଗରୁ ୩ଟି ଛୁରି, ୪ଟି ବଡ଼ ମଦ ବୋତଲ ସହ କିଛି ମାଦକ ଦ୍ରବ୍ୟ ମିଳିଥିଲା। ଘଟଣା ପରେ ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଦୁଇ ଛାତ୍ରଙ୍କ ଅଭିଭାବକଙ୍କୁ ଡକାଯାଇ ଅନ୍ୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଦୁଇ ଛାତ୍ରଙ୍କୁ ଟିସି ଦିଆଯାଇଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ପାତ୍ର କହିବା ସହ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଛାତ୍ରାବାସ ଭିତରକୁ ମଦ ବୋତଲ, ଛୁରି ଓ ଅନ୍ୟ ସାମଗ୍ରୀ କିପରି ପହଞ୍ଚିଲା, ଏନେଇ ପ୍ରଶ୍ନ ଉଠିଥିବା ବେଳେ ଛାତ୍ରାବାସରେ ନିୟମିତ ଯାଞ୍ଚ ଓ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

ଦୁର୍ଘଟଣାକୁ ନେଇ ତେଜିଲେ ଗ୍ରାମବାସୀ

୩ ଦିନରେ ହମ୍ପସ୍ ନିର୍ମାଣ ପ୍ରତିଶ୍ରୁତି ପରେ ହଟିଲା ଧାରଣା

ତୁରୁମୁଙ୍ଗା, ୩।୧୦(ସମିସ):

ତୁରୁମୁଙ୍ଗା-ସାତକୁଟୁନିଆ ରାସ୍ତାର ନୂଆଗାଁ ନିକଟରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏକ ଦୁର୍ଘଟଣାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବାଇକ୍ ଚାଳକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଉତ୍ତେଜିତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫେରାର ହୋଇଥିବା ବାଇକ୍ ଜବତ ସହ ଚାଳକଙ୍କୁ ଗିରଫ କରିବା, ଦୁର୍ଘଟଣାପ୍ରବଣ

ସ୍ଥାନରେ ହମ୍ପସ୍ ନିର୍ମାଣ କରିବା ଏବଂ ମୃତ ଶିଶୁର ପରିବାରକୁ ସହାୟତା ପ୍ରଦାନ ଦାବିରେ ଗ୍ରାମବାସୀ ପ୍ରାୟ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାଏକ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପୁଲିସ ସିସିଟିଭି ଫୁଟେଜ୍‌ର ସହାୟତା ନେଇ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ବାଇକ୍ ଓ ଚାଳକଙ୍କୁ ଚିହ୍ନଟ କରି ଖୋଜୁଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ୩ ଦିନ ମଧ୍ୟରେ ଉକ୍ତ ସ୍ଥାନରେ ହମ୍ପସ୍ ନିର୍ମାଣ କରାଯିବା ସହ ମୃତ ଶିଶୁର ପରିବାରକୁ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ। ରାସ୍ତା ଅବରୋଧ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ମହୁମୁହାଣ ଖାଦାନରୁ ପୋକ୍ଲିନ ଜବତ

ସୋର, ୩।୧୦ (ସମିସ): ସୋର ଥାନା ମହୁମୁହାଣ ପଥର ଖାଦାନରୁ ଖଣି ବିଭାଗ ତରଫରୁ ଚଢ଼ଉ କରାଯାଇ ଏକ ପୋକଲିନ ଜବତ କରାଯାଇଥିବା ବେଳେ ଏହାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଆଜି ସକାଳେ ମହୁମୁହାଣ ପଥର ଖାଦାନରେ ବେଆଇନ ପଥର ଉତ୍ତୋଳନ କରାଯାଉଥିବା ଖବର ପାଇ ଖଣି ଅଧିକାରୀ ରୋହିତ ସାମଲ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ପୋକଲିନ ଘଟଣାସ୍ଥଳରୁ ଫେରାର ହେଉଥିବା ବେଳେ ଖଣି ଅଧିକାରୀ ଗୋଡ଼ାଇ ଗୋଡ଼ାଇ ପୋକଲିନଟିକୁ ଜବତ କରିଥିଲେ।ଏହି ସମୟରେ ଏହାର ଚାଳକ ମେସିନକୁ ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଖଣି ଅଧିକାରୀ ମେସିନଟିକୁ ଜବତ କରି ସ୍ଥାନୀୟ ଲୋକଙ୍କ ଜିମା ଦେଇଥିବା ଜଣାପଡିଛି। ଏହି ଚଢ଼ାଉରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ସାମିଲ ହୋଇଥିଲେ।

ଅଧିଗୃହୀତ ଜମିରେ ଜୁଡିସିଆଲ ହବ୍ ନିର୍ମାଣ ଦାବି

ଆରମ୍ଭ ହେଲା ଦସ୍ତଖତ ଅଭିଯାନ ସହ ପଥପ୍ରାନ୍ତ ସଭା

ବାଲେଶ୍ୱର, ୩।୧୦(ସମିସ): ବାଲେଶ୍ୱର ଜିଲ୍ଲାବାସୀଙ୍କୁ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ଅତ୍ୟାଧୁନିକ ନ୍ୟାୟିକ ସେବା ସୁବିଧାରେ ଯୋଗାଇଦେବା ଲକ୍ଷ୍ୟରେ ପ୍ରସ୍ତାବିତ "ଜୁଡ଼ିସିଆଲ୍ ହବ୍" (କୋର୍ଟ କମ୍ପ୍ଲେକ୍ସ) ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ "ଜୁଡ଼ିସିଆଲ୍ ହବ୍ କ୍ରିୟାନୁଷ୍ଠାନ କମିଟି", ବାଲେଶ୍ୱର ଓକିଲ ସଂଘ ଏବଂ ସ୍ଥାନୀୟ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏମିତି କି ଜୁଡ଼ିସିଆଲ୍ ହବ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ସହରରେ ଦସ୍ତଖତ ଅଭିଯାନ ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି।

ବାଲେଶ୍ୱର ସହରରେ ବର୍ତ୍ତମାନ ଅଦାଲତଗୁଡ଼ିକ ମଧ୍ୟରୁ ସଦର ବ୍ଲକ୍ ପାଖରେ ଥିବା ଏସ୍.ଡି.ଜେ.ଏମ୍. କୋର୍ଟ ପରିସର ୦.୧୮ ଡିସିମିଲ୍ ଏବଂ ଜିଲ୍ଲା ଜଜ୍‌ଙ୍କ ଅଦାଲତ ପରିସର ୩.୦୦ ଡିସିମିଲ୍, ଅର୍ଥାତ୍ ସର୍ବମୋଟ ମାତ୍ର ୩.୧୮ ଡିସିମିଲ୍ ଜମି ମଧ୍ୟରେ ସୀମିତ ରହିଛି। ଏହି ଦୁଇଟି ଭିନ୍ନ ସ୍ଥାନରେ ଥିବା ପୁରୁଣା କୋଠାଗୁଡ଼ିକୁ ଭାଙ୍ଗି ସେହି ସଂକୁଚିତ ସ୍ଥାନରେ ଏକ ବୃହତ୍ ଜୁଡ଼ିସିଆଲ୍ ହବ୍ ଗଢ଼ିତୋଳିବା ସମ୍ଭବପର ନୁହେଁ। ଏହାକୁ ଦୃଷ୍ଟିରେ ରଖି ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ପ୍ରଚେଷ୍ଟା ବଳରେ ଆଇ.ଟି.ଆଇ. ଛକ ନିକଟସ୍ଥ ଜଳସେଚନ ବିଭାଗ ପରିସରର ମୋଟ ୯.୭୩ ଏକର ଜମି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୬.୦୪୮ ଏକର ଜମି ଚିହ୍ନଟ ହୋଇଥିଲା। ଗତ ନଭେମ୍ବର ୨୦୨୪ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତତ୍କାଳୀନ କାର୍ଯ୍ୟରତ ମୁଖ୍ୟ ବିଚାରପତି ଚକ୍ରଧର ଶରଣ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇ ନିର୍ମାଣ ସୂଚନା ଫଳକ ଉନ୍ମୋଚନ ସହ ଶୁଭ ଦିଆଯାଇଥିଲା। ପ୍ରସ୍ତାବିତ ପ୍ଲାନ୍ ଅନୁଯାୟୀ ଏହି ହବ୍‌ରେ ୬ ମହଲା ବିଶିଷ୍ଟ ୫୫ ଗୋଟି ଆଧୁନିକ କୋର୍ଟ ଗୃହ, ବିଚାରପତିଙ୍କ ଗୃହ, ୧୩,୦୦୦ ବର୍ଗଫୁଟର ୪ ମହଲା ବିଶିଷ୍ଟ ଓକିଲଙ୍କ ଗୃହ, ସଭାଗୃହ, ଏଟିଏମ୍, ଡାକଘର, କ୍ୟାଣ୍ଟିନ୍, ଭେଣ୍ଡର ଗୃହ, ମୋହରିର ଗୃହ ଏବଂ ଜେରକ୍ସ ଗୃହ ଭଳି ସମସ୍ତ ସୁବିଧାସୁଯୋଗ ରହିବ। ତେବେ ଅଧିଗୃହୀତ ୬.୦୪୮ ଏକର ଜମି ମଧ୍ୟରୁ ୦.୮୦ ଡିସିମିଲ୍ ଜାଗା ଉପରେ ଏକ ସିଭିଲ୍ ମୋକଦ୍ଦମା ବିଚାରାଧୀନ ରହିଥିବାରୁ, ସେହି ବିବାଦୀୟ ଅଂଶକୁ ବାଦ୍ ଦେଇ ପ୍ରସ୍ତାବିତ ନକ୍ସା ଅନୁଯାୟୀ ଅବଶିଷ୍ଟ ୫.୨୪୮ ଏକର ଜମିରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିବେଦନ କରାଯାଇଛି। ପ୍ରସ୍ତାବିତ ସ୍ଥାନଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨.୨ କିଲୋମିଟର ଏବଂ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ୍‌ରୁ ମାତ୍ର ୧.୫ ରୁ ୨ କିଲୋମିଟର ଦୂରତାରେ ଅବସ୍ଥିତ ହୋଇଥିବାରୁ ଏହା ସର୍ବସାଧାରଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ। କିଛି ସ୍ୱାର୍ଥପର ଗୋଷ୍ଠୀ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ସାର୍ବଜନୀନ ପ୍ରକଳ୍ପରେ ବାଧା ସୃଷ୍ଟି କରୁଥିବା ନେଇ କ୍ରିୟାନୁଷ୍ଠାନ କମିଟି ନିନ୍ଦା କରିବା ସହ ବାଲେଶ୍ୱରର ଆଗାମୀ ପିଢ଼ିର ସୁବିଧା ପାଇଁ ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

ବିଜେଡି ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୩।୧୦ (ସମିସ): ବିଜୁ ଜନତା ଦଳର ନବ ନିଯୁକ୍ତ ପଦାଧିକାରୀ ଏବଂ କାର୍ଯ୍ୟକାରୀ ସଦସ୍ୟ ସଦସ୍ୟାଙ୍କୁ ଜଳେଶ୍ୱର ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ନୂଆ ବଜାରସ୍ଥିତ ମୁରଲୀ କଲ୍ୟାଣ ମଣ୍ଡପରେ ଆୟୋଜିତ ପର୍ବରେ ବ୍ଲକ ଦଳୀୟ ସଭାପତି ଦିଲ୍ଲୀପ କୁମାର ସାମଲ ସଭାପତିତ୍ୱ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ଆସୁଥିବା ବେଳେ ଦଳର ସାଂଗଠନିକ ଦୃଢ଼ତା ମଜଭୁତ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ କ୍ରିୟାଶୀଳ କରିବା ସହିତ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଗାନ୍ଧୀଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏକମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ପ୍ରଣୟନ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳ ପ୍ରତୀପ୍ କୁମାର ପ୍ରଧାନ, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ,ଉପନଗରପାଳ ବିଷ୍ଣୁପ୍ରିୟା କାମିଲା,ସଂଖ୍ୟାଲଘୁ ସେଲର ରାଜ୍ୟ ସଂପାଦକ ଶେକ୍ ଅବଦୁଲ ରହିମ୍, ଦିଲ୍ଲିପ ଦାସମହାପାତ୍ର, ଅନାଦୀ ଦାସ, ତୁଳସୀ ହେମ୍ବ୍ରମ୍, ବ୍ଲକ ମହିଳା ସଭାନେତ୍ରୀ ସୁବିନିତା ଦତ୍ତ, କାଉନ୍‌ସିଲର କବିତା ଧଳ ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନରେ ରାଜ୍ୟ ସରକାରଙ୍କ ବିଫଳତା ସଂପର୍କରେ ଭୋଟରଙ୍କୁ ଅବଗତ କରିବା ସମ୍ପର୍କରେ କହିଥିଲେ। ବସ୍ତା ବ୍ଲକର ଜୟନ୍ତ ମିଶ୍ର, ଶିକ୍ଷକ ନେତା ମନୋରଂଜନ ଦାସ, ସନ୍ତୋଷ ଦାସମହାପାତ୍ର, ଲେଲିନ୍ ପ୍ରଧାନ, ବ୍ରିଜେଶ ରଣା, ଧ୍ରୁବଜ୍ୟୋତି ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକ ଚେୟାରମ୍ୟାନ ମାନସ ଜେନା ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ନେତା ବିଜୟ କାମିଲା ଧନ୍ୟବାଦ ଅର୍ପଣ କରିଥିଲେ।

ପୀତାମ୍ବର ଦାସଙ୍କ ନାଟକ 'ବିଶ୍ୱାସ' ମଞ୍ଚସ୍ଥ

ବାଲେଶ୍ୱର, ୩।୧୦(ସମିସ): ସ୍ରଷ୍ଟା ନାଟ୍ୟାନୁଷ୍ଠାନ ଦ୍ୱାରା ଦୁଇ ଦିନିଆ ନାଟକ ଉତ୍ସବ ଅବସରରେ ପ୍ରଥମ ଦିନରେ 'ସ୍ରଷ୍ଟା' କଳାକାରଙ୍କ ଦ୍ୱାରା ପୀତାମ୍ବର ଦାସଙ୍କ ରଚିତ ନାଟକ 'ବିଶ୍ୱାସ' ମଞ୍ଚସ୍ଥ ହୋଇଯାଇଛି। ସ୍ରଷ୍ଟାର ସଭାପତି ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଉପସଭାପତି ପ୍ରସନ୍ନ କୁମାର ଦାସଙ୍କ ଉପସ୍ଥିତିରେ ସଭାକୁ ଉଦ୍‌ଘାଟନ କରିଥିଲେ ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ସୁସାହିତ୍ୟିକ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ। ନାଟକ ଟିକୁ ପୀତାମ୍ବର ଦାସ ରଚନା କରିଥିବା ବେଳେ, ନିର୍ଦ୍ଦେଶନା ଦେଇଥିଲେ ଗିରିଜା ଶଙ୍କର କର। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି। ମଞ୍ଚ ପରି ଚାଳନା କରିଥିଲେ ରଶ୍ମି ରଞ୍ଜନ ଦାସ। ମଞ୍ଚ ସଜ୍ଜାରେ ଥିଲେ ସନ୍ତୋଷ କମିଳା। ସ୍ରଷ୍ଟାର କଳାକାର ମଦନ ମୋହନ ସାହୁ, ରତିକାନ୍ତ ମଲ୍ଲିକ, ଶ୍ୟାମରାଇ କର, ଗିରିଜା ଶଙ୍କର କର, ପ୍ରଦୀପ ଶତପଥୀ ଓ ପୁଷ୍ପିତା ପାଢ଼ୀ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। 'ସ୍ରଷ୍ଟା'ର ସଦସ୍ୟ, ସଦସ୍ୟା ନାଟକର ସଫଳ ରୂପାୟନରେ ସାହାଯ୍ୟ କରିଥିଲେ।

ଆବର୍ଜନା ସଫେଇରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ

ସୋର, ୩।୧୦(ସମିସ): ସ୍ୱଚ୍ଛ ଭାରତ ମିଶନ ଅଧିନରେ ଆବର୍ଜନାରୁ କରାଯାଉଥିବା ବିଭିନ୍ନ ସୌନ୍ଦର୍ଯ୍ୟକରଣ ସୋର ବ୍ଲକର ପ୍ରତି ପଞ୍ଚାୟତରେ ଏବିଡିଓ ଅମୀୟ ରଞ୍ଜନ ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ମାନଙ୍କରେ ଯେଉଁ ସ୍ଥାନରେ ନିୟମିତ ଭାବେ ଅଳିଆ ଆବର୍ଜନା ପକାଯାଉଥିଲା ସେହି ସ୍ଥାନକୁ ସଫା କରାଯାଇ ସେଠାରେ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକାରର ଗଛ ଲଗାଯିବା ସହିତ ଆବର୍ଜନାରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀଙ୍କୁ ସୁସଜ୍ଜିତ ଭାବେ ରଖାଯାଇଥିଲା। ବ୍ଲକର ୨୪ଟି ପଞ୍ଚାୟତ ମଧ୍ୟରୁ ବିଭିନ୍ନ ପଞ୍ଚାୟତରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମକୁ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜିକା କଳ୍ପନା ପଣ୍ଡା ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଭଦ୍ରା ସ୍ୱାଇଁ ପରିଚାଳନା କରିଥିବାବେଳେ ପଞ୍ଚାୟତର ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସହଯୋଗ କରିଥିଲେ।

ବନ୍ୟା ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ

ସୋର,୩।୧୦(ସମିସ): ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀକାନ୍ତ ମଲିକ ଚଳିତ ବନ୍ୟା ସମୟରେ ବିଭିନ୍ନ ସମସ୍ୟାକୁ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ବନ୍ୟା ପାଇଁ ହେଉଥିବା କ୍ଷତିର ସମାଧାନ ପାଇଁ ପଞ୍ଚାୟତର କନକେଇ ପୋଲ ନିକଟରେ ୨୦ ମିଟର ଲମ୍ବର ପୋଲ ନିର୍ମାଣ, ଉନ୍ନତ ଧରଣର ନଦୀବନ୍ଧ ନିର୍ମାଣ, ପଞ୍ଚାୟତର ବିଭିନ୍ନ କ୍ଷତିଗ୍ରସ୍ତ ରାସ୍ତାର ମରାମତି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଟେଇ ଠାରୁ ଗୁଡ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ମରାମତି ପାଇଁ ସେ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ସରପଞ୍ଚ ଶ୍ରୀ ମଲିକ କହିଛନ୍ତି।

ବୋଷ୍ଟନ ମାରାଥନରେ ଅଂଶଗ୍ରହଣ କରିବେ ଡମ୍ବରୁଧର

ନୀଳଗିରି, ୩।୧୦ (ସମିସ): ନୀଳଗିରି କଲେଜର ୧୯୮୮ରୁ ୧୯୯୧ବ୍ୟାଚ ଛାତ୍ର ଡମ୍ବରୁଧର ଚଣ୍ଡଙ୍କ ପ୍ରତିଭାରେ ସମଗ୍ର ରାଜ୍ୟ ସମେତ ଦେଶରେ ଚର୍ଚ୍ଚା। ୫୦+ବର୍ଗ ମାରାଥନରେ ଅଂଶଗ୍ରହଣ କରି ଆଣିଛନ୍ତି ଦେଶପାଇଁ ଗୌରବ। ୫୬ବର୍ଷୀୟ ଡମ୍ବରୁଧରଙ୍କୁ ୨୦୨୭ମସିହା ଏପ୍ରିଲ ୧୯ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ ସହରରେ ଅନୁଷ୍ଠିତ ହେବାକୁଥିବା ୧୩୧ତମ ବୋଷ୍ଟନମାରାଥନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଆମନ୍ତ୍ରଣ ଆସିଛି।

ଅର୍ଥ ସାଜିଛି ବାଧକ

ବାଲେଶ୍ୱର ସହରର ଅନତି ଦୂରରେ କୁରୁଡ଼ା ନିକଟବର୍ତ୍ତୀ ନୁଟିପାଟଣା ଗ୍ରାମରେ ୧୯୭୦ମସିହା ମେ ୭ତାରିଖରେ ଜନ୍ମିତ ଶ୍ରୀ ଚଣ୍ଡ ପିଲାବେଳୁ ଦୌଡ଼କୁଦରେ ରୁଚି ରଖିଥିଲେ। ପରବର୍ତ୍ତୀ ସମୟରେ ସ୍କୁଲ, କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସଫଳତାର ସହ କୃତିତ୍ୱଅର୍ଜନ କରିଥିଲେ। ତେବେ ଦୌଡରେ ତାଙ୍କର ଦୁର୍ବଳତା ଥିବାରୁ ବ୍ଲକସ୍ତରରୁ ଆରମ୍ଭକରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମୟରେ ଅଂଶଗ୍ରହଣକରି ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମକରି ଅନେକଗୁଡ଼ିଏ ମେଡାଲ ହାସଲ କରିଛନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ୨୪ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳରେ ମାରାଥନରେ ଅଂଶଗ୍ରହଣକରି ୧୭ଟି ମଞ୍ଚରୁ (ପୋଡ଼ିଅମ୍) ମେଡାଲ ହାସଲ କରିଛନ୍ତି। ଏଥିସହ ଏକମାତ୍ର ଓଡ଼ିଆ ଭାବେ ଲଦାଖ ମାରାଥନରେ ୨ସ୍ଥାନ ଅଧିକାର କରି ପଦକ ହାସଲକରି ଓଡିଶାପାଇଁ ଗୌରବ ଆଣିଛନ୍ତି। ଗତ ୨୩ତମ ଏସିଆଡ୍ ମାଷ୍ଟର୍ ଚମ୍ପିଆନସିପର ୧୫୦୦ମିଟର ଦୌଡରେ ଦ୍ୱିତୀୟସ୍ଥାନ ଅଧିକାରକରି ରୌପ୍ୟପଦକ ହାସଲ କରିଛନ୍ତି। ଚଳିତ ଅକ୍ଟୋବର ୪ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସେଖୋନ୍ ଭାରତୀୟ ଏୟାରଫୋର୍ସ ୨୦୨୬ମାରାଥନରେ ଅଂଶଗ୍ରହଣ କରିବାକୁ ଦିଲ୍ଲୀରେ ଅଛନ୍ତି। ଶ୍ରୀ ଚଣ୍ଡ ଏବେ ସେ ଆମେରିକାର ବୋଷ୍ଟନ ମାରାଥନରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୨୭ହଜାର ଟଙ୍କାର ରେଜିଷ୍ଟ୍ରେସନ୍ ଫିସ ଦେବାକୁ ପଡିଛି। ତେବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେଲେ ଯିବାଆସିବା, ରହିବା ଓ ଖାଦ୍ୟ ପାଇଁ ପାଖାପାଖି ୩ଲକ୍ଷ ଟଙ୍କାର ଆବଶ୍ୟକତା ଥିବାରୁ ଅର୍ଥ ତାଙ୍କ ପାଇଁ ବାଧକ ସାଜିଛି। ରାଜ୍ୟ ତଥା କେନ୍ଦ୍ରସରକାର ସାହାଯ୍ୟର ହାତ ବଢ଼ାଇଲେ ତାଙ୍କର ସ୍ୱପ୍ନପୂରଣ ହୋଇପାରନ୍ତା ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଶ୍ରୀ ଚଣ୍ଡ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିଭାଙ୍କୁ ସମ୍ମାନ ଜଣାଇ ଆମେରିକା ଯିବାପାଇଁ ଯଦି ଆର୍ଥିକସାହାଯ୍ୟ କରନ୍ତି ତାହେଲେ ଜଣେ ସିନିଅର ପ୍ରତିଭା ତାଙ୍କର ବେଷ୍ଟ ପ୍ରତିପାଦନ କରିପାରନ୍ତେ ଏବଂ ରାଜ୍ୟ ଓ ଦେଶପାଇଁ ଗୌରବଅର୍ଜନ କରିପାରନ୍ତେ ବୋଲି କ୍ରୀଡ଼ାପ୍ରେମୀ ଆଶାବ୍ୟକ୍ତ କରିଛନ୍ତି।

ଭୋଟର ତାଲିକାରେ ନାମ ସାମିଲ ପାଇଁ ସରଳ ହେଲା ପ୍ରକ୍ରିୟା

ବାଲେଶ୍ୱର, ୩।୧୦ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଗତ ଅକ୍ଟୋବର ୧ ତାରିଖରୁ ଅବ୍ୟାହତ ରହିଛି। ଏଥିପାଇଁ ଜିଲ୍ଲାର ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ସେମାନଙ୍କର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ନିକଟରେ କିମ୍ବା ୧୯୫୦ ଟୋଲ୍-ଫ୍ରି ନମ୍ବର ମାଧ୍ୟମରେ ଆବେଦନ କରିପାରିବେ। ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଥିବାରୁ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଜିଲ୍ଲାର ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ; ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ ଏବଂ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ଥିବାରୁ ବାଲେଶ୍ୱର ଜିଲ୍ଲାର ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ମୁଖ୍ୟତଃ, ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛି।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନମେଳା

ରେମୁଣା, ୩।୧୦(ସମିସ): ରେମୁଣା ମୁଖୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ସଭାପତି ପ୍ରଭାତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଝାଡ଼େଶ୍ୱର ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମର ବଲ୍ଲଭ ଭୋଇ ଉତ୍ସବକୁ ଉଦଘାଟନ କରିଥିଲେ। ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଭରତ ଚନ୍ଦ୍ର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ସମୟରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ପଦ୍ମଲୋଚନ ପ୍ରଧାନ ବିଜ୍ଞାନ କିପରି ନୂତନତ୍ୱର ମୂଳଉତ୍ସ ତାହା ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ। ସଦସ୍ୟ ବିଶ୍ୱନାଥ ଜେନା ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀ ଏବଂ ଗୁରୁମା ମାନଙ୍କୁ ଉଦ୍ୟମକୁ ପ୍ରସଂଶା କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷୟତ୍ରୀ ଜୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ମମତା ପତି, ବାସନ୍ତୀ ଗୋଛାୟତ, ଜୟନ୍ତୀ ଦାସ, ଅର୍ଣ୍ଣପୂର୍ଣ୍ଣା ମଙ୍ଗଳ, ମମତା ସିଂହ, କବିତା ସେଠି, ମମତା ଶତପଥୀ, ମୋନାଲିସା ନାୟକ, ପଦ୍ମାବତୀ ସ, ରଶ୍ମିତା ରଣା ପ୍ରମୁଖ ସହଯୋଗ କରିଥିଲେ।

ଓଏସିଏସ୍ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ରେମୁଣା, ୩।୧୦ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ଅଚ୍ୟୁତପୁର ଠାରେ ଓଏସିଏସ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସଞ୍ଜୟ ସାହୁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ବିଶିଷ୍ଟ କବି ତଥା ପ୍ରତିଭା ଶ୍ରୀ ର ପ୍ରତିଷ୍ଠାତା ପ୍ରଶାନ୍ତ ଦାସ, ଅନ୍ୟତମ ଅତିଥି ଭାବେ ରେମୁଣା ଏନଏସିର ନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ ନିମନ୍ତେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ମହାବିଦ୍ୟାଳୟର ପରିଚାଳନା ପରିଷଦର ବରିଷ୍ଠ ସଦଶ୍ୟ ବିପ୍ଳବ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କିଶୋର ରାୟ ଓ ଡ. ଆଶିଷ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡା ମହାବିଦ୍ୟାଳୟର ଇତିହାସ ଉପରେ ଆଲୋକପାତ କରିଥିବା ବେଳେ ଶିକ୍ଷୟତ୍ରୀ ମୀରା ମିନାକ୍ଷିନି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମନୋରଞ୍ଜନ ସାମଲ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ଜେଜେବାପା-ଜେଜେମା' ଦିବସ

ବାଲେଶ୍ୱର, ୩।୧୦(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପରିସରରେ ଜେଜେବାପା-ଜେଜେମା' ଦିବସ ଶ୍ରଦ୍ଧା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୧ ଜଣ ଜେଜେବାପା-ଜେଜେମା' ଯୋଗ ଦେଇଥିଲେ। ଡ୍ରିମ୍ ଇଣ୍ଡିଆ ସ୍କୁଲର ଓଡ଼ିଆ ଶିକ୍ଷକ ଦୟାନନ୍ଦ ଶତପଥୀଙ୍କ ସ୍ୱାଗତ ଭାଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ପ୍ରିୟାଂଶୀ ଦେ ଜେଜେବାପା-ଜେଜେମା'ଙ୍କ ଗୁରୁତ୍ୱ ଉପରେ ନିଜର ଭାବପୂର୍ଣ୍ଣ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ଡାଇରେକ୍ଟର-କମ୍-ପ୍ରିନ୍ସିପାଲ୍ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ନିଜ ଅଭିଭାଷଣରେ ପିଲାମାନଙ୍କ ଜୀବନରେ ଜେଜେବାପା-ଜେଜେମା'ଙ୍କ ଅବଦାନ ଓ ସେମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତାର ଆବଶ୍ୟକତା ବିଷୟରେ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ଜେଜେବାପା-ଜେଜେମା'ଙ୍କ ପାଦ ଧୋଇ, ଚନ୍ଦନ ଓ ସିନ୍ଦୂର ଲଗାଇ ଆରତି କରି ସମ୍ମାନ ଜଣାଇଥିଲେ।

ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା



ଚନ୍ଦନେଶ୍ୱର, ୩।୧୦ (ସମିସ): ସ୍ୱଚ୍ଛ ଗ୍ରାମ, ସୁନ୍ଦର ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସ୍ୱଚ୍ଛତା ଅଭିଯାନ ଚାଲୁଥିବା ବେଳେ ଭୋଗରାଇ ବ୍ଲକର କାନ୍ଥଭଉଁରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି। ପଞ୍ଚାୟତର ମୁଖ୍ୟ ରାସ୍ତା ଓ କାର୍ଯ୍ୟାଳୟର ପ୍ରବେଶ ଗେଟ୍ ସମ୍ମୁଖରେ ଆବର୍ଜନା ଜମା ହୋଇ ରହିଥିବାରୁ ଏହା ପଞ୍ଚାୟତର ସ୍ୱଚ୍ଛତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ଗେଟ୍ ସମ୍ମୁଖରେ ଏଭଳି ଅପରିଷ୍କାର ପରିବେଶ ରହିଥିଲେ ମଧ୍ୟ ଏହାର ସଫେଇ ଓ ଆବର୍ଜନା ନିଷ୍କାସନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି ପଡୁ ନ ଥିବା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ଦୁର୍ଗାପୂଜାର ସୁପରିଚାଳନା; ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୩।୧୦ (ସମିସ): ଆଗାମୀ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଶାରଦୀୟ ଦୁର୍ଗାପୂଜାକୁ ବାଲେଶ୍ୱରରେ ଶାନ୍ତି, ଶୃଙ୍ଖଳା ପରିବେଶରେ ପାଳନ କରିବା ଉଦ୍ଦେଶ୍ୟରେ ଆଜି ଅପରାହ୍ନ ୪.୩୦ ଘଟିକାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାଶ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଆଇନଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ନିର୍ଦ୍ଧାରିତ ନିୟମ ଓ ପ୍ରଶାସନିକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପୂଜା କମିଟିଗୁଡ଼ିକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ମାଇକ ବ୍ୟବହାର, ମେଢ଼ର ଉଚ୍ଚତା, ଉଚ୍ଚ ଶବ୍ଦଯୁକ୍ତ ବାଣ ଫୁଟାଇବା, ନିର୍ଦ୍ଧାରିତ ସମୟସୀମା ବାହାରେ ଧ୍ୱନି ପରିବେଷଣ ଏବଂ ମଦ୍ୟପାନ ଉପରେ କଟକଣା ଲଗାଯାଇଥିବା ବେଳେ ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିବ ବୋଲି ସୂଚନା ଦିଆଯାଇଥିଲା। ଏଥିସହିତ ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଅକ୍ଟୋବର ୧୦ ରୁ ୧୨ ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଆସନ୍ତା ୨୨ ଅକ୍ଟୋବରରେ ଭସାଣି ଉତ୍ସବ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଦୁର୍ଗାପୂଜା ଭାଇଚାରା, ସାମାଜିକ ଏକତା ଓ ସୌହାର୍ଦ୍ଦ୍ୟର ପର୍ବ ହୋଇଥିବାରୁ ପୂଜା କମିଟି, ପୋଲିସ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଶାନ୍ତିପୂର୍ଣ୍ଣ ଭାବେ ପୂଜା ସମ୍ପାଦନ କରିବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ପୂଜା କମିଟିର କର୍ମକର୍ତ୍ତା, ଜନପ୍ରତିନିଧି, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

ସକାଳ
THE SAKALA
www.sakalaepaper.com

ଗର୍ଭ ସଂଚାର

ନମିତା ପାଇକରାୟ

ମୁଁ ଜାଣିନି କୁଆଡ଼େ ଯାଉଛି ଆଉ କାହିଁକି ବି ଯାଉଛି! ଆଗରୁ କେବେ ଏଠିକୁ ଆସିଥିବା ପରି ମନେ ପଡୁନି । ତଥାପି ସବୁଆଡ଼େ ଏକ ନିଜର ନିଜର ଭାବ ବିଛେଇ ହୋଇ ରହିଛି । ଯେମିତି, ଏ ରାସ୍ତା, ଏ ପାହାଡ଼, ନଈ, ବଣ ତୋଟା ସବୁ ଚିହ୍ନା ଚିହ୍ନା ଲାଗୁଛି, ତଥାପି ମନେ ପଡୁନି କେବେ କାହା ସହିତ ଏଠିକୁ ଆସିଛି । ତାହେଲେ କ'ଣ ଏସବୁ ସହିତ ମୋର ପୂର୍ବ ଜନ୍ମର ସମ୍ପର୍କ ରହିଛି ? ଏ ସବୁ ପ୍ରଶ୍ନ ମାନସୀକୁ ବିଚଳିତ କରିଦେଲା । ସେଠାରୁ ସେ ଫେରି ଆସିଲା, ବଡ଼ ନୂଆବୋଉ ସହ ଯାଇ ଥିଲା ସେଇଠିକି, ବଡ଼ ନୂଆବୋଉ ମାନସୀର ଆନମନା ମୁହଁକୁ ଦେଖି ଥଟ୍ଟା କଲେ, କ'ଣ ମାନସୀ କେଉଁଠି ହଜିଗଲ କି ? କେଉଁ ରାଜକୁମାର ମନ ଚୋରି କଲା ଏ ଜଙ୍ଗଲରେ ?

ଘରକୁ ଫେରି ମାନସୀ ଅତି ମାତ୍ରାରେ ଭାବୁକ ହୋଇଗଲା । ଷୋଳ ବର୍ଷର ଝିଅ କ'ଣ ଏତେ ଭାବୁଛି ଜେଜେମା ବ୍ୟସ୍ତ ହୋଇଗଲେ । ଜେଜେମା ନାତୁଣୀ ମାନସୀକୁ ଧରି ନିଜ ଭଉଣୀର ନାତି ବାହାଘରକୁ ଆସିଥିଲେ । ଭଉଣୀ ସିନା ମରି ଗଲାଣି ହେଲେ ସବୁ କାମ କାର୍ଯ୍ୟରେ ଛୁଆଙ୍କର ସାନ ମାଉସୀ ଲୋଡ଼ା । ପୁତୁରାମାନେ ଦରବୁଢ଼ା ହେଲେଣି, ହେଲେ ମାଉସୀକୁ ଦେଖିଦେଲେ ଛୁଆ ହୋଇ ଯାଆନ୍ତି । ବଡ଼ ପୁତୁରାର ସାନ ପୁଅ ବାହାଘର, ନାତୁଣୀ ମାନସୀକୁ ଧରି ଜେଜେମା' ଆସିଛନ୍ତି । ମାନସୀ ତ ସବୁବେଳେ ଓଡ଼ିଶା ବାହାରେ ବାପା-ମାଆ ସହ ବୁଲୁଛି । ବାପା ଚାକିରି ଯେଉଁଠି ସିଏ ସେଇଠି ରହିବ । ଏଥର ତା'ର ପରୀକ୍ଷା ପରେ, ତା' ବାପା ମାନସୀର ଗାଁ ଅଭିଜ୍ଞତା ପାଇଁ ମାଆ ପାଖରେ ଗାଁରେ ଛାଡ଼ି ଦେଇ ଯାଇଛନ୍ତି ।

ପୁତୁରା ଯାଇଥିଲେ ମାଉସୀକୁ ଡାକି, ସଂଯୋଗ ଏମିତି ମାନସୀ ଥିଲା ଗାଁରେ, ଦୁହିଁଙ୍କୁ ଧରି ପୁଅ ବାହାଘର ପାଇଁ ନେଇ ଆସିଲେ ।

ମାନସୀ ଜେଜେମା'ଙ୍କ ବଡ଼ ଭଉଣୀଙ୍କ ଘର ଠିକ୍ ପାହାଡ଼ ତଳେ, ତାଙ୍କ ବାରି ପଟ କବାଟ ଖୋଲି ଦେଲେ, ପାହାଡ଼ ଯେମିତି ଦୁଆର ମୁହଁରେ ଠିଆ ହେଲା ପରି ଲାଗିବ । ଟିକେ ଦୂରରେ ନଈଟି ବହୁଥାଏ, ପାହାଡ଼ ଉପରକୁ ଟିକେ ଚଢ଼ିଗଲେ ଏତେ ମନୋରମ ଦୃଶ୍ୟ ମାନସୀ ଆଖିରେ କେବେ ଦେଖି ନଥିଲା । ଏଇ ସବୁ ଚିତ୍ର ତ ସେ ଅନେକ ଥର ଆଙ୍କିଛି । କିନ୍ତୁ ଏ ଦୃଶ୍ୟମାନ ଆଖିରୁ ହଟୁ ନାହାଁନ୍ତି । ମାନସୀକୁ ବିଚଳିତ କରୁଛନ୍ତି କାହିଁକି ? ଏତେ ଆପଣାର ଦୃଶ୍ୟମାନ ଏଇଠି ଅଛି । କିନ୍ତୁ ଅନେକ ଥର ସ୍ୱପ୍ନରେ ଆସେ ମାନସୀର ଏସବୁ, ମାନସୀ ସ୍ୱପ୍ନରେ ଘୂରି ବୁଲୁଥିବା ଜାଗା ସବୁ ଆଖିରେ ଦେଖି ଆଚମ୍ବିତ ହେଉଛି, ତାକୁ ଯେମିତି ପରୀ ରାଇଜର କାହାଣୀ ପରି ଲାଗୁଛି ।

ଜେଜେମା ସବୁ ଶୁଣି ମାନସୀକୁ କୋଳେଇ ଧରିଲେ । ବୋକୀଟାଏ ତୁ, ତୋ ମାଆକୁ ମାଉସୀ ଶାଶୁ ଡାକି ଆଣି ଥିଲେ ସାଦ ଖୁଆଇବା ପାଇଁ । ଚାରି ଦିନ କହି, ତୋ ମାଆକୁ ଏ ପାହାଡ଼ ନଈ ଏତେ ଭଲ ଲାଗିଲା ଯେ ଏଇଠି ମାସେ ରହି କି ଗଲା । ତୁ ତୋ' ମାଆ ପେଟରେ ଥିଲୁ, ମାଆ ଆଖି ଦେଇ ଦେଖିଥିବୁ, ସେଇଥିପାଇଁ ତୋ' ଆଖିକୁ ଏ ଦୃଶ୍ୟମାନ ଦୋ ଦୋ ଚିହ୍ନା ଲାଗୁଛି । ମାନସୀକୁ ଆହୁରି ଆଶ୍ଚର୍ଯ୍ୟ ଲାଗିଲା, ତା' ମୁହଁରୁ ବାହାରି ଆସିଲା, "ଆରେ ଏମିତି ବି ହୁଏ ?"

ଜେଜେମା କହିଲେ, "ତୁ ଅନେକ କଥା ଜାଣିନୁ, ଆମ ପୁରାଣ ଶାସ୍ତ୍ରରେ ସବୁ ଲେଖା ଅଛି 'ଗର୍ଭ ସଂଚାର' ବିଷୟରେ ପଢ଼ିଲେ ଜାଣିବୁ । ଏଥର ମାନସୀର ମନ ହାଲୁକା ହୋଇଗଲା । ସେ ସେଠାରେ ଯେତିକି ଦିନ ରହିଲା ସବୁ ଦୃଶ୍ୟକୁ ତନ୍ନ ତନ୍ନ କରି ଦେଖିଲା, ଦିଲ୍ଲୀ ଗଲେ ଯେମିତି ସେସବୁକୁ କାନଭାସ୍‌ରେ ଜୀବନ୍ତ ରୂପ ଦେଇପାରିବ ।

ଭୁବନେଶ୍ୱର
ମୋ: ୯୮୬୩୩୮୫୦୪୬

ଡ. ଚିତ୍ତରଞ୍ଜନ ମିଶ୍ର

ରୂପାନ୍ତର

କେବେ ତ ପାଖରେ ନଥିଲ
କିନ୍ତୁ ବିଦାୟ ନେବା ବେଳକୁ ଆସିଲ
ଲମ୍ବା ଅନୁପସ୍ଥିତିର ଆସ୍ତରଣକୁ ହସି ହସି
ଆଢ଼େଇ ଦେଲ ଓଢ଼ଣି ପରି
ଯେମିତିଆ ସବୁଦିନ ଥିଲ ।

ମନ ଏକ ନିର୍ବୋଧ ବାଳକ
ବୁଝିଯାଏ ସହଜରେ କିଏ ବୁଝାଇ ଦେଲେ ମା' ପରି
ପୁନଶ୍ଚ ଅଝଟ ହୁଏ
ବୟସ୍କ ହେଲେ ବି ରହିଥାଏ ସେହି ଅଝଟ ଅବୁଝାପଣ
କାଚ ବାକ୍ସ ଭିତରେ ଥିବା ତାରକସି
ରୂପା ତରୁଣୀର କାନ୍ତି ପରି
ବର୍ଷ ବର୍ଷ ବର୍ଷ ବର୍ଷ

ତୁମକୁ ବାଟେଇ ଦେଇ ଫାଟକ ପାଖରେ
ଘରକୁ ପଶିଲା ବେଳେ
କାଚ ବାକ୍ସ ପଡ଼ି ଖଣ୍ଡ ଖଣ୍ଡ
ଥାକରେ ତ ଏତେଦିନ ଥିଲା ସ୍ଥିର
କେବେ ବି ତ ପବନର ହାତ
ଅବା ବିଲେଇ ମୂଷାଙ୍କ ଗୋଡ଼ ଛୁଆଙ୍କ ଦୁଷ୍ଟାମି

ହଲାଇ ନ ଥିଲା ସେହି ରୂପାତାର ତରୁଣୀର
କାଚକାନ୍ଥ ଘେରା କାରାଗାର !
କାମବାଲି ପାଟି କଲା
ବାବୁ ଉଠ ଝାଡୁ ଦେବି
କାଚ ଗୁଣ୍ଡ ଫିଙ୍ଗି ପୁଣି ଯିବି ଅନ୍ୟ ଘର ।

ତୁମେ କଲ୍ କରିଥିଲ
କହିବାକୁ ଘରେ ପହଞ୍ଚିଲ ।

୨୦୫, ମଂଜୁଳା ରେସିଡେନ୍ସି
ୱାଟର ୱାର୍କ୍ସ ରୋଡ୍, ପୁରୀ ୭୫୨୦୦୨
ମୋ: ୯୪୩୭୦୦୦୯୨୧

ତମେ ନଥିଲା ଦିନ

ରବି ଶତପଥୀ

ମୁଁ ଗଲାଦିନ
ତମେ ନଥିଲ,
ଗୋଟେ ମଉଳା ଗୋଲାପ ଫୁଲ
ଥୁଆ ହୋଇଥିଲା
ତମ ପଢ଼ା ଟେବୁଲ୍ ଉପରେ ।
ଖଣ୍ଡେ ଧଳାକାଗଜରେ
ଖାଲି ଲେଖାଥିଲା
ଏତେ ପରେ ବି
ତମେ ଥରେ ଆସିଲନି ।

ମୁଁ ସାରାଘର ତମକୁ ଖୋଜିଲି
ତମେ ନଥିଲେ ବି
ସେଇଠି କେଉଁଠି ଥିଲ
ମୋତେ ଏମିତି ଲାଗିଲା ।
ତୁମର ଗୋଟେ ସୁନ୍ଦର
ରଙ୍ଗିନ୍ ଫଟୋ ଝୁଲୁଥିଲା
ତମ ଡ୍ରଇଂ ରୁମ୍‌ରେ,
ଆଉ ତମ ଦେହର ବାସ୍ନା
ଘୂରି ବୁଲୁଥିଲା ସେ ଘରେ ।
ତମ ଆଲବମ୍ ଖୋଲିଲି
ଗୋଟେ କେଉଁଦିନର
କଳାଧଳା ଫଟୋ ମୋର
ଥିଲା ତମ ପାଖରେ ।

ମୁଁ ତମକୁ ପୁଣି
ଭଲକରି ଖୋଜିଲି
ତମେ ନଥିବା ଘରେ,
ଅଭିମାନ କରି
କେଉଁଠି ଲୁଚିଗଲ କି ?
ଭାବିଲି, ଭାବିପାରିଲି ନାହିଁ ।
ପଡ଼ିଶାଘର କେହି ଜଣେ
ସଞ୍ଜଦୀପ ଜାଳିଲା,
ଭାବିଲି, ରାତି ଆଉ କେତେ ବାକି ।

ଫେରିଲି, ସାରାରାସ୍ତା ଅନ୍ଧାର
ଆଶ୍ଚର୍ଯ୍ୟ, ମୋତେ ଜଗିଥିଲା ଭଳି
ତମେ ଠିଆ ହୋଇଥିଲ
ନୀରବରେ ମଝି ରାସ୍ତାରେ,
ମୋର ସବୁ ଇଚ୍ଛା ଓ ଚେଷ୍ଟା ସତ୍ତ୍ୱେ
ମୁଁ ଥରେ ବି ଛୁଇଁପାରିଲିନି ତମକୁ ।
ଘରକୁ ଫେରି ଦେଖିଲି
ମୁଁ ଆଉ ସେମିତି ମୁଁ ହୋଇନାହିଁ
ତମ ଘରକୁ ଗଲାବେଳେ
ଠିକ୍ ଯେମିତି ଥିଲି ।

ନୀରବ ନୀଡ଼
ପୂଜାରୀପୁଟ, କୋରାପୁଟ
ମୋ: ୯୪୩୭୭୮୪୮୫୯

ପୁସ୍ତକ ଓ ପତ୍ରିକା ପରିଚୟ

ସ୍ୱାଧୀନ ଜିଜ୍ଞାସା

ଡକ୍ଟର ସ୍ୱାଧୀନ କୁମାର ଦାଶ



ଡଟ୍ ବୁକ୍ସ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୨୪୯ ଟଙ୍କା ମାତ୍ର

ସଂପ୍ରତିକ ସମାଜର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଡକ୍ଟର ସ୍ୱାଧୀନ କୁମାର ଦାଶଙ୍କ ପ୍ରବନ୍ଧ ପୁସ୍ତକ 'ସ୍ୱାଧୀନ ଜିଜ୍ଞାସା' । ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ମନ ଭିତରେ ନାନା ଜିଜ୍ଞାସା ସୃଷ୍ଟି ହୋଇଥାଏ । କ'ଣ ଆମେ ସେଇ ଜିଜ୍ଞାସା ବା ପ୍ରଶ୍ନକୁ ସ୍ୱାଧୀନ ଭାବେ ପ୍ରକାଶ କରିପାରିଛୁ! ସମାଜର କେତେକ ବାସ୍ତବ ସମସ୍ୟାକୁ ନେଇ ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକରେ ଆଲୋଚନା କରାଯାଇଛି । 'କ୍ଷମତାରେ ମତୁଆଲା ନେତା ଓ ଭକୁଆ ଜନତା', 'ଗଣତନ୍ତ୍ର କ'ଣ ଆଇସିୟୁରେ?', 'ବିଭେଦର ବିଷ ବୃକ୍ଷ', 'ସମାଜର ନିଆଁଲଗା ଓ ନିଆଁଲିଭା ମଣିଷ', 'ନାରୀ ସ୍ୱାଧୀନତା ଓ ସ୍ୱାବଲମ୍ବନ ଭାଷଣ ନା ବାସ୍ତବତା?', 'ପ୍ରଗତି ନା ପ୍ରହସନ', 'ଚାଷ ଅଛି ଯାହାର, ଖାଏ ସେ କେତେ ପାହାର', 'ଆଧୁନିକତାର ଅନ୍ଧ ଦୌଡ଼ର ଶେଷ କେଉଁଠି?', 'ଧର୍ମ ପ୍ରଦୂଷଣ ପାଇଁ ଦାୟୀ କିଏ?', 'ମଣିଷ ଆସ୍ତିକ ନା ନାସ୍ତିକ?' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସମାଜ, ପରିବାର, ଧର୍ମ, ସଂସ୍କୃତି, କୃଷି, ସ୍ୱାସ୍ଥ୍ୟ, ଅର୍ଥନୀତି, ରାଜନୀତି, ଶାସନ, ପ୍ରଶାସନ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ରଚିତ ଉଚ୍ଚାଙ୍ଗ ପ୍ରବନ୍ଧଗୁଡ଼ିକ ପାଠକଙ୍କ ଚିତ୍ତକୁ ଆଲୋଡ଼ିତ କରିବ ବୋଲି ଆଶା କରାଯାଏ ।

ଅଗ୍ନିବୀଣା

ଉମା ଚରଣ ମହାନ୍ତି



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୨୦୦ ଟଙ୍କା ମାତ୍ର

ଓଡ଼ିଆ ଜାତି ଓ ଭାଷା ଜନନୀଙ୍କ ଜୟଗାନକୁ ନେଇ ରଚିତ ବିପ୍ଳବୀ କବି ଉମା ଚରଣ ମହାନ୍ତିଙ୍କ କବିତା ପୁସ୍ତକ 'ଅଗ୍ନିବୀଣା' ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୬୦ଟି ଛନ୍ଦଧର୍ମୀ କବିତା ସଂକଳିତ ହୋଇଛି । "ମାତୃଭାଷା ଯଦି ରାଜ୍ୟେ ନଚାଲିବ/ କୋଟି ଓଡ଼ିଆର ମୁଣ୍ଡ ଯେ ଗଡ଼ିବ/ ବିଦ୍ରୋହ ନିଆଁ ସାରା ରାଜ୍ୟେ ଉଡ଼ି/ ଶାସନ କଳକୁ ଦେବ ଜାଳି ପୋଡ଼ି ।" ଏହି ପୁସ୍ତକରେ ମାତୃଭାଷାର ସୁରକ୍ଷା, ଓଡ଼ିଆ ଅସ୍ମିତାର ପୁନଃଜାଗରଣ, ଭାଷା ପ୍ରତି ସମର୍ପଣ ଭାବନା ନେଇ ଏଭଳି ଅନେକ ମନଛୁଆଁ କବିତା ସଂକଳିତ ହୋଇଛି । ପ୍ରଥମେ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏହି ପୁସ୍ତକର ଅନେକ କବିତା ବେଶ୍ ପାଠକୀୟ ପ୍ରଶଂସା ସାଉଁଟିଛି । କବି ଉମାଚରଣଙ୍କ ପ୍ରତିଟି କବିତା ଭିତରେ ଭରି ରହିଛି ମାତୃଭାଷା ପ୍ରତି ଅସୀମ ପ୍ରୀତି । କବିତାଗୁଡ଼ିକର ଭାବ, ଭାଷା ପାଠକମାନଙ୍କୁ ମାତୃଭାଷା ପ୍ରତି ଗଭୀର ମମତ୍ୱବୋଧ ଜାଗ୍ରତ କରିବ । ଓଡ଼ିଆ ଭାଷାର ଜୟଗାନ, ଭାଷା ସୁରକ୍ଷା ପାଇଁ ଜାଗରଣ ସୃଷ୍ଟି କରିବାରେ ଏହି ପୁସ୍ତକର କବିତାଗୁଡ଼ିକ ବେଶ୍ ଶକ୍ତିଶାଳୀ । 'ଅଗ୍ନିବୀଣା' ପୁସ୍ତକର ଅଗ୍ନିବର୍ଷୀ କବିତାଗୁଡ଼ିକ ମାତୃଭାଷା ପ୍ରତି ଆକୃଷ୍ଟ କରିବାରେ ପାଠକମାନଙ୍କ ପ୍ରାଣରେ ନୂତନ ଶକ୍ତି ସଂଚାର କରିବ ବୋଲି ଆଶା କରାଯାଏ ।

ସଂପର୍କ

ସଂପାଦକ: ଚନ୍ଦ୍ରମଣୀ ଭୂୟାଁ

ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର, କଟକ
ମୂଲ୍ୟ : ୧୦୦

'ସଂପର୍କ ସାହିତ୍ୟ ସଂସଦ' ପକ୍ଷରୁ ଚନ୍ଦ୍ରମଣୀ ଭୂୟାଁଙ୍କ ସଂପାଦନାରେ 'ସଂପର୍କ'ର ନୂଆଖାଇ-୨୦୨୬ ସଂଖ୍ୟା ପ୍ରକାଶିତ ହୋଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡ. ହୃଷିକେଶ ମହାରଣାଙ୍କ '୧୯୮୦ ପରବର୍ତ୍ତୀ ଓଡ଼ିଆ ଆତ୍ମଜୀବନୀ: କ୍ରମିକ ଉତ୍ତରଣ', ଡା. ହରେକୃଷ୍ଣ ଷଡ଼ଙ୍ଗୀଙ୍କ 'ଭାଗ୍ୟ, ଗୋଟେ ବିଡ଼ମ୍ବିତ ଅନୁଶୀଳନ', ସୁରେନ୍ଦ୍ର ମହାରଣାଙ୍କ 'ସାହିତ୍ୟ ମଣିଷର ହୃତପିଣ୍ଡ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ତଥ୍ୟ ଭିତ୍ତିକ ହୋଇଛି । ସେଭଳି ବସନ୍ତ କୁମାର ଘୋଷଙ୍କ 'ଜେଜେଙ୍କ ଘର', ଉମେଶ ଚନ୍ଦ୍ର ସାହୁଙ୍କ 'ଭାତକଂସାରେ ଝଡ଼', ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ 'ତଥାପି ଅପେକ୍ଷା', ସମ୍ବିତ ଦାସଙ୍କ 'ମମତାର ଇଞ୍ଜେକସନ୍' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । ସେଭଳି କବିତା ବିଭାଗରେ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଲକ୍ଷ୍ମୀପ୍ରିୟା ଦେବୀ, ବ୍ରଜବନ୍ଧୁ ପୃଷ୍ଟି, ପ୍ରଫୁଲ୍ଲ ମିଶ୍ର, ଅଧ୍ୟାପିକା ଉର୍ବଶୀ ସାହୁ, ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖଙ୍କ କବିତାଗୁଡ଼ିକ ମନଛୁଆଁ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

"ଆନନ୍ଦ ହିଁ ମୋ କବିତା ଲେଖିବାର ବଡ଼ ଉତ୍ତର"

ରକ୍ଷକ ନାୟକ

'ମୁଁ କାହିଁକି ଲେଖେ, ଏ ପ୍ରଶ୍ନ ବା ଜିଜ୍ଞାସା ପ୍ରଥମେ ସାମ୍ନା କରିବା ପୂର୍ବରୁ ମୁଁ ଗୁଡ଼େ ଲେଖିସାରିଲିଣି । ଉତ୍ତର ପାଇଁ ପଛକୁ ଫେରିବାକୁ ପଡ଼ିଲା । ପିଲାବେଳକୁ । ଆତ୍ମ ସମୀକ୍ଷା କରିବାକୁ ହେଲା । ଗୋଟେ ବାକ୍ୟରେ କହିବି ଆରମ୍ଭ ଥିଲା ମୋର ଯୋଜନା ଓ ନିୟନ୍ତ୍ରଣ ବାହାରେ, ସମ୍ପୂର୍ଣ୍ଣ ସ୍ୱାଭାବିକ । ତାହା ଆପାତତଃ ଏଯାବତ୍ ବଜାୟ ରହିଛି ।

ମୋର ଜନ୍ମ ପୁରୀ ଜିଲ୍ଲାରେ ଗୋପ ବ୍ଲକ୍‌ର ଏକ ନିପଟ ମଫସଲ ଗାଁ ପାଇକସାହିରେ । ମୋ' ପିଲାବେଳର ସମୟ ଥିଲା ଆଶ୍ଚର୍ଯ୍ୟ, ବିସ୍ମୟ ଓ ରହସ୍ୟରେ ଭରପୂର । ଅନ୍ଧାର ଯେମିତି ଆଲୁଅ ମଧ୍ୟ ସେମିତି । ମୋ' ଗାଁର ସାଂସ୍କୃତିକ, ପ୍ରାକୃତିକ ଓ ସାମାଜିକ ପରିବେଶ ମନଛୁଆଁ ଥିଲା । ଅନେକ କଥା ବୁଝି ନ ହେବାରେ ବହୁତ ଆନନ୍ଦ ଥିଲା । ମୁଁ ଭଲ ପାଠ ପଢୁଥିଲି । ସେତେବେଳର ମାନକରେ ଭଲ ପିଲା ଥିଲି । ଭଲ ପିଲା ମାନେ ମାଛିକୁ ମ' ନ କହିବା । ଖେଳ କଉତୁକ ଦୁଷ୍ଟାମିଠୁ ଦୂରେଇ ରହିବା । ଖାଲି ବହି ପଢ଼ିବା, ପାଠ ଘୋଷିବା । ମୁଁ ଥିଲି ଅନ୍ତର୍ମୁଖୀ । ପୋତାମୁହାଁ । ମୋର କେହି ଅନ୍ତରଙ୍ଗ ସାଙ୍ଗ ନ ଥିଲେ । ଭଲ ପିଲା ବୋଲି ଆଡ଼େଇ ଯାଉଥିଲେ । ମୋର ଯେ, ବୁଲିବାକୁ ଖେଳିବାକୁ ଦୁଷ୍ଟାମି କରିବାକୁ ଇଚ୍ଛା ନ ଥିଲା ନୁହଁ, ଭଲ ପିଲାର ଭାବମୂର୍ତ୍ତି ବଜାୟ ରଖିବାକୁ ନିଜକୁ ଚାପି ରଖିବାକୁ ପଡୁଥିଲା । ମୋ ଜେଜିମା ଗାଆଁକୁ ଆସୁଥିବା ଯୋଗୀମାନଙ୍କଠାରୁ ଚାଉଳ ଦେଇ ବହି କିଣି ଖରାବେଳ ସାରା ପଢ଼େ । ତାକୁ ସଙ୍ଗା ଉପରେ ଥିବା ପେଟରାରେ ରଖେ । ମୋ' ବାପା ସ୍କୁଲ ଶିକ୍ଷକ ଥିଲେ । ପାଠାଗାର ଦାୟିତ୍ୱରେ ଥିବାରୁ ବହୁତ ବହି ତାଙ୍କ ଆଲମିରାରୁ ଯିବା ଆସିବା କରୁଥାଏ । ଏସବୁ ମୁଁ ପଢ଼େ । ଦେଖେ । ଆଉ ନିରାପଦ ଦୂରରେ ରହି ଗାଁ ଲୋକଙ୍କ କଥା ଶୁଣେ । କାହାକୁ କିଛି କହି ପାରେନା । ଏହି ଚାପା ଅନୁଭବ ବୋଧେ ପ୍ରଥମେ କବିତା ହେଇ ଆସିଲା । ମୁଁ ଆଚମ୍ବିତ ହେଲି । ଯାହା ମନକୁ ଆସିଲା ଲେଖିଲି । ରେଡିଓରେ ଶିଶୁ ସଂସାର କିଶୋର ଚକ୍ର ମୁଁ ନିୟମିତ ଶୁଣେ । ସେଠୁ ମତେ ଲେଖିବାର ବାଟ ମିଳେ । ଲେଖେ ସିନା କାହାକୁ ଦେଖାଇ ପାରେନା । ସହପାଠୀକୁ ବି । ମୋ ପାଇଁ ଏହା ଥିଲା ନିଷିଦ୍ଧ କାମ । ଦୁଃସାହସିକ ଅଭିଯାନ । କାରଣ ଆମ ବେଳେ ଲେଖାଲେଖିକୁ ଶିକ୍ଷକ ଗୁରୁଜନ ପସନ୍ଦ କରୁ ନ ଥିଲେ । ତାଙ୍କର ଧାରଣା ଥିଲା ଯାହା ଅବଶ୍ୟ କିଛି ମାତ୍ରାରେ ସତ୍ୟ ଯେ, ଲେଖାଲେଖି ପାଠରେ ଅନ୍ତରାୟ ସୃଷ୍ଟି କରେ । ମୁଁ କିନ୍ତୁ ଲୁଚେଇ ଲେଖେ ଲୁଚେଇ ତାକୁ ପଢ଼େ । ଥରେ ଅଧେ ବଡ଼ ଭାଇ ହାବୁଡ଼ରେ ଧରା ପଡ଼ିଛି । ସେ ଖୁସି ହେଇଛି । କାହାକୁ କହିନି । ମୁଁ କାହିଁକି ତାହେଲେ ଏତେ ବଡ଼ ଅପରାଧ ଭଳି କାର୍ଯ୍ୟ କରୁଥିଲି । କାରଣ ହେଲା ଗୋଟେ ନିର୍ମଳ ସରଳ ନିରୀହ ବିଶୁଦ୍ଧ ଆନନ୍ଦ ପାଉଥିଲି । ତାଛଡ଼ା ମତେ ଲାଗୁଥିଲା ମୁଁ କ'ଣ ଗୋଟେ ନୂଆ ନିର୍ମାଣ କରି ପାରୁଛି । ମୋ' ମନକଥା, ମୋ ଅନୁଭବ, ମୋ ଭାବନା ପ୍ରକାଶ କରି ପାରୁଛି । ତାହା ଏ ପର୍ଯ୍ୟନ୍ତ ଚାଲିଛି ବୋଲି ଲେଖୁଛି । ପରେ କାହିଁକିରେ ଅନେକ କଥା ମଧ୍ୟ ଯୋଡ଼ି ହେଇ ଯାଇଥିଲେ ମଧ୍ୟ ମୂଳ ବିନ୍ଦୁଟି ଅକ୍ଷୁଣ୍ଣ ରହିଛି ।

ମୋ ଲେଖା ବାସ୍ତବରେ ମୋର ପ୍ରତିକ୍ରିୟା । ଅନେକ କଥାର ମୋର ନିଜସ୍ୱ ପାର୍ଶ୍ୱ ପ୍ରତିକ୍ରିୟା । ନିଜକୁ ନେଇ ମୋ' ସମୟକୁ ନେଇ ମୋ ପୃଥିବୀକୁ ନେଇ ମୋର କିଛି କହିବାର ଥାଏ । ମୁଁ ସେକଥା କୁହେ । ମନ ହାଲକା ଲାଗେ । ଭିନ୍ନ ପ୍ରକାରରେ ମୋର କର୍ତ୍ତବ୍ୟ ସମ୍ପାଦନ କଲା ଭଳି ଲାଗେ । ଆତ୍ମତୃପ୍ତି ମିଳେ । କେତେ କାମ ମୁଁ କରି ପାରନ୍ତି । ପାରେନି । ମୋର ଇଚ୍ଛା ହୁଏ କାହାକୁ ହାଣି ଦେବାକୁ ତ କାହାକୁ ଚୁମା ଦେବାକୁ । ପ୍ରତିବାଦ କରିବାକୁ । ପ୍ରତିଶୋଧ ନେବାକୁ । ପ୍ରେମ ନିବେଦନ କରିବାକୁ । ସତରେ ତାହା ହେଇପାରେନି । ଶବ୍ଦରେ ଘଟାଇ ଦିଏ । ତେଣୁ ମୋର ପ୍ରତ୍ୟେକ ଲେଖାରେ ମୁଁ ଥାଏ । ପ୍ରେମ କବିତା ହେଉ କି ବିଦ୍ରୋହର କବିତା ସବୁଠି ନିଜକୁ ପ୍ରକାଶ କରି ଆତ୍ମ ସନ୍ତୋଷ ପାଏ । ଅତି ସହଜରେ ମିଳିଥିବା ଆନନ୍ଦ ହିଁ ମୋ କାହିଁକିର ବଡ଼ ଉତ୍ତର । ମୁଁ ଲେଖେ ମୁଁ ତାକୁ ଭୋଗେ ।

ଲେଖିବାର ଆଉ ଗୋଟେ କାରଣ ହେଉଛି ପ୍ରଶଂସା । ମତେ କବି ଲେଖକ ଭାବରେ ବହୁ ପ୍ରଶଂସା ମିଳିଛି । ସ୍ୱୀକୃତି ମିଳିଛି । ଭିଡ଼ ଭିତରେ ଭିନ୍ନ ବୋଲି ପରିଚୟ ସୃଷ୍ଟି ହୋଇଛି । ବନ୍ଧୁ ମହଲରେ ବିଶେଷ ଖାତିର ମିଳିଛି । ଏହା ଲେଖା ଜାରି ରଖିବାକୁ ପ୍ରେରିତ କରିଛି । ହୁଏତ ଏହି ପ୍ରଶଂସା ପରବର୍ତ୍ତୀ ସମୟରେ ମୋ' ଲେଖିବାର ଛୋଟ କାରଣ ହୋଇଛି ।

ମୁଁ ଲେଖୁଥିବାରୁ ମତେ ଅନେକ ଉପଯୋଗ କରିଛନ୍ତି । ନିଜେ ନିଜର ପ୍ରେମ ଚିଠି କାହାକୁ ଲେଖି ପାରିନି ସିନା ବରା ଲୋଭରେ ସାଙ୍ଗମାନଙ୍କ ପାଇଁ ଚିଠି ଲେଖିବା କବିତା ବି ଅନେକ ଲେଖିଛି । ବୃତ୍ତିଗତ ଦାୟରେ ବି ଅନେକ ଲେଖିଛି । ଅନେକଙ୍କ ପାଇଁ ଲେଖିଛି । ତେବେ କବିତା ଯାହା ମୋ ନାଁରେ ବାହାରେ ତାହା ମୋର ଅତି ଆପଣାର ଏବଂ ତାକୁ ଲେଖିବାର କାରଣ ହେଉଛି କେବଳ ଆନନ୍ଦ । ଏ ଆନନ୍ଦର ବିକଳ୍ପ ନାହିଁ । ଶେଷରେ କହିବି ମୁଁ ଲେଖେ କାରଣ ମୁଁ ଲେଖି ପାରେ ବୋଲି । ଆଉ ଯାହା ସବୁ ପରବର୍ତ୍ତୀ ସମୟର ଭିଆଣ ।

ଭୁବନେଶ୍ୱର
ମୋ: ୯୪୩୭୧୭୧୪୪୦

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦୁଷ୍କର୍ମ ଅଭିଯୁକ୍ତକୁ...

ଧରି ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଦେବା ପରେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା । ଅପରାଧ ଘଟାଇବା ପରେ ସେ ବାରମ୍ବାର ଗାଡ଼ି ବଦଳାଇବାରେ ଲାଗିଥିଲା । ପୀଡିତାଙ୍କ ଘରଠାରୁ ସେ ଚାଲି ଚାଲି ଆସିଥିଲା । ଏହାପରେ 'ଆମ ବସ୍'ରେ ଯାଇ ଗୋଟିଏ ସ୍ଥାନରେ ଓହ୍ଲାଇ ଅଟୋରେ ଯାଇଥିଲା । କିଛି ବାଟ ଯିବା ପରେ ଅଟୋ ବଦଳାଇ କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଗାଡ଼ି ପାର୍କିଂରୁ ସେ ଏକ ଗାଡ଼ି ଚୋରାଇ ମଞ୍ଚେଶ୍ୱରସ୍ଥିତ ନିଜ ଘରକୁ ଆସିଥିଲା । ଶନିବାର ସକାଳୁ ସେ ଭରତପୁର ଅଞ୍ଚଳରେ ବୁଲୁଥିବା ପୁଲିସକୁ ଖବର ମିଳିଥିଲା । ଏକ ସ୍ୱତନ୍ତ୍ର ଟିମ୍ ତାକୁ ଗିରଫ କରିବାକୁ ଗଲା ବେଳେ ସେ ଚନ୍ଦକା ଥାନା ଅଞ୍ଚଳକୁ ଚାଲିଯାଇଥିଲା । ସେଠାରେ ପୁଲିସକୁ ଦେଖି ସ୍କ୍ରୁ ଡ୍ରାଇଭରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ଜବାବରେ ପୁଲିସ ତା' ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା ।

ଅଭିଯୁକ୍ତ ସନ୍ତୋଷ ଜଣେ ପେସାଦାର ଅପରାଧୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି, ତା' ନାମରେ ଦୁଇଟି ଚୋରି ମାମଲା ରହିଛି । ୨୦୨୩ ମସିହାରେ ଗୋଟିଏ ମାମଲା ଖଣ୍ଡଗିରି ଥାନା ଅଞ୍ଚଳରେ ରହିଥିଲା ବେଳେ ଅନ୍ୟଏକ ମାମଲା ତମାଣ୍ଡୋ ଥାନା ଅଞ୍ଚଳରେ ରହିଛି । ତେବେ ରାଜ୍ୟର ଅନ୍ୟ କେଉଁ ସ୍ଥାନରେ ତା' ନାମରେ ଚୋରି ମାମଲା ରହିଛି, ତାକୁ ନେଇ ଏବେ ପୁଲିସ ଖୋଳତାଡ଼ ଆରମ୍ଭ କରିଛି । ଅଭିଯୁକ୍ତକୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ୩୦୦ରୁ ଊର୍ଦ୍ଧ୍ୱ ସିସିଟିଭିକୁ ଯାଞ୍ଚ କରିଥିଲା । 'ଆମ ବସ୍'ରେ ଲାଗିଥିବା ସିସିଟିଭିରୁ ତା'ର ଚେହେରା ଚିହ୍ନଟ ହୋଇଥିଲା । ଏହାପରେ ସ୍ପେଶାଲ ସ୍କ୍ୱାଡ୍ ତାକୁ ଚିହ୍ନଟ କରିବାରେ ସଫଳ ହୋଇଥିଲା ବୋଲି ପୁଲିସ କମିସନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି ।

ସ୍ୱର ଚାପିବାକୁ...

ମୁମ୍ବାଇରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲିର ଶିବାଜୀ ପାର୍କରେ ହୋଇଥିବା ଆନ୍ଦୋଳନ ନେଇ ପୁଲିସ ୪୦୦ରୁ ୫୦୦ ଏଫ୍ଆଇଆର୍ ଅଜଣା ବ୍ୟକ୍ତିଙ୍କ ନାମରେ କରିଛି । ଭାରତୀୟ ନ୍ୟାୟ ସଂହିତା ଓ ମହାରାଷ୍ଟ୍ର ପୁଲିସ ଆଇନର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି । ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ ଏବଂ ତଦନ୍ତ ଚାଲିଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି । ସେହିଭଳି ଗତକାଲି ଯନ୍ତରମନ୍ତର ନିକଟ ହୋଇଥିବା ପ୍ରତିବାଦକୁ ନେଇ ଦିଲ୍ଲୀ ପୁଲିସ ୩ଟି ଏଫ୍ଆଇଆର୍ ରୁଜୁ କରିଛି । ପୁଲିସ ସୂଚନା ଅନୁଯାୟୀ, ସଂସଦ ମାର୍ଗ ଥାନାରେ ୨ଟି ଏବଂ କନ୍ନଟ୍ ପ୍ଲେସ୍ ଥାନାରେ ଗୋଟିଏ ଏଫ୍ଆଇଆର୍ ରୁଜୁ ହୋଇଛି । ସରକାରୀ କର୍ମଚାରୀଙ୍କ ଜାରି କରିଥିବା ଆଦେଶ ଅବମାନନା ଅଭିଯୋଗରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୨୩ ଅନୁଯାୟୀ ଏହି ମାମଲା ହୋଇଛି । ତେବେ ଏଫ୍ଆଇଆର୍ରେ କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ନାମରେ ଅଭିଯୁକ୍ତ କରାଯାଇନାହିଁ । ଏହି ପ୍ରତିବାଦରେ ଛାତ୍ର ସଂଗଠନ, ବିଭିନ୍ନ ରାଜନୈତିକ ଦଳ ଓ ନାଗରିକ ସମାଜର କର୍ମୀମାନେ ଯନ୍ତରମନ୍ତରରେ ଏକାଠି ହେବାକୁ ଉଦ୍ୟମ କରିଥିଲେ ।

ଯନ୍ତରମନ୍ତରରେ ଆଜି ମଧ୍ୟ ବାମଦଳ ଓ ଛାତ୍ର ସଂଗଠନଗୁଡ଼ିକ ପ୍ରତିବାଦ ଜାରି ରଖିଛନ୍ତି । ପ୍ରତିବାଦକାରୀଙ୍କୁ ରୋକିବା ପାଇଁ ପୁଲିସ ବ୍ୟାରିକେଡ୍ କରିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲା । ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ) ସଭାପତି ନେହା ବୋରା ଶୁକ୍ରବାର ଗିରଫ ପରେ ଶନିବାର ପୁଣି ଆନ୍‌ଦୋଳନରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ ।ଏଆଇଏସ୍ଏ, ଏସ୍ଏଫ୍ଆଇ, ଏନ୍ଏସ୍ୟୁଆଇ, ଆପ୍ ସମେତ ବିଭିନ୍ନ ସଂଗଠନ ପ୍ରତିବାଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

ପୁଲିସ ଏଫଆଇଆର ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କକ୍ରୋଚ୍ ପାର୍ଟି ପ୍ରତିଷ୍ଠାତା ଅଭିଜିତ ଦୀପକେ ।ସେ କହିଛନ୍ତି ଯେ ଭିନ୍ନମତ ହେଉଛି ଗଣତାନ୍ତ୍ରିକ ଅଧିକାର ଏବଂ ନାଲିଆଖି ଦେଖା ଦମନ କରାଯାଇପାରିବ ନାହିଁ । ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତର-୨ ଆ।।ନେନ୍ଦୋଳନ ହେବ ଏବଂ ଏଥିରେ ଅଧିକ ସଂଖ୍ୟକ ଆନ୍ଦୋଳନକାରୀ ସାମିଲ ହେବେ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବା ଲାଗି ପୁଲିସ ପକ୍ଷରୁ ଚେଷ୍ଟା କରାଗଲେ ଏହି ଆହୁରି ଅଧିକ ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବେ ।ସେ କହିଲେ ଯେ ଶିବାଜୀ ପାର୍କେରେ ବିକ୍ଷୋଭ ପାଇଁ ପୁଲିସ ଅନୁମତି ନଦେବାରୁ ଆନ୍ଦୋଳନରେ ଅଧିକ ଲୋକ ଓହ୍ଲାଇଥିଲେ ।

ପୁରୀର ମଠାଧୀଶମାନେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପୁରୀର ବିଭିନ୍ନ ମଠ ମନ୍ଦିରର ଉନ୍ନତିକରଣ ବିଷୟରେ ଆଲୋଚନା କରିଛନ୍ତି । ଏହି ଅବସରରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ ।

ନବଗଠିତ ବିଜେଡି ମିଡିଆ ସେଲ୍ ସଂଯୋଜକ ଟିମ୍‌କୁ ନବୀନଙ୍କ ଗୁରୁମନ୍ତ୍ର

ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କର

ବିଜେପିର କୁଶାସନରେ ଅତିଷ୍ଠ ରାଜ୍ୟବାସୀଙ୍କୁ ସଚେତନ କରିବ ବିଜେଡି

ଭୁବନେଶ୍ୱର,୩।୧୦(ସମିସ): ଭାରତୀୟ ଜନତା ପାର୍ଟି ସରକାରର କୁଶାସନ ଓ କୁପରିଚାଳନାରେ ଓଡ଼ିଶାବାସୀ ଅତିଷ୍ଠ ହୋଇଗଲେଣି । ସାରା ରାଜ୍ୟରେ ଲୋକେ ଏବେ ଏଭଳି ଲୋକବିରୋଧୀ ଶାସନରେ ତ୍ରାହି ତ୍ରାହି ଡାକୁଛନ୍ତି । ତେଣୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନବଗଠିତ ବିଜେଡି ମିଡିଆ ସେଲର ସଂଯୋଜକ ଟିମକୁ ନିର୍ଦ୍ଦେଶ ଦେଇଛନ୍ତି ।

ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ଏକ ବୈଠକରେ ନବୀନ ନବଗଠିତ ମିଡିଆ ସେଲର ସଂଯୋଜକ ଟିମ୍ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ବିଜେପିର କଳାକାରନାମା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ବୈଦ୍ୟୁତିକ ଗଣମାଧ୍ୟମ, ମୁଦ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ । ଭାରତୀୟ ଜନତା ପାର୍ଟି ଉପରେ ଜନସାଧାରଣଙ୍କ ମଧ୍ୟରେ ଯେଉଁ ତୀବ୍ର ଅସନ୍ତୋଷ ରହିଛି, ତାକୁ ଦୁର୍ବାର ଜନଆନ୍ଦୋଳନ ମାଧ୍ୟମରେ ତୋଳି ଧରିବାକୁ ନିଷ୍ପତ୍ତି ହୋଇଥିଲା । ଜନସାଧାରଣଙ୍କ ସାହାଯ୍ୟ, ସହଯୋଗ ଓ ଆଶୀର୍ବାଦରେ ଦଳ ଆଗକୁ ବଢ଼ିବ ଏବଂ ଓଡ଼ିଶାବାସୀଙ୍କ ସେବା ଜାରି ରଖିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ବୈଠକରେ ମିଡିଆ ସେଲର ବିଭିନ୍ନ ଗଣମାଧ୍ୟମ ସଂଯୋଜକ ଟିମର ଦାୟିତ୍ୱ ପାଇଥିବା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ପ୍ରତାପ ଜେନା, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଓ ଅମରେଶ ପତ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

ଯୁବତୀ କଥା ନ ହେବାରୁ ବାପାଙ୍କୁ ଅପହରଣ

ସୁରତ, ୩।୧୦(ଏଜେନ୍ସି): ଯୁବତୀ କଥା ହେବା ବନ୍ଦ କରିଦେବାକୁ ନେଇ ଜଣେ ବ୍ୟବସାୟୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଗୁଜରାଟର ସୁରତରୁ ଆସିଛି । ପୁଲିସ ଘଟଣାରେ ତିନିଜଣଙ୍କୁ ଗିରଫ କରି ବ୍ୟବସାୟୀଙ୍କୁ ଉଦ୍ଧାର କରିଛି । ପୁଲିସ ଅନୁଯାୟୀ, ମୁକେଶ ନାହାଟାଙ୍କ ପୁଅ ଋଷଭ ନାହାଟା ଅକ୍ଟୋବର ୧ରେ ଦୁଇ ସହଯୋଗୀଙ୍କ ସହ ବ୍ୟବସାୟୀଙ୍କ ଘରେ ପହଞ୍ଚିଥିଲେ । ଯୁବତୀ ଘରେ ନଥିବାରୁ ତାଙ୍କ ବାପାଙ୍କ ସହ ଋଷଭଙ୍କ ବଚସା ହୋଇଥିଲା । ପରେ ତିନିଜଣ ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ନେଇଯାଇଥିବା ପୁଲିସ କହିଛି । ଘଟଣା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି କିଛି ଘଣ୍ଟା ମଧ୍ୟରେ ସିଟି ଲାଇଟ୍ ଅଞ୍ଚଳରୁ ଅଭିଯୁକ୍ତଙ୍କ ସନ୍ଧାନ ପାଇଥିଲା । ଋଷଭଙ୍କ ସହ ଦେବ କେତନ ଅହିର ଓ ଲକ୍ଷ୍ମଣ ରାଠୋଡ଼ଙ୍କୁ ଗିରଫ କରାଯାଇଛି ।

ପ୍ରେମିକାକୁ ଆକ୍ରମଣ ପରେ ଯୁବକଙ୍କ ଆତ୍ମହତ୍ୟା

ବିଜୟୱାଡ଼ା, ୩।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଜିଲ୍ଲାରେ ସମ୍ପର୍କକୁ ନେଇ ବିବାଦରୁ ହିଂସାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ଜଣେ ଯୁବକ ତାଙ୍କ ୧୯ ବର୍ଷୀୟ ପ୍ରେମିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ନିକଟସ୍ଥ ଏକ ଘରର ଛାତରୁ ଡେଇଁ ପଡ଼ି ମୃତ୍ୟୁବରଣ କରିଛନ୍ତି । ପୁଲିସ ଅନୁଯାୟୀ, ଆହତ ଯୁବତୀଙ୍କ ନାମ ମହାଲକ୍ଷ୍ମୀ ଓ ମୃତ ଯୁବକଙ୍କ ନାମ ଚେନ୍ନାୟା ଓରଫ ମୋନ୍‌କୁ ଚେନ୍ନାୟା । ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ସମ୍ପର୍କ ଥିଲା ଏବଂ ବିବାହ ନେଇ ପରିବାର ମଧ୍ୟରେ ଆଲୋଚନା ଚାଲିଥିଲା । ଆକ୍ରମଣରେ ମହାଲକ୍ଷ୍ମୀଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିବାହ ସମ୍ପର୍କିତ ମତଭେଦ ଆକ୍ରମଣର କାରଣ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି ।

ODISHA MINING ADARSHA VIDYALAYA, KALIAPANI & SUAKATI
AT-KALIAPANI, PO- KALIAPANI, VIA-KALARANGI ATTA
DIST-JAJPUR-755018 (ODISHA)

TENDER CANCELLATION NOTICE

Letter No:OMAVK/Tender/2026-27/ Date: 02.10.2026

With reference to Tender Call Notice No. OMAVK/Tender/2026-27/1244 dated 30.09.2026, inviting sealed tenders for supply of School Grocery, Vegetables and Perishable Items, the said tender is hereby cancelled with immediate effect due to technical reasons.

Accordingly, the tender notice and the tender process initiated there under stands withdrawn/cancelled with immediate effect. Bidders concerned are requested to take note of the same. Any further tender in this regard, if required, shall be notified separately.

Sd/- Principal

DIRECTOR OF PRINTING, STATIONERY & PUBLICATION, ODISHA,
MADHUPATNA, KATAKA-753010. 2001/16/2627
'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY AGAINST TENDER NOTICE NO.3/RFP/2026-27.

Directorate of Printing, Stationery & Publication, invites proposal from interested agencies for the above-mentioned RFP. Please refer to the RFP documents for details.

- The RFP documents shall be available from **06.10.2026** onwards in the following web portals: www.odisha.gov.in and https://govtpress.odisha.gov.in . **Any further intimation (i.e. Corrigendum/Addendum/Responses to queries/Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **26.10.2026** till **1.30** pm. The bid received shall be opened at **3.30pm**. on **26.10.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reasons thereof.

Sd- Director
Printing, Stationery & Publication,
Odisha, Madhupatna, Kataka.

OIPR-2001/2002/1/26-27/0004

GOVT. OF ODISHA 25001/1258/2627
OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail: - eerw_anandapur@yahoo.co.in

No. 13511 **Date: 29.09.2026**

1st Corrigendum Notice

Under unavoidable circumstances, the availability of tender online for Building works under Plan Scheme of the tender invited vide e-Procurement Notice No. 12 Dtd. 23.09.2026/ Bid Identification No. NCB-Online 12/EE/RW/AND/2026-27 of Executive Engineer, Rural Works Division, Anandapur is hereby rescheduled as below.

Procurement Officer	Bid Identification No.	Availability of Tender on-line for bidding		Last Date & Time of seeking tender clarification	Date & Time of opening of tender in: O/o the S. E., R.W. Division, Anandapur
		From	To		
1	2	3	4	5	6
ExecutiveEngineer, R.W. Division, Anandapur	NCB-On line 12/ EE/RW/AND/ 2026-27	06.10.2026 at 10.00 A.M.	15.10.2026 up to 5.00 P.M.	14.10.2026 up to 5.00 A.M.	16.10.2026 at 11.30 A.M.

Sd/-
Executive Engineer
R.W. Division, Anandapur

OIPR-25001/25055/1/26-27/0019

OFFICE OF THE NOTIFIED AREA COUNCIL, KHARIAR ROAD
Mail:- nackhrdr@rediffmail.com
Phone No- 06678-221239 13001/2029/2627

INVITATION FOR BIDS

Bid Reference No- **Tender Call Notice No. 4232 / 01/10/26**

Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. **www.tendersodisha.gov.in**

1	Nature of work	:	Civil works as mentioned in website
2	Estimated Cost	:	Rs.21.20 lakhs
3	Period of Completion	:	As per DTCN
4	Date and time of availability of the documents in the portal	:	10.00 AM 03/10/2026 to 5:00 PM 16/10/2026
5	Last date/time for receipt of Bids in the portal	:	16/10/2026 by 5:00 PM.
6	Offline Submission of Bid	:	10:00 AM 21/10/2026 to 5:00 PM 21/10/2026
7	Name and address of the Officer inviting Bid	:	Executive Officer, Khariar Road NAC, Dist - Nuapada

Further the details can be seen from the "Procurement Portal-www.tendersorissa.gov.in"

Executive Officer
NAC, Khariar Road

OIPR-13001/13270/1/26-27/0012

OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI

25001/1236/2627 **Government of Odisha**
e-Procurement Notice
Bid Identification No. Online Tender/10/SERWDPLB/2026-27
Memo No. 5237 / RWD/PLB **Date: 28.09.2026**

1	Name of the Work	:	Road Works
2	Estimated Cost	:	Rs.16.90 to 33.90 lakhs
3	Period of Completion	:	2(Two Calender) Months as per Annexure
4	Date & Time of availability of Bid documents in the Portal	:	06.10.2026 at 10.00 AM to 15.10.2026 upto 5.00 P.M
5	Last Date/ Time for receipt of Bids in the Portal	:	15.10.2026 upto 5.00 P.M.
6	Name and address of the Officer Inviting Bid	:	Superintending Engineer, Rural Works Division, Phulbani

Further details can be seen from the e-procurement portal
tendersodisha.gov.in/nicgep/app

Superintending Engineer
Rural Works Division, Phulbani

OIPR-25001/25077/1/26-27/0010

GOVERNMENT OF ODISHA 8001/353/2627
OFFICE OF THE DIVISIONAL FOREST OFFICER,
BAMRA WILDLIFE DIVISION, BAMRA, SAMBALPUR
***At/PO- Bamra, Dist- Sambalpur E-mail* – dfobmbwl004@gmail.com**
BID IDENTIFICATION No. 1F-BMB /07 /Dt.01.10.2026 (online)/2026-27
E-procurement notice
No. 225, Dated 01.10.2026

	The **Divisional Forest Officer, Bamra Wildlife Division, Bamra, Sambalpur** on behalf of Governor of Odisha, invites Percentage Rate bids in **single** cover System in ONLINE Mode.		
1.	No. of work (Project)	:-	01 (One) No.
2.	Estimated cost	:-	Rs.13,46,468/- (Excluding 18% GST)
3.	Tender Cost	:-	Rs.6,000/- for each project.
4.	Class of Contractor	:-	"C" & "D" Class Contractors.
5.	Period of completion	:-	90 (Ninety) Calender days
6.	Availability of bid document in the website.	:-	18:00 Hours of 03.10.2026 to 17:00 Hours of 14.10.2026.
7.	Date of Opening of Tenders	:-	17.30 Hours on dt.14.10.2026.
8.	The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.		

Divisional Forest Officer,
Bamra Wildlife Division

OIPR-8001/8144/1/26-27/0006

OFFICE OF THE SUPERINTENDING ENGINEER 34001/931/2627
BALASORE (ROADS & BUILDINGS) DIVISION-II CONTACT NO:- 06782-263149
AT/PO- BHASKARGANJ, BALASORE **E-mail ID:- eepwdbls2@gmail.com**

SHORT TENDER CALL NOTICE

BID INVITATION NO. SE (R and B) BLS-II- 21/ 2026-27
No. 9166 dt. 30.09.2026

1	The Superintending Engineer, Baleshwar (R & B) Division-II, Baleshwar on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works.		
2	No. of Work	:	6 Nos
3	Nature of work	:	Electrical Work
4	Class of Contractor	:	Empaneled fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or above) having valid license from ELBO
5	Approx. value of work	:	Rs. 9.90 Lakhs to Rs.22.39 Lakhs
6	Tender Cost	:	Rs4000.00 of (Sl. No.-3) and Rs. 6000.00 of (Sl. No. 1,2,4,5,6)
7	Availability of Bid Documents in the website	:	From 10 00 Hours of 06.10.2026 to 16 00 Hours of 16.10.2026
8	Date of Opening of Bid	:	Dt.16.10.2026 at 16.30 Hours.
9	Other details can be seen in the Bidding documents from the website: https://tendersodisha.gov.in		

Superintending Engineer,
Baleshwar (R&B) Division-II

OIPR-34001/34155/1/26-27/0009

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no -1168, dated 01.10.2026, I, BIJAYA GOUDA, S/o - Narasingh Gouda, permanent resident of Village - Chacharaguda, PO - Biriguda, PS - Kodinga, Dist - Nabarangpur, Odisha, Pin - 764071, declare that I have changed my name from BINAY GOUDA to BIJAYA GOUDA. Henceforth, I shall be known as **BIJAYA GOUDA** for all purposes.

Sd/-Bijaya Gouda

ପଶ୍ଚିମ ରେଳବାଇ

ନଂ.: W/623/5/1/NIT
ତାରିଖ: ୦୧.୧୦.୨୦୨୬

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-99, କାର୍ଯ୍ୟର ନାମ: ନାଗଦା - ଭୋପାଳ ଏବଂ ଇନ୍ଦୋର - ଦେୱାସ - ଉଜ୍ଜୟିନୀ ସେକ୍ସନ୍‌ରେ ମାଟି କାର୍ଯ୍ୟ ସହିତ Cessର ଉନ୍ନତିକରଣ ଏବଂ ପ୍ରଶସ୍ତୀକରଣ - ୫୪.୦୪୫ Tkm, ଆନୁମାନିକ ମୂଲ୍ୟ: ଟ.୮,୯୮,୯୨,୫୭୪.୯୮, ବୟନା ରାଶି: ଟ.୧୭,୯୭,୯୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୨୬.୧୦.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ।

ADM/5/1/279

Follow us on: twitter.com/WesternRly

AFFIDAVIT

By virtue of an affidavit sworn before Notary Public, Raurkela , dated 01.10.2026. I, **Md Ahmed Raza,** Address: B/214 SECTOR-6 Raurkela, VTC: Raurkela(M), PO: Raurkela-2 Sub District: Raurkela (m) District: Sundaragada, Odisha: Pincode: 769002 declare that I have changed my name from **Kailash Haripal** to **Md Ahmed Raza.** Henceforth, I shall be known as **Md Ahmed Raza** for all purposes.

Md Ahmed Raza

ପଶ୍ଚିମ ରେଳବାଇ

ନଂ.: W/623/5/1/NIT
ତାରିଖ: ୩୦.୦୯.୨୦୨୬

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-109, କାର୍ଯ୍ୟର ନାମ: ଉଜ୍ଜୟିନୀ – ନିମ୍ନଲିଖିତ ବିଭିନ୍ନ କାର୍ଯ୍ୟର କାର୍ଯ୍ୟାନ୍ୱୟନ – ୧. UJN – ଅବନ୍ତିକା ବିଲ୍ଡିଂସ୍ଥିତ ଅଧିକାରୀ ବିଶ୍ରାମ ଗୃହର ମରାମତି । ୨. ଉଜ୍ଜୟିନୀ – ଷ୍ଟାଫ୍ କ୍ୱାର୍ଟର୍‌ଗୁଡ଼ିକରେ ଫ୍ଲୋରିଂ, ପ୍ଲାଷ୍ଟର, ଶୌଚାଳୟ ଏବଂ ରୋଷେଇ ଘରର ଲିକେଜ୍ ଚିକିତ୍ସା ମାଧ୍ୟମରେ ନବୀକରଣ (ମୋଟ ୮୦ଟି) । ୩. ଉଜ୍ଜୟିନୀ – ଷ୍ଟାଫ୍ କ୍ୱାର୍ଟର୍, ରାସ୍ତା ଏବଂ ନାଳା ଇତ୍ୟାଦିର ଉନ୍ନତିକରଣ । ଆନୁମାନିକ ମୂଲ୍ୟ: ଟ. ୫,୫୨,୬୯,୭୫୩.୧୩, ବୟନା ରାଶି: ଟ. ୧୧,୦୫,୪୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୨୬.୧୦.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ।

ADM/5/1/278

Follow us on: twitter.com/WesternRly

AFFIDAVIT

By virtue of an affidavit CF No.70, dtd-03.10.2026 sworn before The Executive Magistrate, Bhubaneswar. I, **Mrs Simadri Priyadarsini,** W/o- Ashok Kumar Pattanaik, resident of Plot No. 177 , Road-1, Shree Jagannath Vihar, Baramunda, Bhubaneswar, PS: Bharatpur, PIN-751003, Dist- Khurda, Odisha declare that in the birth certificate of my daughter my name is inadvertently mentioned as **Simadri Priyadarshani,** in place of **Simadri Priyadarsini**, and the same is to be corrected as **Simadri Priyadarsini**, in birth certificate vide Regd. No. 24798/2011.

AFFIDAVIT

By virtue of an affidavit on dtd- 01.10.2026 sworn before The Notary Public, Titilagarh. I, **Shabbir Khan,** S/o Mustafa Khan, resident of At- Bohidar Pada, PO/PS: Titilagarh, Dist: Bolangir, Odisha declare that, have corrected my wife's name from **Shamima Parwin** to **Samima Parween** in her Passport / VISA. Henceforth, she shall be known as **Samima Parween** (new name) for all official, non-official, and legal purposes.

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1157, dated 30-09-2026, I, JAMUNA PUJARI, W/o - Baisnab Pujari, permanent resident of Village - Sargiguda, PO - Modeigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Son from RAJIT KUMAR PUJARI to RANJIT KUMAR PUJARI. Henceforth, he shall be known as **RANJIT KUMAR PUJARI** for all purposes.

Sd/- Jamuna Pujari

AFFIDAVIT

By virtue of an affidavit no. 01 before the Executive Magistrate, Padampur, dtd.03.10.2026, I, JANAKI SET @ JANAKI NAIK, W/o Surendra Set, Vill/P.O.- Bukuramunda, P.S. Jagadalpur, Dist. Bargarh, hereby declare that my name is JANAKI NAIK as mentioned in my academic records. After marriage, I am known as JANAKI SET, which is recorded in my Aadhaar Card. I hereby declare that JANAKI NAIK and JANAKI SET are one and the same person, i.e. myself,

Sd/- Janaki Naik

AFFIDAVIT

By virtue of an affidavit no.03 before the Executive Magistrate, Padampur, dtd.03.10.2026, I, Jhunu Sahu, Vill. Buden, P.O./P.S. Buden, Dist. Bargarh, hereby declare that my actual name is JHUNU SAHU, as mentioned in my HSC Certificate. My name has been incorrectly recorded in my Aadhaar Card as DOLESWARI SAHU. I therefore declare that DOLESWARI SAHU and JHUNU SAHU are one and the same person i.e. myself. Henceforth I shall be known as **Jhunu Sahu** for all purposes.

Sd/- Jhunu Sahu

AFFIDAVIT

By virtue of an affidavit no. 4775 before the Executive Magistrate, Kujang, dtd. 28.09.2026, I, Kanhu Charan Behera, S/o Bhikari Charan Behera, At- Pandarakholi, P.S. Purusottampur, Dist. Ganjam, hereby declare that my minor son BIBYANSU SEKHAR BEHERA has been renamed as DIBYANSU SEKHAR BEHERA. Henceforth, my minor son shall be known as **DIBYANSU SEKHAR BEHERA** instead of BIBYANSU SEKHAR BEHERA for all purposes.

Sd/- Kanhu Charan Behera

AFFIDAVIT

By virtue of an affidavit sworn before the Notary Public, Nabarangpur, Vide no - 4476/26, dated 03-10-2026, I, TULARAM MAJHI, S/o - Prahalad Majhi, permanent resident of Village - Dengaguda, PO - Dengaguda, PS - Kodinga, Dist - Nabarangpur, Odisha, Pin - 764071, declare that I have changed the name of my Daughter from SIBANI MAJHI to BHAGYAJYOTI MAJHI. Henceforth, she shall be known as **BHAGYAJYOTI MAJHI** for all purposes.

Sd/- Tularam Majhi

AFFIDAVIT

By virtue of an affidavit sworn before Executive Magistrate, Cuttack, Affidavit SL.No. 7653 on dated 29/09/2026, I **SULOCHANA BARIK**, W/o **Late Basanta Kumar Barik** resident of At- Ankua, PO- Namaro, PS - Astaranga, Dist: Puri, PIN: 752109, currently residing At Sirkoruan, PO- Urali, PS- Sadar, Gopalpur, Dist- Kataka, Pin- 753011 declare that I have changed my name from **SWARNALATA BARIK (Old Name)** to **SULOCHANA BARIK (New Name)**. Henceforth, I shall be known as **SULOCHANA BARIK** for all future purposes.

Sd- **SULOCHANA BARIK**

୮ ବର୍ଷର ପୁଅ ଗୌରଗୋପାଳକୁ ରକ୍ତ କର୍କଟ

ରାଜଘାଟ, ୩।୧୦ (ସମିସ)

ଜୀବନ ମରଣ ସହ ସଂଗ୍ରାମ କରୁଛି ୮ ବର୍ଷର କୁନି ପୁଅ ଗୌରଗୋପାଳ। ନିଷ୍ପାପ ବୟସରେ ତାକୁ ଗ୍ରାସ କରିଛି ରକ୍ତ କର୍କଟ ଭଳି ମାରାତ୍ମକ ବ୍ୟାଧି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଅନ୍ତର୍ଗତ ପଦିମା ଗ୍ରାମରେ। ଗ୍ରାମର ରଞ୍ଜନ ପ୍ରଧାନଙ୍କ ଆଠ ବର୍ଷର ପୁଅ ଗୌରଗୋପାଳ ଏବେ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ହେଲେ ଗରିବ ପରିବାର ପାଇଁ ଏବେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବଡ଼ ବାଧକ। ପରିବାର ସୂତ୍ରରୁ ପ୍ରକାଶ ଯେ, କିଛି ଦିନ ତଳେ ଗୌରଗୋପାଳ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ପରେ ବାରିପଦା, କଟକ, ଭୁବନେଶ୍ୱର ର ବିଭିନ୍ନ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପରୀକ୍ଷା ନିରୀକ୍ଷା ପରେ ପିଲାଟି ଲାୟମ୍ପମା ରକ୍ତ କର୍କଟ ରୋଗରେ ପୀଡିତ ଥିବା ଡାକ୍ତର କହିଛନ୍ତି ଅସ୍ଥି ମଜ୍ଜା ପ୍ରତିରୋପଣ ନ କଲେ ପିଲାଟିକୁ ବଞ୍ଚାଇବା ଅସମ୍ଭବ। ଏହି ଖବର ଶୁଣିବା ପରେ ପରିବାର ମୁଣ୍ଡରେ ସତେ ଯେମିତି ଆକାଶ ଭାଙ୍ଗି ପଡ଼ିଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଗୌରଗୋପାଳଙ୍କୁ ବଞ୍ଚାଇବାକୁ ହେଲେ ଜରୁରୀକାଳୀନ ଭିତ୍ତିରେ ଉଚ୍ଚକୋଟୀର ଚିକିତ୍ସା ଆବଶ୍ୟକ, ଯେଉଁଥିପାଇଁ ୭୦ ରୁ ୮୦ ଲକ୍ଷ ଟଙ୍କାର ଖର୍ଚ୍ଚ ହେବ। ଗୌରଗୋପାଳଙ୍କ ପିତା ଜଣେ ଅତି ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଚିକିତ୍ସା ପାଇଁ ଏତେ ବଡ଼ ଅର୍ଥରାଶି ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ପରିବାର ପାଖରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା ଓ କିଛି ଚାଷ ଜମି ଥିଲା ତାହା ବିକ୍ରିକରି ପ୍ରାଥମିକ ଚିକିତ୍ସାରେ ଶେଷ ହୋଇସାରିଛି। ପୁଅର ଆଖିର ଲୁହ ଓ କଷ୍ଟ ଦେଖି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଉପାୟଶୂନ୍ୟ

ଚିକିତ୍ସା ପାଇଁ ସାହାଯ୍ୟ ଭିକ୍ଷା କଲା ଅସହାୟ ପରିବାର

ହୋଇ କୁନି ପୁଅର ଜୀବନ ରକ୍ଷା ପାଇଁ ପରିବାର ପକ୍ଷରୁ ସରକାରୀ ସାହାଯ୍ୟ ସହ ସହୃଦୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଆର୍ଥିକ ସାହାଯ୍ୟ ପାଇଁ ଆକୁଳ ନିବେଦନ କରାଯାଇଛି।ଗୌରଗୋପାଳଙ୍କୁ ନୂଆ ଜୀବନଦାନ ଦେବା ପାଇଁ ଯଦି କୌଣସି ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ଚାହାଁନ୍ତି, ତେବେ ୮୦୧୮୩୨୬୧୫୭ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ।

ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା

ନୀଳଗିରି, ୩।୧୦ (ସମିସ): ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ଶନିବାର ଅପରାହ୍ନ ୪ ଘଟିକାରୁ ପ୍ରତିଦିନ ଚଣ୍ଡୀ ପାଠ ସହ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସୁସଜ୍ଜିତ ହେଇ ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେବେ। ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ଗନ୍ଧ, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ର କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଉଛି। ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତିରେ ମଧ୍ୟ ସ୍ୱତନ୍ତ୍ର ପୂଜା ହୋଇଥାଏ। ପୂଜକ ବିଜୟ କୁମାର ପଣ୍ଡା ପ୍ରତିଦିନ ଚଣ୍ଡୀ ପାଠ କରିବା ସହ ପୂଜା ପରିଚାଳନା କରୁଛନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ଭୂଧାରଚଣ୍ଡୀ ମହିଷାସୁରକୁ ବଧ କରିବାକୁ ବ୍ରହ୍ମାକୁଣ୍ଡରୁ ଜାତ ହୋଇଥିବା ବିଶ୍ୱାସ ଥିବାରୁ, ଏହି ପରମ୍ପରାରେ ପ୍ରତ୍ୟେକ ବର୍ଷ ପୂଜାବିଧି ହୋଇ ଆସୁଛି। ଅକ୍ଟୋବର ୧୦ ତାରିଖରେ ମହାଳୟା, ପୀଠରେ ଶୁକ୍ରବାର ଷଷ୍ଠି ଓ ଶନିବାର ମହାସପ୍ତମୀ ପୂଜା ଏବଂ ଅକ୍ଟୋବର ୧୮ରେ ମହାଅଷ୍ଟମୀ ପୂଜା ସହ ୧୯ରେ ମହାନବମୀ ପୂଜା ଦିନ ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରାଇଥାନ୍ତି। ୨୦ରେ ଦଶହରା, ଅପରାଜିତା ଦଶମୀରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବାପରେ ପୂଜକ ଘଟକୁ ସୁସଜ୍ଜିତ କରି ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି।

ମାସ ମାସ ଧରି ଅଟକିଥିବା କାମର ହେଲା ସମାଧାନ

ବାଲେଶ୍ୱର, ୩।୧୦(ସମିସ): ସଚେତନତାର ଉଦାହରଣ ପାଲଟିଲେ ସଚେତନ ଯୁବକ ଅମିୟ ଭୂଷଣ ନାୟକ। ମାସ ମାସ ଧରି ଅଟକି ରହିଥିଲା ଏଲ୍ ପି ଜି ପୋର୍ଟେବିଲିଟି ଆବେଦନ। ବିତରକଙ୍କ ନିକଟରେ ବାରମ୍ବାର ଫଲୋ-ଅପ୍ କରି ନିରାଶ ହେବା ପରେ ଯେତେବେଳେ ଅନ୍ୟମାନେ ଆଶା ଛାଡ଼ି ଦିଅନ୍ତି, ସେତେବେଳେ ସେ ବାଟ ଖୋଜି ବାହାର କଲେ। କେବଳ ନିଜ ସମସ୍ୟା ନୁହେଁ, ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରି ସମାଧାନ କରାଇବା ତାଙ୍କର ପ୍ରତିଦିନର କାମ ପାଲଟିଛି। ଶ୍ରୀ ନାୟକ ଏଲପିଜି ସଂଯୋଗକୁ ଏକ ବିତରକରୁ ଅନ୍ୟ ବିତରକକୁ ପୋର୍ଟେବିଲିଟି କରିବା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନଲାଇନ୍ ଆବେଦନ କରିଥିଲେ। ହେଲେ ସମୟସୀମା ଅତିକ୍ରମ କଲା ପରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଏଥିରେ ହତାଶ ନହୋଇ ସେ ସମ୍ପୃକ୍ତ ସଂସ୍ଥାର ବିଭିନ୍ନ ଅଭିଯୋଗ ମଞ୍ଚରେ ଫଲୋ-ଅପ୍ କରିଥିଲେ। ସନ୍ତୋଷଜନକ ଫଳ ନମିଳିବାରୁ ଶେଷରେ କେନ୍ଦ୍ର ସରକାରଙ୍କ 'ସେଣ୍ଟ୍ରାଲାଇଜଡ୍ ପବ୍ଲିକ୍ ଗ୍ରୀଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍' ପୋର୍ଟାଲରେ ସମସ୍ତ ପ୍ରମାଣ ସହ ଅଭିଯୋଗ ଦାଖଲ କରିଥିଲେ। ତାଙ୍କ ପ୍ରୟାସ ସଫଳ ହୋଇଥିଲା ଓ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଅନୁମୋଦନ ପ୍ରଦାନ କରି ପୋର୍ଟାଲରେ ମାମଲା ଡିସପୋଜଡ୍ କରିଥିଲେ।

୮ ରେ ଓଡ଼ିଶା ବନ୍ଦ ସଫଳ ପାଇଁ ଇଣ୍ଡିଆ ମେଣ୍ଟର ଆହ୍ୱାନ

ବାଲେଶ୍ୱର,୩।୧୦(ସମିସ): ଆସନ୍ତା ୮ ତାରିଖରେ ହେବାକୁ ଥିବା ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ଆଜି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏହି ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ବାଙ୍କନିଧି ବେହେରା, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ସିପିଆଇ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ସିପିଆଇ (ଏମ୍) ପକ୍ଷରୁ ଶିଶିର ହୁଇ, ନିର୍ମଳ ନାୟକ, ତୃଣମୂଳ କଂଗ୍ରେସ ପକ୍ଷରୁ ନନ୍ଦନ ପାଲ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା ମଞ୍ଚାସିନ ହୋଇ ଚାରି ଦଫା ଦାବି ନେଇ ଆସନ୍ତା ୮ ତାରିଖ ରେ ଓଡ଼ିଶା ବନ୍ଦ ରହିବ ବୋଲି ସୂଚନା ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ଖଣି ଓ ଖଣିଜ ବିକାଶ ନିୟନ୍ତ୍ରଣ (ଏମ୍ ଏମ୍ ଡି ଆର) ଅଧିନିୟମ - ୨୦୨୬ କୁ ତୁରନ୍ତ ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ଗିରଫ କରାଯିବା, ଏଯାବତ୍ ସ୍କୁଲ ପିଲାଙ୍କୁ ସଂଶୋଧିତ ପାଠ୍ୟ ପୁସ୍ତକ ଯୋଗାଇବାରେ ବିଫଳ ହୋଇଥିବା ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କ ପାଖରେ ଉପଯୁକ୍ତ ସହାୟତା ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କ ବିଫଳତାର ପ୍ରତିବାଦରେ ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ଆହ୍ୱାନ ଦିଆଯାଇଛି। ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ପ୍ରଦେଶ କଂଗ୍ରେସ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ନିଶିଥ ବାରିକ, ଆଶିଷ ପଟ୍ଟନାୟକ, ପଶୁପତି ଉପାଧ୍ୟାୟ, କଂଗ୍ରେସ ଦଳିତ ସେଲ୍ ଅଧ୍ୟକ୍ଷ ବିଧାନ ଜେନା, ସୋର କଂଗ୍ରେସ ନେତା ସୁବ୍ରତ ଧଡା, କିଷାନ୍ କଂଗ୍ରେସ ନେତା ଅରୁଣ ଜେନା, ତୁଷାରକାନ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଚୋରା ମଦ ଜବତ, ୪ ଗିରଫ

ସିମୁଳିଆ, ୩।୧୦ (ସମିସ): ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସିମୁଳିଆ ଥାନା ଅନ୍ତର୍ଗତ ଅଡ଼ା ଛକ, ବାଲିଖଣ୍ଡ ବଜାର, ସାହୁଖୋରଦା ଛକ ଏବଂ ମାର୍କୋଣା ରେଲୱେ କଲୋନୀ ଅଞ୍ଚଳରେ ଚଢ଼ଉ କରାଯାଇ ଲିଟର ଦେଶୀ ମଦ, ୨୭ ଲିଟର ବିଦେଶୀ ମଦ ଓ ୩୦.୨୦୦ ବିୟର ଜବତ କରିବା ସହିତ ଅଲ୍ଲିପୁର ଗ୍ରାମର ମହେଶ୍ୱର ମାଝୀ, ଶ୍ୟାମସୁନ୍ଦରପୁର ଗ୍ରାମର ହିମାଂଶୁ ଶେଖର ନାୟକ, କଖଡ଼ପଦା ଗ୍ରାମର ରାମଚନ୍ଦ୍ର ସାମଲ ଓ କୁପୁରା ଗ୍ରାମର ଉମାକାନ୍ତ ଦାସ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ପ୍ରଭୃତି ସାମିଲ ଥିଲେ।

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ରେମୁଣା, ୩।୧୦(ସମିସ): ରେମୁଣା ବ୍ଲକ ସଭା କକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଟ ନାଗରିକ ଦିବସ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ବିଡ଼ିଓ ସିଦ୍ଧାର୍ଥ ସୌରଭ ମହାପାତ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ଜୟନ୍ତ ବରାଳ, ସମ୍ମାନିତ ଅତିଥି ଭାବେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରସାରଣ ଅଧିକାରୀ ସୁଲତାନ ଅଲ୍ଲୀ, ଯୁବ ସମାଜସେବୀ ଉମାକାନ୍ତ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷାଧିକାରୀ ଶ୍ରୀଧାର ଘୋଷ ପ୍ରମୁଖ ଯୋଗଦେଇ ବରିଷ୍ଟ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ଦେଇ ଏହାର ନିରାକରଣ ନିମନ୍ତେ ସମସ୍ତ ବିଭାଗର ଅଧିକାରୀଙ୍କୁ ସଚେତନ କରାଇଥିଲେ। ଅନ୍ୟତମ ବକ୍ତାଭାବେ ବିଧାନ ରାୟ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବରିଷ୍ଟ ନାଗରିକ ମାନଙ୍କର ହିତକାମନା ଉପରେ ବକ୍ତବ୍ୟ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ପୃଷ୍ଟି ମଞ୍ଚ ସଞ୍ଚାଳନ କରିଥିଲେ। ପୂର୍ବତନ ଏବିଡିଓ ରବିନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ।

ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ନୀଳଗିରି, ୩।୧୦ (ସମିସ): ଓଡିଶାରେ ପାଠ୍ୟ ପୁସ୍ତକ ରେ ବିଭିନ୍ନ ତ୍ରୁଟି ଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ଠିକ୍ ହୋଇପାରିଲା ନାହିଁ। ସେଥିପାଇଁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆସନ୍ତା ଅକ୍ଟୋବର ଆଠ ତାରିଖ ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ସିପିଆଇ(ଏମ) ନୀଳଗିରି ଆଂଚଳିକ କମିଟି ତରଫରୁ ଦଳୀୟ କାର୍ଯ୍ୟାଳୟରେ ସତ୍ୟଜିତ ଦାସ ଙ୍କ ସଭାପତିତ୍ୱରେଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର କେନ୍ଦ୍ର ସରକାର ର ନୀତି ବିରୁଦ୍ଧରେ ଆଲୋଚନା କରିବା ସହିତ ଉକ୍ତ ବନ୍ଦ କୁ ସଫଳ ପାଇଁ ସମସ୍ତ ସାଥୀ ମାନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡିଏ, ଗଜେନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମଣ ସ, ଅମରେନ୍ଦ୍ର ନାୟକ, ନାରାୟଣ ଧମୁଡ଼ିଆ, ଦିବାକର ବାରିକ, କାଳିଆ ପାତ୍ରଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

ଶାସ୍ତ୍ରୀ ଓ ଗାନ୍ଧୀ ଜୟନ୍ତୀ

ରେମୁଣା, ୩।୧୦ (ସମିସ): ରେମୁଣା ସ୍ଥିତ କ୍ଷୀରଚୋରା ପବ୍ଲିକ୍ ସ୍କୁଲ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ମିଳିତ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ସ୍କୁଲ ପରିସରରେ ଅଧ୍ୟକ୍ଷ ବୃନ୍ଦାବିନ ବେହେରା ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ବିଧାନ ଚନ୍ଦ୍ର ରାୟ ଉପସ୍ଥିତ ରହି ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ସଭାରେ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତ ପ୍ରଧାନ ଅତିଥି ପରିଚୟ, ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାର ତିନି ଜଣ ଛାତ୍ରଛାତ୍ରୀ ଅମିତ କୁମାର ସାହୁ, ସାଇ ଆଶୀର୍ବାଦ ଜେନା, ଶୁଭଲକ୍ଷ୍ମୀ ଗିରିଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ପ୍ରାଚୀପ୍ରଭା ପ୍ରଧାନ, ସସ୍ମିତା ମିଶ୍ର, ପଙ୍କଜିନୀ ସିଂ , କିରଣମୟୀ ଜେନା, ସ୍ୱପ୍ନା ବେହୁରା, ଶୁଭସ୍ମିତା ବାରିକ, ଏଲିନା ପଟ୍ଟନାୟକ, କଳ୍ପନା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

ମେଦିନିପୁର କ୍ଲଷ୍ଟରରେ ସ୍ୱାଗତ ସମ୍ବର୍ଦ୍ଧନା

ଜଳେଶ୍ୱର, ୩।୧୦ (ସମିସ): ଜଳେଶ୍ୱର ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ମେଦିନିପୁର କ୍ଲଷ୍ଟରରେ ନୂତନ ଭାବେ ନିଯୁକ୍ତି ପାଇଥିବା ସି.ଆର୍.ସି.ସି ଓ ସି.ଆର୍.ଜିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲଷ୍ଟର ଅଧିନସ୍ଥ ତାଳଗଛିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱାଗତ ଉତ୍ସବରେ ପ୍ରଧାନ ଶିକ୍ଷକ ରବିନ୍ଦ୍ର ପାଳ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷୟିତ୍ରୀ ଲିଲିମା ମାଝୀ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିଲେ। ବରିଷ୍ଠ ଶିକ୍ଷକ କୁମୁଦ ରଂଜନ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମେଦିନିପୁର କ୍ଲଷ୍ଟରରେ ନବ ନିଯୁକ୍ତି ପାଇଥିବା ସି.ଆର୍.ସି.ସି ସିନିୟର ସିଏସସି ଭାବେ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ ପ୍ରମାଣିକ ଓ ସିଆରଜି ଭାବରେ କୁମାରୀ ଦୁଲିତି ମୁର୍ମୁ ଓ ଅଜୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦେବାଶିଷ ଗିରି, ବ୍ୟୁତକେଶ ପ୍ରଧାନ, ଗୌରୀବାଳା ଜେନା, ଭାରତୀ ଦାସ, ରତ୍ନପ୍ରଭା ଧଳ, ସବିତା ଜେନା, ଉଷାରାଣୀ ସାମଲ, ସୁଧିର କୁମାର ଦାସ, କନ୍ୟାକୁମାରୀ ପାଲ, ଚନ୍ଦ୍ରଶେଖର ପରିଡା, ଜୟପ୍ରକାଶ ଅଣ୍ଡିଆ, ଅତସୀ ଧଳ, ମନୋରଂଜନ ଜେନା, ସୁମତୀ ପଣ୍ଡା, କମଳାକାନ୍ତ ସିଟ, ସଦାନନ୍ଦ ଦଳାଇ,ନିତ୍ୟାନନ୍ଦ ସିଂ, ବଂଶୀଧି ଜେନା, ମଂଜୁବାଳା ଜେନା, ଅଶ୍ୱନୀ ଜେନା, ପୀଥ ଟୁଡୁ, ଅନୀଲ କୁମାର ଜେନା, ଭାରତୀ ଦାସ, ଜୟନ୍ତୀ ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପୁଷ୍ପକେତନ ପଣ୍ଡା ଓ ନବୀନ କୁମାର ମିଶ୍ର ବେଦପାଠ କରିଥିବା ବେଳେ ରୁନୁ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏଫ୍ଏମ୍ କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୩।୧୦(ସମିସ): ଫକୀରମୋହନ କଲେଜର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ବାଳାଶ୍ରମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୭ ରୁ ୧୫ ବର୍ଷ ବୟସର ଅନ୍ତେବାସୀ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ଏବଂ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସ୍ୱାସ୍ଥ୍ୟ ସଚେତନତା ଓ ମାନବସେବା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଡା. ସୁଧାଂଶୁ ପରିଡ଼ା ଏବଂ 'ଇଣ୍ଡିକମ୍ ଟେରିଶିରୋ' କମ୍ପାନୀର ସୌରାଜ କୁମାର ମିଶ୍ର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ଉପ-ସଭାପତି ଅନୀଲ କୁମାର ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁରଜିତ ମହାପାତ୍ର, ପୀତମ୍ବର ଦାସ, ଅମୃତାଂଶୁ ପଟ୍ଟନାୟକ, ରାମଚନ୍ଦ୍ର ସେଠୀ, ଦେବାଶିଷ ପାଣି, ସୁରଜିତ ମହାପାତ୍ର, ପ୍ରାର୍ଥ ସାରଥୀ ଆଶ ପ୍ରମୁଖ ସକ୍ରିୟ ଯୋଗଦାନ କରିଥିଲେ। ଏଥିସହିତ ବାଳାଶ୍ରମ ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ର, ପାରାମେଡିକାଲ ଷ୍ଟାଫ୍ ସୁପ୍ରଭା ସାହୁ, ହାଉସ୍ ମଦର ସବିତା ରାଣୀ ପାତ୍ର, ତପସ୍ୱିନୀ ରାଉତ, ସୁକାନ୍ତ ପ୍ରଧାନ ଏବଂ ଟୁଟୁ ଘଡ଼ାଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

'ସହାୟକ'ର ବାର୍ଷିକ ଉତ୍ସବ

ବାଲେଶ୍ୱର, ୩।୧୦ (ସମିସ): ଜନକଲ୍ୟାଣକାରୀ ସେବାସଂସ୍ଥା "ସହାୟକ"ର ତିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ଆତିଥ୍ୟ ଭବନଠାରେ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍ଥାର ପ୍ରତିଷ୍ଠାତା ତଥା ବରିଷ୍ଠ ଉପଦେଷ୍ଟା ଦିବାକର ମହାପାତ୍ର ଓ ଇଂ. ବନମାଳୀ ନାୟକ ମଧ୍ୟ ଅତିଥି ଭାବେ ଯୋଗଦେଇ "ସହାୟକ"ର ପ୍ରତିଷ୍ଠା, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗୀତଗୁରୁ ଭୁବନମୋହନ ପ୍ରଧାନ ଓ ସୁଶାନ୍ତ କୁମାର ଦାସ "ବନ୍ଦେ ଉତ୍କଳ ଜନନୀ" ଗାନ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଡ. ହୃଷୀକେଶ ସାହୁ ବାର୍ଷିକ ବିବରଣୀ ଏବଂ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବାବେଳେ ଲକ୍ଷ୍ମଣ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ରବୀନ୍ଦ୍ରନାଥ ଗିରି, ଦୟାନିଧି ବିଶ୍ୱାଳ, ଦୟାନିଧି ମହାପାତ୍ର, ଅକ୍ଷୟ କର, କଲ୍ୟାଣୀ ନନ୍ଦ, ପ୍ରଣିତା ମିଶ୍ର, ଅବନ୍ତୀ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ରବୀନ୍ଦ୍ର ଭୋଳ, ଇଂ. କେଶବ ଚନ୍ଦ୍ର ମହାନ୍ତି, ଯଶୋଦା ନନ୍ଦନ ଆସ୍, ସୁଶ୍ରୀ ସାବିତ୍ରୀ ଦାସ, ଲକ୍ଷ୍ମୀପ୍ରିୟା ଜେନା ଓ ଶଶାଙ୍କ ଶେଖର ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

ପିଏମ୍ଶ୍ରୀ ଜିଲ୍ଲା ସ୍କୁଲରେ ସ୍ୱଚ୍ଛତା ଅଭିଯାନ

ବାଲେଶ୍ୱର, ୩।୧୦(ସମିସ): ପିଏମ୍ଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲ, ବାଲେଶ୍ୱରର ଏଏନ୍ଓ ପ୍ରଶାନ୍ତ ମଲ୍ଲିକଙ୍କ ମାର୍ଗଦର୍ଶନରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ୯୪ ଜଣ ଏନ୍ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। କ୍ୟାଡେଟ୍ମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ, ସ୍ଲୋଗାନ୍ ଲେଖନ, ପୋଷ୍ଟର ତିଆରି, ସାଇକେଲ ରାଲି, ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବର୍ଜନ ସଚେତନତା, ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ ଓ ବିଦ୍ୟାଳୟ ପରିସର ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା।

କଲିକତା ଦୁର୍ଗାପୂଜା ମଣ୍ଡପରେ ଝଲସିବ ବାଲେଶ୍ୱରର କଳା ସଂସ୍କୃତି

ବାଲେଶ୍ୱର, ୩।୧୦(ସମିସ): ଚଳିତ ବର୍ଷ କଲିକତାର ବେହାଲା ଅଞ୍ଚଳର ବଡ଼ିଶା ଶକ୍ତି ସଂଘ ତା'ର ରୌପ୍ୟ ଜୟନ୍ତୀ ଦୁର୍ଗୋତ୍ସବରେ ବାଲେଶ୍ୱରର ପାରମ୍ପରିକ ଜଉକଣ୍ଢେଇ କଳାକୁ ଥିମ୍ ଭାବେ ଗ୍ରହଣ କରିଛି। ଅକ୍ଟୋବର ୧୦ ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶାରଦୀୟ ଦୁର୍ଗୋତ୍ସବରେ ବାଲେଶ୍ୱରୀ ଜଉକଣ୍ଢେଇ ଶୈଳୀରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ହେବ, ବାଲେଶ୍ୱରର ପ୍ରସିଦ୍ଧ ଶ୍ୟାମସୁନ୍ଦର ମନ୍ଦିର ଢାଞ୍ଚାରେ ମଣ୍ଡପ ପ୍ରସ୍ତୁତ ହେବ। ଏହାସହ ଆକର୍ଷଣୀୟ ଜଉକଣ୍ଢେଇ ବାହାଘର ଓ ବିଶାଳ ଶୋଭାଯାତ୍ରାର ଆୟୋଜନ ହେବ। ଏହି ପ୍ରକଳ୍ପର ମୁଖ୍ୟ ଡିଜାଇନର ଓ କନ୍ସେପ୍ଟ କ୍ରିଏଟର ଭାବେ ଗଭର୍ଣ୍ଣମେଣ୍ଟ ଆର୍ଟ କଲେଜର ପ୍ରାଧ୍ୟାପକ ଅଖିଳ ଚନ୍ଦ୍ର ଦାସ ଦାୟିତ୍ୱ ନେଇଛନ୍ତି। କଳା ଛାତ୍ର ସାୟନ୍ତ ବର୍କ ପ୍ରତିମା ନିର୍ମାଣ ଦାୟିତ୍ୱରେ ଅଛନ୍ତି। ଜଉକଣ୍ଢେଇ ବାହାଘର, କର୍ମଶାଳା ଓ ପ୍ରଦର୍ଶନୀ ପାଇଁ ଶିଳ୍ପୀ କେଶୁ ଦାସଙ୍କ ସହ ଚୁକ୍ତି ହୋଇଛି। ଶୋଭାଯାତ୍ରାରେ ବାଲେଶ୍ୱରର ପିତୁଳା ନାଚ, ନୀଳଗିରିର ଆଦିବାସୀ ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ, ରଣପା ସହ ସ୍ଥାନୀୟ ଲୋକନୃତ୍ୟ ଓ ବାଦ୍ୟ ପରିବେଷଣ ହେବ ବୋଲି ସଂଘର ସମ୍ପାଦକ ତରୁଣ କୁମାର ମୁଖାର୍ଜୀ ସୂଚନା ଦେଇଛନ୍ତି। ପଞ୍ଚମୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଉତ୍ସବ ଜାକଜମକରେ ପାଳିତ ହେବ ବୋଲି ସଭାପତି ବଲାଇ ବିଶ୍ୱାସ କହିଛନ୍ତି।

ନୀଳଗିରିରେ ଯୌତୁକ ଜନିତ ହତ୍ୟା ଅଭିଯୋଗ

ଏସ୍ପିଙ୍କ ଦ୍ୱାରସ୍ଥ ହେଲେ ମୃତକଙ୍କ ବାପଘର ଲୋକ

ବାଲେଶ୍ୱର, ୩/୧୦(ସମିସ)

ଯୌତୁକ ଦାବି ପୂରଣ ନହେବାରୁ ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେଇ ବାଲେଶ୍ୱର ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ମୃତାଙ୍କ ପିତା ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏକ ଲିଖିତ ଦରଖାସ୍ତ ପ୍ରଦାନ କରିବା ସହ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ପେଡାଗଡି ଗ୍ରାମର ପ୍ରଭଞ୍ଜନ ପ୍ରଧାନ ନିଜ ଝିଅ ଶୁଭଲକ୍ଷ୍ମୀ ପ୍ରଧାନ (୨୧) ଙ୍କୁ ଗତ ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଓଲଙ୍ଗ ଗ୍ରାମର ଶମ୍ଭୁନାଥ ସାମଲଙ୍କ ପୁଅ ପଙ୍କଜ ସାମଲ (୨୨)ଙ୍କ ସହିତ ବୈଦିକ ରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ପଙ୍କଜଙ୍କ ବାପା ଶମ୍ଭୁନାଥ,ମା କୁନ୍ତଳା ସାମଲ,ଭଉଣୀ ପିଙ୍କି ସାମଲ ଏବଂ ଭିଣୋଇ ନିଲୁଙ୍କ ଦାବି ଅନୁସାରେ ସୁନା, ରୂପା, ଆସବାବପତ୍ର ଓ ଦାନ ଯୌତୁକ ପ୍ରଦାନ କରାଯାଇଥିଲା। ବିବାହ ପରେ ଶୁଭଲକ୍ଷ୍ମୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ବିବାହର ୪ମାସ ପରେ ସେମାନେ ଶୁଭଲକ୍ଷ୍ମୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉ ଥିଲେ। ଏପରିକି ବହୁବାର ଏ ଘଟଣା ର ମୀମାଂସା ମଧ୍ୟ କରାଯାଇଛି। ହେଲେ ଶ୍ୱଶୁର ଘର ଲୋକେ ଆହୁରି ୫ ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରି ତାଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ମାସ ୨୦ ତାରିଖ ସକାଳ ପ୍ରାୟ ୮ ଟା ସମୟରେ ଝିଅର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକଙ୍କୁ ଖବର ମିଳିଥିଲା। ସେମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସନ୍ଦେହ କରିଥିଲେ ଯେ, ସ୍ୱାମୀ ଓ ଶାଶୁ ଘର ଲୋକେ ମିଶି ତାଙ୍କ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପରେ ତଣ୍ଟିରେ ଦଉଡ଼ି ଲଗାଇ ଏହାକୁ ଆତ୍ମହତ୍ୟାର ରୂପ ଦେଇଛନ୍ତି। ଏ ସଂକ୍ରାନ୍ତରେ ମୃତାଙ୍କ ପିତା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀ ପଙ୍କଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏହି ହତ୍ୟାକାଣ୍ଡ ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଛନ୍ତି ଏବଂ ମୃତକଙ୍କ ପରିବାରକୁ ଧମକଚମକ ଦେଉଛନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ଅନ୍ୟ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଦର୍ଶାଇ ପରିବାର ଲୋକେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି ଫେରାର୍ ଥିବା ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଅତି ଶୀଘ୍ର ଗିରଫ କରିବା ପାଇଁ ମୃତାଙ୍କ ପିତା ପ୍ରଭଞ୍ଜନ ପ୍ରଧାନ ନିବେଦନ କରିଛନ୍ତି।

ଜାତୀୟ ରାଜପଥ ମରାମତି ଦାବି

ବିଜେଡିର ୧୨ ଘଣ୍ଟିଆ ବନ୍ଦ ଚେତାବନୀ

ଯଶିପୁର, ୩।୧୦ (ସମିସ)

୪୯ନଂ ଜାତୀୟ ରାଜପଥର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଯଶିପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋହିରା ଘାଟିରୁ ହାଟପଡ଼ିଆ ଓ ଟଙ୍ଗାବିଲାରୁ ସିଙ୍ଗିଡ଼ା ରାସ୍ତାକୁ ତୁରନ୍ତ ପିଚୁ କରିବା ଦାବିରେ ଶନିବାର ଯଶିପୁର ଥାନା ଅଧିକାରୀଙ୍କ ଜରିଆରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ଷାଋତୁ ଶେଷ ହେବା ମାତ୍ରେ ରାସ୍ତା ପିଚୁ କାମ ଆରମ୍ଭ କରିବା ପାଇଁ ଠିକାସଂସ୍ଥା ପୂର୍ବରୁ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବର୍ଷା ସରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏହାକୁ ଦୃଷ୍ଟିରେ ରଖି ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଜେଡି ପକ୍ଷରୁ ୧୦ ଦିନର ମହଲତ ଦିଆଯାଇଛି । ଉକ୍ତ ସମୟସୀମା ମଧ୍ୟରେ କାର୍ଯ୍ୟ ଆରମ୍ଭ ନ ହେଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୋକାନ ବଜାର ବନ୍ଦ ସହ ୪୯ ନମ୍ବର ଜାତୀୟ ରାଜପଥକୁ ଯେକୌଣସି ସମୟରେ ୧୨ ଘଣ୍ଟା ଧରି ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଯଶିପୁର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା-୨ ବିଜେଡି ସଂଖ୍ୟାଲଘୁ ସଭାପତି ଏମଡି ଜାରାର, ଯୁବ ସଭାପତି ଅଭିଷେକ ସାହୁ, ଜିଲ୍ଲା ମହିଳା ସଭାପତି କମଳା ମହାନ୍ତ, ଯଶିପୁର ବ୍ଲକ ସଭାପତି ଦର୍ପନାରାୟଣ ମହାନ୍ତ, କୁସୁମୀ ବ୍ଲକ ସଭାପତି ସୁଲୋଚନା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳୀୟ କର୍ମକର୍ତ୍ତା ପ୍ରଶାନ୍ତି ମହାକୁଡ଼, ଜ୍ୟୋସ୍ନା ନାଏକ, ଅଭିରାମ ହେମ୍ବ୍ରମ, ରାଜୁ ଗୁପ୍ତା, ସୁରେନ୍ଦ୍ର ନାୟକ, ତୋରାବ ହୁସେନ, ବିବେକା ବେହେରା, ନରହରି ମହାନ୍ତ, ଶିବ ମହାନ୍ତ, ଲକ୍ଷ୍ମୀଧର ସେଠୀ, ଅହିଦ ଖାନ, ସନ୍ଦୀପ ମହାନ୍ତ, ଏସକେ ସମିମ, ରୋହିତ ସାହୁ, ଏସକେ ଆସିକ ହୁସେନ, ସାରଦା ବାରିକ, ବାବୁଲା ନାଏକ, ବେଣୁଧର ମହାନ୍ତ, ସୁମନ୍ତ ନାଏକ, ଟୁଟୁ ବେହେରା, ଏସକେ ଇମ୍ରାନ, ନୀଳମଣି ନାଏକ, ଏସ କେ ନୌସାଦ, ଭୀମ ମହାପାତ୍ର, ମନ୍ମଥ ମହାନ୍ତ, ସୁରୁବାବୁ ନାଏକ ଓ ସିପୁନ ମହାନ୍ତ ପ୍ରମୁଖ ସାମିଲ ଥିଲେ ।

ପୁଲିସ ଚଢ଼ଉ; ୮ ହାଇୱା ଜବତ

ଆନନ୍ଦପୁର, ୩।୧୦ (ସମିସ): ବୈତରଣୀ ଓ କୁସେଇ ନଦୀରୁ ବେଆଇନ ବାଲି ଲୁଟ ଉପରେ ଆନନ୍ଦପୁର ପୁଲିସ ଚଢ଼ଉ ଓ ଧରପଗଡ଼ ଜାରି ରଖି ୮ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି । ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସମସ୍ତ ଥାନା ତରଫରୁ ପାଟ୍ରୋଲିଙ୍ଗକୁ ଜୋରଦାର କରାଯାଇଛି । ଘସିପୁରା ଥାନା ଇନସ୍ପେକ୍ଟର ମିତାଲି ବିଶ୍ୱାଳ ୨୦ ନମ୍ବର ଜାତୀୟ ରାଜପଥରେ ଚାଲାଣ ହେଉଥିବା ୪ଟି ହାଇୱା ଜବତ କରିଥିବା ବେଳେ ବେଲବାହାଳି ଓ କୁମଡ଼ ଘାଟରୁ ୪ଟି ହାଇୱା ଜବତ କରିଥିବା ଜଣାଯାଇଛି । ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ ଆମାରଙ୍ଗ ବାଲି ଘାଟ ଉପରେ ବିଳମ୍ବିତ ରାତିରେ କେନ୍ଦୁଝର ସ୍ପେସ । ।ଲ ସ୍କ୍ୱାଡର ଏକ ସ୍ୱତନ୍ତ୍ର ଟିମ ଅଚାନକ ଚଢ଼ଉ କରି ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ୨ଟି ଜେସିବି ମେସିନ ଓ ୪ଟି ହାଇୱା ଗାଡ଼ିକୁ ଜବତ କରିଛି । ସେହିପରି ଦୀର୍ଘ ଦିନ ଧରି ଘାଟ ନିକଟରେ ଖରାପ ଅବସ୍ଥାରେ ପଡ଼ିଥିବା ଅନ୍ୟ ୨ଟି ମେସିନକୁ ମଧ୍ୟ ଜବତ କରାଯାଇ ଘସିପୁରା ପୁଲିସକୁ ହସ୍ତାନ୍ତର କରାଯାଇଛି ।

୪ ଶାଳ ଗଣ୍ଡି ଜବତ

ତୁରୁମୁଙ୍ଗା, ୩।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲୀପଶି ବିଟ୍ ଅଧୀନ ନୂଆପଡ଼ା ଗ୍ରାମ ହୁଡ଼ିରୁ କଟାଯାଇ ରଖାଯାଇଥିବା ୪ଟି ଶାଳ ଗଛର ଗଣ୍ଡିକୁ ବନ ବିଭାଗ ବିଭାଗ ଜବତ କରିଛି । ଚୋରା ଚାଲାଣ କରିବା ଉଦ୍ଦେଶ୍ୟରେ ରଖା।ଯାଇଥିବା କାଠକୁ ବନ ବିଭାଗ ଜବତ କରି ଗଣ୍ଡିଗୁଡ଼ିକୁ ଟ୍ରାକ୍ଟର ଯୋଗେ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି । ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, ମଲ୍ଲିପଶି ବନରକ୍ଷୀ ଲକ୍ଷ୍ମୀକାନ୍ତ ରାଉତଙ୍କ ସମେତ ପାଟଣା ବନାଞ୍ଚଳର ପାରାଷ୍ଟାଫ ସଞ୍ଜୟ ମହାନ୍ତ, ଅଟଳ ବିହାରୀ ସେଠୀ, କାର୍ତ୍ତିକ ମହାନ୍ତ, ଉମେଶ ମହାନ୍ତ, ରମାକାନ୍ତ ମହାନ୍ତ, କୈଳାସ ମହାନ୍ତ, ମୁରଲୀ ମହାନ୍ତ ଓ ତ୍ରିଲୋଚନ ମହାନ୍ତ ସାମିଲ ଥିଲେ । ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ।

ମଦ ଜବତ, ଜଣେ ଗିରଫ

କରଞ୍ଜିଆ, ୩।୧୦(ସମିସ): କରଞ୍ଜିଆ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨୩.୪୪ ଲିଟର ବେଆଇନ ବିଦେଶୀ ମଦ ଜବତ ହେବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିଜଣକ କିଆପାଣପୋଷି ଗ୍ରାମର ବିଶ୍ୱନାଥ ବିଶ୍ୱାଳ (୪୯) ବୋଲି ଜଣାପଡ଼ିଛି । ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏସଆଇ ସଙ୍ଗ୍ରାମ କେଶରୀ ସାମଲ ଓ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଟାଟୋ ଛକ ନିକଟ ଏକ ଟିଫିନ୍ ଦୋକାନ ପାଖରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ଚଢ଼ଉ କରି ବିଭିନ୍ନ ବ୍ରାଣ୍ଡର ୨୩.୪୪ ଲିଟର ବିଦେଶୀ ମଦ ଜବତ ହୋଇଥିଲା । ଏ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପୋଖରୀରେ ବୁଡ଼ି ଯୁବକ ମୃତ

ବେତନଟୀ/ବଡ଼ସାହି, ୩।୧୦(ସମିସ): ବଡ଼ସାହି ଥାନା ଅଧୀନ ଯୋଗିନୂଆଗାଁ ପଞ୍ଚାୟତର କଇଁଫୁଲିଆ ଗ୍ରାମର ଜଣେ ଯୁବକ ଶନିବାର ଅପରାହ୍ନରେ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ମୃତକ ହେମନ୍ତ ନାଏକ (୩୨) । ହେମନ୍ତ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ । ଗ୍ରାମର ସ୍ତ୍ରୀ ଲୋକ ଅପରାହ୍ନରେ ପୋଖରୀକୁ ଆସିଥିବାବେଳେ ପୋଖରୀ ହୁଡ଼ାରେ ହେମନ୍ତଙ୍କ ଲୁଗା ଥିବା ଓ ସେ ପାଣିରେ ବୁଡ଼ିଯାଇଥିବା ଦେଖି ତାଙ୍କ ବଡ଼ଭାଇ ସନ୍ତୋଷ ନାଏକଙ୍କୁ ଖବର ଦେଇଥିଲେ । ସନ୍ତୋଷ ବେତନଟୀ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ସେମାନେ ହେମନ୍ତଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।

ବାଲ୍ୟବିବାହ ମୁକ୍ତ ଗାଁ ପାଇଁ ସ୍ୱତ ।ମସଭା

ବାରିପଦା, ୩।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶର ୨ ଲକ୍ଷ ୪୨ ହଜାର ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ୨୦୩୦ ସୁଦ୍ଧା ଦେଶକୁ ବାଲ୍ୟବିବାହ ମୁକ୍ତ କରିବା ଲକ୍ଷ୍ୟରେ ଜନପ୍ରତିନିଧି, ସରକାରୀ କର୍ମଚାରୀ ଓ ସାଧାରଣ ନାଗରିକ ଏକତ୍ରିତ ହୋଇ ଗ୍ରାମଗୁଡ଼ିକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରିବାକୁ ସଂକଳ୍ପ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍' ଓ ସହଯୋଗୀ ସଂସ୍ଥା 'ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ' (ବିଏଡିସି) ଏ ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲାପାଳ ସମସ୍ତ ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଓ ସିଡିପିଓଙ୍କୁ ଗ୍ରାମସଭା ଜରିଆରେ ଘୋଷଣାପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ପୁଲିସ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ, ବର୍ତ୍ତିଲା ପରିବାର

ବାରିପଦା, ୩।୧୦(ସମିସ): ବାରିପଦା ସହରସ୍ଥ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ ରିଜର୍ଭ ପୁଲିସ କ୍ୟାମ୍ପସରେ ଥିବା ଏକ କ୍ୱାର୍ଟର୍ସରେ ଶନିବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି । ତେବେ ଘଟଣା ସମୟରେ ଘରେ କେହି ନ ଥିବାରୁ ବଡ଼ଧରଣର ବିପଦ ଟଳିଯାଇଛି । ନିକଟରେ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ହାବିଲଦାର ପିଥ ମାରାଣ୍ଡି କାର୍ଯ୍ୟସ୍ଥଳରେ ଥିବାବେଳେ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀ ଓ ପରିବାର ଲୋକେ ବଜାରକୁ ଯାଇଥିଲେ । ସେ ସମୟରେ ବନ୍ଦ ଘର ଭିତରୁ ହଠାତ୍ ଧୂଆଁ ବାହାରୁଥିବା ପଡ଼ୋଶୀ ପୁଲିସ କର୍ମଚାରୀ ଦେଖିବାକୁ ପାଇଥିଲେ । ସେମାନେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଠିକ୍ ସମୟରେ ନିଆଁ ଲିଭାଯିବା ଯୋଗୁଁ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି ।

ବ୍ରିଗେଡ ସୈନିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱଚ୍ଛତା ସଚେତନତା

ମହୁଲଡିହା, ୩।୧୦ (ସମିସ): ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଓଡ଼ିଶା ବ୍ରିଗେଡ ସୈନିକ ସ୍କୁଲ ପକ୍ଷରୁ ଠାକୁରମୁଣ୍ଡା ବଜାରରେ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ । ଏ ଅବସରରେ ଜଣେ ଛାତ୍ର ଗାନ୍ଧିଜୀଙ୍କ ବେଶ ଧାରଣ କରିଥିବାବେଳେ ଅନ୍ୟ ତିନିଜଣ ଛାତ୍ର ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ବେଶରେ ସଜ୍ଜିତ ହୋଇଥିଲେ । ହନୁମାନ ଛକରେ ସଚେତନତା ସୃଷ୍ଟି କରାଯିବା ପରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ସ୍ଥାନୀୟ ଡାକ୍ତରଖାନା, ଥାନା ଓ ବ୍ଲକ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

ତେରଣ୍ଟି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ଖୁଣ୍ଟ, ୩।୧୦(ସମିସ): ଶୁକୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ତେରଣ୍ଟିଠାରେ ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସିଆରସିସି ଅଗସ୍ତି ଗିରିଙ୍କ ପୌରୋହିତ୍ୟ ଓ ସିଆରଜି ରାହୁଲ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ପଞ୍ଚପଦୀ ନିୟମ, ନ୍ୟସ୍ତ କାର୍ଯ୍ୟ ଓ ଶିକ୍ଷଣ ସୋପାନ ରେଜିଷ୍ଟାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ବିଦ୍ୟାଳୟରେ ଏହାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅଲିଭା ବେହେରା, ଜସ୍ମିତା ପାତ୍ର, ଇନ୍ଦୁମତୀ ବାରିକ, ଜୟନ୍ତୀବାଳା ସିଂ, ହରପ୍ରିୟା ପାତ୍ର, ସସ୍ମିତା ସାହୁ, ଶିକ୍ଷକ ଦିବ୍ୟଲୋଚନ ସାହୁ, କୃତ୍ତିବାସ ଜେନା, ଅରବିନ୍ଦ ସ୍ୱାଇଁ, ରାମଚନ୍ଦ୍ର ପାତ୍ର, ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ବାବା ଭୀମେଶ୍ୱର ମନ୍ଦିର ଉନ୍ନୟନ ଟ୍ରଷ୍ଟର ସଫେଇ କାର୍ଯ୍ୟକ୍ରମ

ଉଦଳା, ୨।୧୦ (ସମିସ): ବାବା ଭୀମେଶ୍ୱର ମନ୍ଦିର ଉନ୍ନୟନ ଟ୍ରଷ୍ଟ ଆନୁକୂଲ୍ୟରେ 'ସ୍ୱଚ୍ଛତା ହିଁ ସେବା' ସଂକଳ୍ପ ଯାତ୍ରା ତଥା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମନ୍ଦିର ପରିସର ସମେତ ଗ୍ରାମର ମୁଖ୍ୟ ରାସ୍ତା ଓ ଆଖପାଖ ଅଞ୍ଚଳରେ ବ୍ୟାପକ ପରିମଳ ଅଭିଯାନ ଚାଲିଥିଲା । ଟ୍ରଷ୍ଟର ସଦସ୍ୟ ପଙ୍କଜ ପତି, ପରେଶ ଦାଶ, ଅବିନାଶ ପାଢ଼ୀ, ଡ ସରୋଜ ଦାଶ, ରାଜେଶ ଦାଶ ଓ ଭଗୀରଥ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଶ୍ରମଦାନ କରିଥିଲେ । ମନ୍ଦିର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସମାଜରେ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଥାଲାସେମିଆ ଶିଶୁକନ୍ୟାଙ୍କ ପାଇଁ ରକ୍ତଦାନ

ରାଇରଙ୍ଗପୁର, ୩।୧୦ (ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ "ମେରା ଭାରତ ମହାନ' ସଂଗଠନର ଜଣେ କର୍ମକର୍ତ୍ତା ଥାଲାସେମିଆରେ ପୀଡ଼ିତ ଜଣେ ଶିଶୁକନ୍ୟାଙ୍କ ପାଇଁ ରକ୍ତଦାନ କରିଛନ୍ତି । ବହଳଦା ବ୍ଲକ ଝରାଡିହି ପଞ୍ଚାୟତ ଅନ୍ତର୍ଗତ ପୋଖରିଆ ଗ୍ରାମର ଅନନ୍ୟା ସର୍ଦ୍ଦାରଙ୍କ ପାଇଁ ସଂଗଠନର କର୍ମକର୍ତ୍ତା ତଥା ବଡ଼କୁଲେଇବିରା ନିକଟ ଗୋହିରା ଗ୍ରାମର ରାହୁଲ ଦାସ ରାଇରଙ୍ଗପୁର ରକ୍ତଭଣ୍ଡାରରେ ରକ୍ତଦାନ କରିଥିଲେ । ଏ ସମୟରେ ସଂଗଠନର କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ଦତ୍ତ ଉପସ୍ଥିତ ଥିଲେ । ବହଳଦା ଉଚ୍ଚ ବିଦ୍ୟାଳୟର ୨୦୧୫ ମାଟ୍ରିକ୍ ବ୍ୟାଚର କିଛି ଛାତ୍ରଙ୍କୁ ନେଇ ଗଠିତ "ମେରା ଭାରତ ମହାନ' ସଂଗଠନ ରାଇରଙ୍ଗପୁର ଓ ବହଳଦା ଅଞ୍ଚଳରେ ବିଭିନ୍ନ ସମାଜସେବା କାର୍ଯ୍ୟରେ ସକ୍ରିୟ ରହିଛି । ସଂଗଠନ ପକ୍ଷରୁ ଜାତୀୟ ଦିବସ ପାଳନ ସହ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ ଭଳି ସେବା କାର୍ଯ୍ୟ କରାଯାଉଛି । ରାହୁଲଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ଅନନ୍ୟାଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଶିମିଳିପାଳ ପ୍ରବେଶ ପଥ ଲୁଲୁଙ୍ଗରେ 'ଶିମିଳି କାଫେ' ଉଦ୍‌ଘାଟିତ

ବାରିପଦା, ୩।୧୦(ସମିସ): ଶିମିଳିପାଳ ଅଭୟାରଣ୍ୟର ପ୍ରବେଶ ପଥ ପୀଠାବଟାଠାରେ ପର୍ଯ୍ୟଟକଙ୍କ ସୁବିଧା ଓ ସ୍ଥାନୀୟ ଆଦିବାସୀ ମହିଳାଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ 'ଶିମିଳି କାଫେ'ର ଶୁଭାରମ୍ଭ ହୋଇଛି । ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଭୁବନେଶ୍ୱରରୁ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ଶିମିଳିପାଳ ଟାଇଗର ରିଜର୍ଭ ଏସିଏଫ ପ୍ରଦୀପ ଦେ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ "ଆମ ଶିମିଳିପାଳ' ଯୋଜନା ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଆନୁକୂଲ୍ୟରେ ପ୍ରାୟ ୫୦ ଲକ୍ଷ ଟଙ୍କାର ପ୍ରାରମ୍ଭିକ ବଜେଟ୍‌ରେ ନିର୍ମିତ ଏହି କାଫେଟି ଏକ ସମ୍ପୂର୍ଣ୍ଣ କମ୍ୟୁନିଟି-ବେସ୍‌ଡ୍ ମ୍ୟାନେଜମେଣ୍ଟ ମଡେଲରେ ପରିଚାଳିତ ହେବ । ଏଠାରେ ସ୍ଥାନୀୟ ଜନଜାତି ମହିଳାଙ୍କୁ ରନ୍ଧନ ଓ ଆତିଥ୍ୟ ସେବା କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରାଯାଉଛି । ଯଦ୍ୱାରା ଜଙ୍ଗଲ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ ପାଇବା ସହ ଜୀବିକାରେ ଉନ୍ନତି ଆସିବ । ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି କାଫେରେ ବିଶ୍ରାମ, ଶୌଚାଳୟ ଓ ମୟୂରଭଞ୍ଜର ପାରମ୍ପରିକ ଖାଦ୍ୟପେୟର ବ୍ୟବସ୍ଥା ରହିଛି । ଏଥିସହିତ ଶିମିଳିପାଳ ଜଙ୍ଗଲରୁ ସଂଗୃହୀତ ମହୁ, ଝୁଣା, ପାଳୁଅ ଭଳି ବନଜାତ ଦ୍ରବ୍ୟର ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ଏହି କାଫେ ମାଧ୍ୟମରେ ବିକ୍ରୟ କରାଯିବା ଯୋଜନା ରହିଛି ।

ଛାତ୍ରାବାସ ପରିଚାଳନାରେ ଅବହେଳା
୭ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ବିଶୋଇ, ୩।୧୦(ସମିସ): ଛାତ୍ରାବାସ ପରିଚାଳନାରେ ଅବହେଳା ଅଭିଯୋଗ ନେଇ ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି "ମାସା' ସଂଗଠନ । ଛାତ୍ରାବାସର ସମସ୍ତ ରେକର୍ଡ, ହାଜିରା ଖାତା ଓ ଛାତ୍ରଙ୍କ ଦରଖାସ୍ତ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏଥିସହ ଦାୟିତ୍ୱରେ ଥିବା ହୋଷ୍ଟେଲ ପରିଚାଳକଙ୍କୁ ଅବ୍ୟାହତି ଦେଇ ଅନ୍ୟ ଜଣେ ଦାୟିତ୍ୱବାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଓ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ୭ ଦିନ ମଧ୍ୟରେ ଅନ୍ୟତ୍ର ବଦଳି କରିବା ପାଇଁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ନିର୍ଦ୍ଧାରିତ ୭ ଦିନ ମଧ୍ୟରେ ଦୃଢ଼ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ମାସା ଜିଲ୍ଲା ସଭାପତି ରାମ ମୁର୍ମୁ, ଜିଲ୍ଲା ସହସମ୍ପାଦକ ଲକ୍ଷ୍ମଣ ମାଝୀ, ବାମନଘାଟି ସମ୍ପାଦକ ମାସାଂ ହେମ୍ବ୍ରମ, କାନ୍ଦ୍ରା ମୁର୍ମୁ, ଟାକୁର ଦାସ ଟୁଡୁ, ଅନାଦି ଶିଙ୍କୁ, ସନାତନ ହାଁସଦା, ବଳରାମ ହାଁସଦା ଓ କିସୁନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥôଲେ ।

■ ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ପାଇଁ ୪୪ ଦିନିଆ ଅଭିଯାନ ଆରମ୍ଭ
ରଜାବସାରେ ସଚେତନତା ପଦଯାତ୍ରା ଓ ସଂକଳ୍ପ ସଭା

ବାରିପଦା, ୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ, ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଓ ଅଧିକାର ସହ ଯୋଡ଼ିବା ଲକ୍ଷ୍ୟରେ ଗାନ୍ଧୀ ଜୟନ୍ତୀରୁ ୪୪ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଆସନ୍ତା ନଭେମ୍ବର ୧୪ (ଶିଶୁ ଦିବସ) ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଜିଲ୍ଲାର ସମସ୍ତ ୪୦୪ଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯାଇଛି । ୨୦୨୯ ସୁଦ୍ଧା ଜିଲ୍ଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମମୁକ୍ତ କରିବା ପାଇଁ ପଞ୍ଚାୟତ ସ୍ତରରେ ସଂକଳ୍ପ ନିଆଯିବା ସହ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସ ଉପରେ ଗୁରୁତ୍ୱ ଦିଆଯାଉଛି ।

ଏହି କ୍ରମରେ ବାରିପଦା ବ୍ଲକ ଅନ୍ତର୍ଗତ ରଜାବସା ପଞ୍ଚାୟତରେ ଏକ ସଚେତନତା ପଦଯାତ୍ରା ଓ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରାମଜିତ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା ସହକାରୀ ଶ୍ରମ ଅଧିକାରୀ ପାନମଣୀ ସୋରେନ, ପିଇଓ ରମେଶ ବେହେରା, ରାଜସ୍ୱ ନିରୀକ୍ଷକ ମନୋରଞ୍ଜନ ବାରିକ ଓ ଡାଟା ଏଣ୍ଟ୍ରି ଅପରେଟର ସରସ୍ୱତୀ ଟୁଡୁ ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ଦେଇଥିଲେ । ଏ ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଶିଶୁ ଶ୍ରମ ନିରାକରଣ ପାଇଁ ସାମୂହିକ ଶପଥ ପାଠ କରାଯିବା ସହ ପଞ୍ଚାୟତ ପରିସରରେ ଏକ ବିଶାଳ ପଦଯାତ୍ରା କରାଯାଇଥିଲା । ଏହି ଅଭିଯାନକୁ ସଫଳ କରିବାକୁ ସମସ୍ତ ବର୍ଗର ଲୋକଙ୍କ ସହଯୋଗ କାମନା କରାଯାଇଛି ।

ପୁଲିସ ପକ୍ଷରୁ ଗାଡ଼ି ଧରପଗଡ଼ କଡ଼ାକଡ଼ି

ତେଲକୋଇ, ୩।୧୦(ସମିସ): ତେଲକୋଇ ପୁଲିସ ପକ୍ଷରୁ ଦୈନିକ ବିଭିନ୍ନ ସ୍ଥାନରେ ବ୍ଲକିଂ ଚେକିଂ ଜୋରଦାର ଆରମ୍ଭ ହୋଇଯାଇଛି । ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଅପରାଧୀ ଓ ଅସାମାଜିକଙ୍କୁ ଦମନ କରିବା ପାଇଁ ପୁଲିସର ଏହି କାର୍ଯ୍ୟପନ୍ଥା ସ୍ଥାନୀୟ ଅଞ୍ଚଳରେ ବେଶ୍ ହଟଚମଟ ସୃଷ୍ଟି କରିଛି । ଦୁଇଚକିଆ ଯାନବାହାନଠାରୁ ଆରମ୍ଭ କରି ୪ ଚକିଆ ଓ ବଡ଼ ଗାଡ଼ି ସବୁକୁ ଟିକିନିଖି ତନଖି କରାଯାଉଛି । ତେଲକୋଇ ଥାନାଧିକାରୀ ଦିଲ୍ଲୀପ ଲାକ୍ରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଜିଲ୍ଲା ବ୍ୟାପି ପ୍ରତ୍ୟହ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା ଚାଲିଛି ।

ଏସଏସଡି ଶିକ୍ଷକଙ୍କ ଦାବିନେଇ ସ୍ମାରକପତ୍ର

ଆନନ୍ଦପୁର, ୩।୧୦(ସମିସ): ଏସ୍‌ଏସ୍‌ଡି ଅଧୀନରେ କାର୍ଯ୍ୟରତ ସହକାରୀ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ଆସିଷ୍ଟାଣ୍ଟ ଟିଚର୍ସ ଆସୋସିଏସନ୍, ଏସ୍‌ଏସ୍‌ଡି କେନ୍ଦୁଝର ପକ୍ଷରୁ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ ଜିଲ୍ଲାର ସମସ୍ତ ସହକାରୀ ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଆବଶ୍ୟକ । ସ୍ମାରକପତ୍ରରେ ମୁଖ୍ୟତଃ ଚାରିଟି ଦାବି ଉପସ୍ଥାପନ କରାଯାଇଛି । ସଂଘର ପ୍ରମୁଖ ଦାବିଗୁଡ଼ିକ ହେଲା, ସମସ୍ତ ଏଲିମେଣ୍ଟାରୀ ଶିକ୍ଷକଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁଯାୟୀ କ୍ୟାଡର ନିୟମ ପ୍ରଣୟନ କରାଯାଉ, ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି କମିଟି ବୈଠକ କରାଯାଉ, ରୋଷ୍ଟର ଡ୍ୟୁଟି ସମସ୍ତ ସହକାରୀ ଶିକ୍ଷକଙ୍କ ମଧ୍ୟରେ ବଣ୍ଟନ କରାଯାଉ, ସର୍ଗିଫୁଲ ଭଳି ଜିଲ୍ଲାସ୍ତରୀୟ ବୈଠକ ଓ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକମାନଙ୍କୁ ଅଂଶଗ୍ରହଣର ସୁଯୋଗ ପ୍ରଦାନ କରାଯାଉ । ସଂଘ ପକ୍ଷରୁ ଏହି ସମସ୍ତ ଦାବି ଉପରେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ସ୍ମାରକପତ୍ରକୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସହକାରୀ ଶିକ୍ଷକ ସଂଘ କେନ୍ଦୁଝରର ସଭାପତି ଦେବାଶିଷ ସାମଲ, ସାଧାରଣ ସମ୍ପାଦକ ସୁଭେନ୍ଦୁ ସୁନ୍ଦର ରାଉତ ଓ କୋଷାଧ୍ୟକ୍ଷ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟର ସହକାରୀ ଶିକ୍ଷକ ଉପସ୍ଥିତ ରହି ଜିଲ୍ଲା ମଙ୍ଗଳ ଅଧିକାରୀକୁ ନିଜର ଦାବି ଜଣାଇଛନ୍ତି ।

ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ହାଟ ପ୍ରସଙ୍ଗ
ଛିଡୁନି ବିବାଦ; କାର୍ଯ୍ୟକାରୀ ହେଉନି କୋର୍ଟ ନିର୍ଦ୍ଦେଶ

ବଡ଼ସାହି,୩।୧୦(ସମିସ)

ବଡ଼ସାହି ବ୍ଲକ୍ ଅଧୀନ ପଟିସାରୀ ପଞ୍ଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ୧ ବର୍ଷ ପାଖାପାଖି ହେବ ବିବାଦ ଛିଡିବାର ନାଁ ଧରୁନି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଡିଓ ଓ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷଙ୍କ ନିକଟରୁ ଅଭିଯୋଗ ହୋଇଥିଲା । ଅଧିକାରୀମାନେ ଗ୍ରାମକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇପାରି ନ ଥିଲା । ଏପରିକି ୧୪୪ଧାରା ଜାରି ହେବା ଓ ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇ ନ ଥିଲା । ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାବେଳେ ଉତ୍ତେଜନା ଲାଗି ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ହାଇକୋର୍ଟରେ ପହଞ୍ଚିଥିଲା । ଉଭୟ ପକ୍ଷର ଅଭିଯୋଗ ଓ ପ୍ରତିଅଭିଯୋଗକୁ ନେଇ ହାଇକୋର୍ଟ ଜିଲ୍ଲାପାଳଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କହିଥିବାବେଳେ ତେନ୍ତୁଳିମୁଣ୍ଡା ହାଟଟି ସରକାରୀ ଭାବେ ପଞ୍ଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଫଳରେ ପ୍ରଶାସନ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା । ଏପରିକି ତତ୍‌ôରାଳୀନ ତହସିଲଦାର, ବିଡିଓ, ଥାନାଧିକାରିଣୀ ଓ ପଞ୍ଚାୟତକୁ ଚିଠି କରିଥିବାବେଳେ ପଞ୍ଚାୟତ ପକ୍ଷରୁ ମଧ୍ୟ ଡାକବାଜି ଯନ୍ତ୍ର ସାହାଯ୍ୟରେ ବେଗୁନିଆବଣୀ ହାଟଟି ବନ୍ଦ କରିବା ପାଇଁ ପ୍ରଚାର କରାଯାଇଥିଲା ।

ମାତ୍ର ଏହାପରେ ମଧ୍ୟ ବେଗୁନିଆବଣୀ ହାଟ ଚାଲୁ ରହିଥିବା ଯୋଗୁଁ ତେନ୍ତୁଳିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଗତ ଜୁନରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଉଭୟ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ମୁତାବକ ବେଗୁନିଆବାଣୀ ହାଟଟି ୨୦୨୬ ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି ସମୟସୀମା ପରେ ପରେ ତେନ୍ତୁଳିମୁଣ୍ଡା ହାଟଟି ପୂର୍ବ ପରି ମଙ୍ଗଳବାର ଓ ଶୁକ୍ରବାର ବସିବ ଓ ଦୋକାନୀଙ୍କଠାରୁ ମହାସୁଲ ବାବଦରେ ୧୦ ଟଙ୍କା ଲେଖାଏଁ ଆଦାୟ କରାଯିବ । ବେଗୁନିଆବଣୀରେ ମଙ୍ଗଳବାର ଓ ଶୁକ୍ରବାର ବ୍ୟତୀତ ଅନ୍ୟ ଦିନରେ ହାଟ ବସିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଅନୁରୋଧ କରାଯାଇଥିଲା । ଏହି ନିଷ୍ପତ୍ତିକୁ ଉଭୟ ଗ୍ରାମବାସୀ ମାନିବାକୁ ସମ୍ମତି ପ୍ରକାଶ କରିଥିବାବେଳେ ଭବିଷ୍ୟତରେ ଯଦି ଏହି ନିଷ୍ପତ୍ତିର ବ୍ୟତିକ୍ରମ ହୁଏ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହାପରେ ମଧ୍ୟ ଉକ୍ତ ନିଷ୍ପତ୍ତିରେ କୋ÷ଣସି ପ୍ରଭାବ ପଡିନାହିଁ ।

ବେଗୁନିଆବଣୀ ହାଟଟି ଯେପରି ସେହି ମଙ୍ଗଳବାର ଓ ଶୁକ୍ରବାର ଚାଲୁଥିଲା, ତାହା ଚାଲୁଛି । କୋର୍ଟଙ୍କ ନିଷ୍ପତ୍ତିକୁ ମଧ୍ୟ ଅମାନ୍ୟ କରାଯାଉଥିବାବେଳେ ପ୍ରଶାସନ ତୁରନ୍ତ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଛି । ତେନ୍ତୁଳିମୁଣ୍ଡା ହାଟରେ ମହାସୁଲ ଆଦାୟକୁ ନେଇ ବିବାଦ ଦେଖା ଦେଇଥିବାରୁ ଏହି ହାଟକୁ ବେପାରୀ ନ ଆସି ନିକଟସ୍ଥ ବେଗୁନିଆବଣୀ ନିକଟରେ ବସିବାରୁ ବିବାଦର ସୂତ୍ରପାତ ହୋଇଥିଲା । ଏହାର ଫାଇଦା ନେଇ ବେଗୁନିଆବଣୀ ଗ୍ରାମବାସୀ ସେଠାରେ ଏକ ନୂତନ ହାଟ ସ୍ଥାପନ ପାଇଁ ଅଣ୍ଟା ଭିଡିଥିଲେ । ମାତ୍ର ବେଗୁନିଆବଣୀ ଗ୍ରାମବାସୀ ସେହି ଶୁକ୍ରବାର ଓ ମଙ୍ଗଳବାର ହାଟ କରିବା ପାଇଁ ସିଦ୍ଧାନ୍ତ ନେଇଥିବାରୁ ବିବାଦ ଆରମ୍ଭ ହୋଇ ହାଇକୋର୍ଟରେ ପହଞ୍ଚିଥିଲା ।

ସକାଳ
THE SAKALA

www.sakalaepaper.com

ସାନ୍ତାଳୀ ଭାଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାନ୍ତାଳୀ ବିଶେଷଜ୍ଞ କମିଟି

ସାନ୍ତାଳୀ ଭାଷାକୁ ଅଲ୍‌ଚିକି ଲିପିରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଦାବି

ଭୁବନେଶ୍ୱର,୩।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ତାଙ୍କ ସରକାରୀ ବାସଭବନରେ ସାନ୍ତାଳୀ ଭାଷା ବିଶେଷଜ୍ଞ କମିଟିର ସଦସ୍ୟ ଓ ବିଭିନ୍ନ ସଂଗଠନର ସଂଯୋଜକମାନେ ସାକ୍ଷାତ କରିଛନ୍ତି। ଏହି ଅବସରରେ ସାନ୍ତାଳୀ

■ ଏନ୍‌ଇପି-୨୦୨୦ ଲାଗୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା
■ ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ

ଭାଷାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟାପକ ଆଲୋଚନା ହୋଇଛି। ସାନ୍ତାଳୀ ଭାଷାକୁ ଅଲଚିକି ଲିପି ମାଧ୍ୟମରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଏବଂ ଶୈକ୍ଷିକ ସୁବିଧା ପ୍ରଦାନ ପାଇଁ ପ୍ରତିନିଧିମଣ୍ଡଳ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରତ୍ୟେକଟି ଦାବିକୁ ଅତ୍ୟନ୍ତ ଗମ୍ଭୀରତା ଓ ସହାନୁଭୂତିର ସହ ଶୁଣିଛନ୍ତି।

ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆମ ଦେଶର ସର୍ବୋଚ୍ଚ ପଦବୀ ଅର୍ଥାତ୍ ରାଷ୍ଟ୍ରପତି ଆସନରେ ଜଣେ ସାନ୍ତାଳୀ ନାରୀ ଦ୍ରୌପଦୀ ମୁର୍ମୁ ଅଳଙ୍କୃତ ହୋଇଛନ୍ତି, ଯାହାକି ସମଗ୍ର ସାନ୍ତାଳୀ ସମାଜ ସମେତ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ସାନ୍ତାଳୀ ଭାଷା, ସଂସ୍କୃତି ଓ ଜନଜାତିର ପରିଚୟ ଆଜି ବିଶ୍ୱସ୍ତରରେ ଅଧିକ ପ୍ରଭାବଶାଳୀ ଏବଂ ଗରିମାମୟ ହୋଇଛି। ସାନ୍ତାଳୀ ଭାଷାକୁ ଏନଇପି-୨୦୨୦ର ତ୍ରିଭାଷୀ ସୂତ୍ର ଅନ୍ତର୍ଗତ ୧ମରୁ ୧୦ମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଏମଆଇଏଲ ତଥା ଇଲେକ୍ଟିଭ୍ ଭାବେ ପ୍ରଚଳନ କରିବା, ଶିକ୍ଷକ ନିଯୁକ୍ତି ଏବଂ ବାରିପଦା, ବାଲେଶ୍ୱର ଓ ଆନନ୍ଦପୁରର ଶିକ୍ଷକଶିକ୍ଷା ମହାବିଦ୍ୟାଳୟରେ ବି.ଇଡି. ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ନେଇ ରହିଥିବା ଦାବିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଥିଲେ ଯେ ରାଜ୍ୟ ସରକାର ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ। ବିଶେଷଜ୍ଞ କମିଟିର ସୁପାରିଶ ଏବଂ ସାନ୍ତାଳୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ଯଥୋଚିତ ତଥା ସକାରିକ ପଦକ୍ଷେପ ଖୁବଶୀଘ୍ର ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସଂଯୋଜକ ଚୈତନ୍ୟ ମାଝୀ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ହା ସୋରେନ, ପୂର୍ବତନ ଆଇଏଏସ ଧନଞ୍ଜୟ ହେମ୍ବ୍ରମ, ଡଃ ନାକୁ ହାଁସଦା, ପୂର୍ବତନ ଆଇଆରଏସ ଉଦୟନାଥ ମାଝୀ ଓ ସୋମନାଥ ହାଁସଦାଙ୍କ ସମେତ ଅନେକ ସାନ୍ତାଳୀ ଭାଷା ବିଶେଷଜ୍ଞ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଆଲୋଚନା କରିଥିଲେ।

ସୁବର୍ଣ୍ଣରେଖାରେ ବୁଡ଼ି ଦୁଇ ନାବାଳକଙ୍କ ସମେତ ୩ ମୃତ

ଜଳେଶ୍ୱର/ରାଜଘାଟ, ୩।୧୦ (ସମିସ): ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଆଜି ୩ଜଣଙ୍କ ଜୀବନ ଯାଇଛି। ଜଳେଶ୍ୱର ଥାନା ଅଞ୍ଚଳରେ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବସ୍ତା ଥାନା ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି।

ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ସାମସୁଦ୍ଦିନ ସାହାଙ୍କ ପୁଅ ସାମସେର ସାହା (୧୫), ଏବଂ ଜାଭେଦା ବିବିଙ୍କ ପୁଅ ଜିସାନ (୧୦) ସୁବର୍ଣ୍ଣରେଖା ନଦୀର ରାଜପୁର ନିକଟସ୍ଥ ସାହାଲାମାଲ ନିକଟ ନଦୀଘାଟକୁ ୫ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ନଦୀ ସ୍ରୋତରେ ଉପରୋକ୍ତ ଦୁଇ ନାବାଳକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନ୍ୟ ନାବାଳକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୀର୍ଘ ୩ ଘଣ୍ଟା ଖୋଜାଖୋଜି ପରେ ଅଗ୍ନିଶମ ବିଭାଗର ଓଡ୍ରାଫ ଟିମ ୨ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳକ ମାନଙ୍କୁ ସ୍ଥାନୀୟ ଜି. କେ. ଭଟ୍ଟର ହସପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବେଣାପୁରା ବାରୁଣୀ ଘାଟରେ ଦୁଃଖଦ ଘଟଣା ଘଟିଛି। ନଦୀରେ ଗାଧୋଇବା ସମୟରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତର ପ୍ରଦେଶର ନୟନପାରା ଅଞ୍ଚଳର ଅଶୋକ କୁମାର ପାଠକ(୪୮)। ଅଶୋକ ତୀର୍ଥ କରିବା ପାଇଁ ପରିବାର ସହ ବସ୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ରାସ୍ତାରେ ଶୌଚ ସ୍ନାନ ହେବା ପାଇଁ ଉକ୍ତ ନଦୀ ଘାଟରେ ଅଟକି ଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ଅଶୋକ ନଦୀରେ ଗାଧୋଉଥିବା ବେଳେ ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଅଶୋକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବସ୍ତା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା

ପ୍ରଶାସନକୁ ଏନ୍‌ଏଚ୍‌ଆର୍‌ସିର ରିପୋର୍ଟ ତଲବ

ପାରଳାଖେମୁଣ୍ଡି, ୩।୧୦ (ସମିସ) : ଜାତୀୟ ମାନବାଧିକାର କମିଶନ ପାରଳାଖେମୁଣ୍ଡି ଉପକାରାଗାରରେ ଥିବା ୨୮ ବର୍ଷୀୟ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣାରେ ଗଜପତି ଜିଲ୍ଲା ପ୍ରଶାସନ ଏବଂ ଜେଲ କର୍ତ୍ତୃପକ୍ଷଙ୍କଠାରୁ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାପଡିଛି । ସୂଚନା ପ୍ରକାରେ ଏହି ଉପକାରାଗାରରେ ୨୦୨୬ ସେପ୍ଟମ୍ବର ୫ ତାରିଖ ଦିନ ରୁନା ବଡରଇତଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଅଭିଯୋଗ ପରେ କମିଶନ ଏହି ଘଟଣାର ତଦନ୍ତ କରିଥିଲେ ଯେ ୨୦୨୬ ମସିହା ଜୁଲାଇ ୭ ତାରିଖ ଠାରୁ ଜେଲରେ ବନ୍ଦୀ ଥିବା ରୁନା ବଡରଇତଙ୍କ ପେଟରେ ଯନ୍ତ୍ରଣା ଯୋଗୁଁ ୫ ସେପ୍ଟମ୍ବର ୨୦୨୬ରେ ମୃତ୍ୟୁ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ରୁନା ବାରମ୍ବାର ଅସୁସ୍ଥତା ଅଭିଯୋଗ କରିଥିଲେ କିନ୍ତୁ କେବଳ ଜେଲ ଫାର୍ମାସିଷ୍ଟଙ୍କ ଦ୍ୱାରା ତାଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ସମୟ ମଧ୍ୟରେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ନଥିଲା। ଏନଏଚଆରସି ଏହା ମଧ୍ୟ ଉଲ୍ଲେଖ କରିଛି ଯେ ପାରଳାଖେମୁଣ୍ଡି ଉପକାରାଗାରର ଅଧୀକ୍ଷକଙ୍କ ଠାରୁ ମୃତ୍ୟୁ ବିଷୟରେ ସୂଚନା ପାଇଥିଲା। ଅଭିଯୋଗ ଏବଂ ସୂଚନା ସେପ୍ଟେମ୍ବର ୨୫ ତାରିଖରେ କମିଶନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ସେମାନଙ୍କ ବିଚାର ପରେ, କମିଶନ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଏସପି ଏବଂ ଜେଲ୍ ଅଧୀକ୍ଷକଙ୍କୁ ତିନି ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିସନ ଏନଏଚଆରସି ଦ୍ୱାରା ନିର୍ଦ୍ଧାରିତ ଫର୍ମାଟରେ ମୃତକଙ୍କ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ରେକର୍ଡ ବ୍ୟତୀତ ମୃତ୍ୟୁର ସମସ୍ତ ଦିଗକୁ ନେଇ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାଯାଇଛି ।

ନିର୍ମାଣ ହେବ ପତିତପାବନ ଭକ୍ତ ନିବାସ

ପୁରୀ,୩।୧୦(ସମିସ): ତୀର୍ଥଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଦ୍ରି, ନୀଳାଚଳ, ଶ୍ରୀଗୁଣ୍ଡିଚା ଏବଂ ପୁରୁଷୋତ୍ତମ ଭକ୍ତ ନିବାସ ପରେ ପୁରୀରେ ନିର୍ମାଣ ହେବାକୁ ଯାଉଛି ଆଉ ଏକ ନୂତନ ଭକ୍ତ ନିବାସ। ଏ ନେଇ ଗତମାସ ୨୬ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବିଶେଷ ଆଲୋଚନା କରାଯିବା ସହ ପ୍ରସ୍ତାବ ଦିଆଯାଇଛି। ଇତିମଧ୍ୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସର ପଶ୍ଚାତ୍ ଭାଗ ଜମିର ଉନ୍ନତୀକରଣ କରାଯାଇଛି ଏବଂ ଉକ୍ତ ଜମିରେ ପୂର୍ବରୁ ପ୍ରସ୍ତାବିତ ନୂତନ ଭକ୍ତ ନିବାସ ନିର୍ମାଣ କରାଯିବ। ଏଥିପାଇଁ ଅବଢ଼ା ଯୋଜନାରୁ ପାଣ୍ଠି ଯୋଗାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ପତ୍ର ପଠାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ତଳ ମହଲାରେ ସେବକମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ (କଲ୍ୟାଣ ମଣ୍ଡପ) ଏବଂ ଏକ ଉତ୍କୃଷ୍ଟମାନର ଡିସ୍‌ପେନ୍‌ସେରୀ କରିବା ପାଇଁ ପ୍ରସ୍ତାବ ରହିଛି।

ତୀର୍ଥଯାତ୍ରୀଙ୍କ ସହ ସେବକଙ୍କ ପାଇଁ ରହିବ ଅତ୍ୟାଧୁନିକ ସୁବିଧା

ସୂଚନାଯୋଗ୍ୟ, ଗତ ବର୍ଷ ପୂର୍ତ୍ତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନୀଳାଦ୍ରି ଭକ୍ତ ନିବାସ ପଛ ଭାଗରେ ଶ୍ରୀମାର୍ଗ ନିକଟରେ ଥିବା ଶ୍ରୀମନ୍ଦିର ପ୍ରଶାସନ ଜମିରେ ଏହି ଭକ୍ତ ନିବାସ ନିର୍ମାଣ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓବିସିସି ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରିବ। ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କ ସମେତ କମିଟି ସଦସ୍ୟମାନେ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଓବିସିସି ସହ ଆଲୋଚନା କରିଥିଲେ। ନୂତନ ଭାବେ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସର ନାମ "ପତିତପାବନ ଭକ୍ତ ନିବାସ' ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ସମ୍ବନ୍ଧରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଡିପିଆର୍ ପ୍ରସ୍ତୁତି ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଲିଖିତ ପତ୍ର ଜରିଆରେ ଜଣାଇଛନ୍ତି। ଏହି ପ୍ରସ୍ତାବିତ ଅତ୍ୟାଧୁନିକ ଭକ୍ତନିବାସ ପ୍ରକଳ୍ପ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀ ଶ୍ରଦ୍ଧାଳୁ ଏବଂ ସେବକ ଗୋଷ୍ଠୀଙ୍କ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

ଡ୍ରୋନ୍‌ରେ ହେବ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ତଦାରଖ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା (ପିଏମ୍‌କେଏସ୍‌ୱାଇ)-ଏଆଇବିପି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ଏଣିକି ଡ୍ରୋନ୍ ମାଧ୍ୟମରେ କରାଯିବ। ଏଥିପାଇଁ ନିୟମିତ ଡ୍ରୋନ୍ ସର୍ଭେ ଓ ତଦାରଖ ବ୍ୟବସ୍ଥା ଆପଣାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକର ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସହ ଡ୍ରୋନ୍ ସର୍ଭେ ରିପୋର୍ଟ ସଂଗ୍ରହ କରି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ପଠାଇବାକୁ କୁହାଯାଇଛି।

ଏନେଇ ଜଳସମ୍ପଦ ବିଭାଗର ଅନୁସଚିବ ଆରତୀ ମଲ୍ଲିକ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟଅଧୀନସ୍ଥ ଜଳସମ୍ପଦ ଓ ନଦୀ ବିକାଶ ବିଭାଗର ଅତିରିକ୍ତ ସଚିବଙ୍କ ଜୁନ୍ ୪ ତାରିଖର ଚିଠି ଏବଂ ଏହି ବିଭାଗର ପୂର୍ବ ନିର୍ଦ୍ଦେଶକୁ ଉଲ୍ଲେଖ କରାଯାଇଛି। ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନକୁ ଅଧିକ ପ୍ରଭାବଶାଳୀ, ସଠିକ୍ ଓ ସମୟୋପଯୋଗୀ କରିବା ପାଇଁ ନିୟମିତ ଡ୍ରୋନ୍ ମନିଟରିଂର ଆବଶ୍ୟକତା ରହିଥିବା କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଡ୍ରୋନ୍ ସର୍ଭେ ଦ୍ୱାରା ପ୍ରକଳ୍ପ ନିର୍ମାଣର ଭୌଗୋଳିକ ଅବସ୍ଥିତି ସହ ଭିଜୁଆଲ୍ ତଥ୍ୟ ସଂଗ୍ରହ କରାଯାଇପାରିବ। ଏଥିସହ ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ତଦାରଖ, ଦର୍ଶାଯାଇଥିବା କାର୍ଯ୍ୟର ସତ୍ୟତା ଯାଞ୍ଚ, କାର୍ଯ୍ୟାନ୍ୱୟନରେ ରହିଥିବା ବାଧା ଚିହ୍ନଟ ଏବଂ ନିର୍ମିତ କାର୍ଯ୍ୟର ଗୁଣବତ୍ତା ଆକଳନ ସମ୍ଭବ ହୋଇପାରିବ।

ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ମନିଟରିଂ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ ନିର୍ଦ୍ଦେଶ

ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ନିଜ ଅଧୀନରେ ଥିବା ସମସ୍ତ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକୁ ଡ୍ରୋନ୍ ମନିଟରିଂରେ ସାମିଲ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଡ୍ରୋନ୍ ସର୍ଭେ ରିପୋର୍ଟ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ କରିବାକୁ କୁହାଯାଇଛି। ଡ୍ରୋନ୍ ଆଧାରିତ ତଦାରଖ ଦ୍ୱାରା ପ୍ରକଳ୍ପର ବାସ୍ତବ ଅଗ୍ରଗତି ଓ ନିର୍ମାଣର ଗୁଣବତ୍ତା ସମ୍ପର୍କରେ ଅଧିକ ସଠିକ୍ ତଥ୍ୟ ମିଳିବା ସହ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଆସିବା ଆଶା କରାଯାଉଛି।

ମହିଳାଙ୍କ ଅପମାନଜନକ ଭିଡିଓ ପ୍ରଚାର, ସ୍ୱାମୀ ଗିରଫ

ପୁରୀ,୩।୧୦(ସମିସ): ସୋସିଆଲ ମିଡିଆରେ ସ୍ତ୍ରୀର ଫଟୋ ଓ ଭିଡିଓ ଅପଲୋଡ୍ କରିବା, ମୋବାଇଲ ନମ୍ବର ପ୍ରଚାର କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ କାକଟପୁର ଥାନା ପୁଲିସ ସ୍ୱାମୀ ମନୋଜ ସିଂହଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ପତ୍ନୀ ଗତ ଜୁନ୍ ୮ ରେ ଥାନାରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀ ପ୍ରାୟ ୮ ବର୍ଷ ହେବ ଅଲଗା ରହୁଥିବାବେଳେ ସେ ଶାଶୁ-ଶଶୁରଙ୍କ ସହ ଦୁଇ ପିଲାଙ୍କୁ ନେଇ ରହୁଛନ୍ତି। ଗତ ପ୍ରାୟ ଦୁଇମାସ ଧରି ମନୋଜ ସୋସିଆଲ ମିଡିଆରେ ତାଙ୍କର ଏଡିଟିଂ ଫଟୋ ଓ ଭିଡିଓ ପ୍ରଚାର କରିବା ସହ ହତ୍ୟା ଧମକ ଦେଉଥିଲେ। ଏଥିସହ ତାଙ୍କ ମୋବାଇଲ୍ ନମ୍ବରକୁ ସୋସିଆଲ ମିଡିଆରେ ପ୍ରଚାର କରି ଅପମାନଜନକ ଭାବେ ଚିତ୍ରଣ କରୁଥିଲେ। ଏ ନେଇ କ୍ରାଇମ୍ ଆଣ୍ଡ କରପ୍ସନ୍ ଏବଂ ଏନ୍‌ଫୋର୍ସମେଣ୍ଟ ଥାନାରେ କେସ୍ (ନଂ.୨୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଗୀତାଞ୍ଜଳି ନାୟକ ଘଟଣାର ତଦନ୍ତ କରୁଥିଲେ। ଏହି ମାମଲାରେ ମନୋଜଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଦିନ ଦ୍ୱିପହରରେ ଲୁଟିଲେ ଲକ୍ଷାଧିକ ଟଙ୍କା

ଆନନ୍ଦପୁର,୩।୧୦(ସମିସ): ଘଷିପୁରା ଥାନା ଭଣ୍ଡାରୀଡିହା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ଘରୁ ଦିନ ଦ୍ୱିପହରରେ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଶ୍ରୀ ନାୟକ ଦିନ ୧୧ଟା ସମୟରେ ନିଜ ଧର୍ମପତ୍ନୀ କଳିକା ଦାସଙ୍କ ସହ ବସନ୍ତପୁରା ବଳଦେବଜୀଉ ନୋଡାଲ ଉପ୍ରା ବିଦ୍ୟାଳୟକୁ ଯାଇଥିବା ବେଳେ ଏହି ଲୁଟ୍ ହୋଇଛି। ଗଡରେଜ ଭାଙ୍ଗି ୫ ଭରି ସୁନା ଓ ଦୁଇଟି ସୁନା ଚେନ ସହ ନଗଦ ଟଙ୍କା ଲୁଟ୍ ହୋଇଛି। ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଘଷିପୁରା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚୋରିକୁ ନେଇ ଲୋକମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି।

ହଜିଗଲା ମାନବିକତା

ଚୋରି ସନ୍ଦେହରେ ଦୁଇ ନାବାଳକଙ୍କୁ ବିଚ୍ ରାସ୍ତାରେ ନିର୍ଧୁମ ମାଡ଼

ଉଦଳା, ୩।୧୦(ସମିସ): ଉଦଳା ଥାନା ଅଧୀନ ଶାଳମୁଣ୍ଡଳୀ ଗ୍ରାମରେ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚୋରି ସନ୍ଦେହରେ ଦୁଇଜଣ ୧୧ ବର୍ଷର ନାବାଳକଙ୍କୁ ବିଚ୍ ରାସ୍ତାରେ ଅଟକାଇ ଜଣେ ବ୍ୟକ୍ତି ତଣ୍ଟିଆ ଓ ଚାପୁଡ଼ା ମାରି ନିର୍ଧୁମ ପିଟିଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଏ ନେଇ ଉଦଳା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶାଳମୁଣ୍ଡଳୀ ଗ୍ରାମର

ଭିଡିଓ ଭାଇରାଲ, ଥାନାରେ ଅଭିଯୋଗ

ଦୁଇ ନାବାଳକ ସ୍କୁଲ ପଛପାଖରେ ପଡ଼ିଥିବା ଏକ ଅଦରକାରୀ ଖରାପ ଚାର୍ଜିଂ ବ୍ୟାଟେରିକୁ ଖେଳିବା ପାଇଁ ଉଠାଇ ଆଣିଥିଲେ। ତେବେ ସେହି ଗ୍ରାମର ରାମଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ଜଳଖିଆ ଦୋକାନରୁ ଏହି ବ୍ୟାଟେରୀ ଚୋରି ହୋଇଥିବା ଦର୍ଶାଇଥିଲେ। ପରିବାର ଲୋକଙ୍କୁ ଜଣାଇବା ପରିବର୍ତ୍ତେ ସେ ରାସ୍ତା ମଝିରେ ଉଭୟ ନାବାଳକଙ୍କୁ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ପିଲା ଦ୍ୱୟଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିବା ସହ ତଣ୍ଟିଆ ଦେଇ ନିର୍ଘାତ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ପିଲାମାନେ ଘରେ ଜଣାଇବା ପରେ ପରିବାର ଲୋକେ ଏ ନେଇ ଉଦଳା

ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ସମ୍ପର୍କରେ ଅଭିଯୁକ୍ତ ରାମଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରି ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଗଣମାଧ୍ୟମ ସାମ୍ନାକୁ ଆସି ନ ଥିଲେ। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ଶନିବାର 'ଓଡ଼ିଶା

■ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ 'ଇନଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ୱେବ୍ ଆପ୍ଲିକେଶନ୍'ର ଶୁଭାରମ୍ଭ
■ ଓଡ଼ିଶାକୁ ପର୍ଯ୍ୟଟକଙ୍କ ସ୍ୱର୍ଗ ଭାବେ ଗଢିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଳ ଦେବ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା'କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡିଶା ଟୁରିଜିମ୍ ଇନ୍‌ଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି।

ନଭେମ୍ବର ସୁଦ୍ଧା ପୂରଣ ହେବ ୧୪୩୫ ଅଧ୍ୟାପକ ପଦ

ଭୁବନେଶ୍ୱର,୩।୧୦(ସମିସ): ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ପୂରଣ ହେବ। ୧୪୩୫ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ପ୍ରଫେସର ପଦରେ ନିଯୁକ୍ତି ଦିଆଯିବ। ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଆଜି ଲୋକ ଭବନରେ ହୋଇଥିବା ବୈଠକରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏନେଇ ସମସ୍ତ କୁଳପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ ଆହୁରି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ଏକ ପ୍ରମୁଖ ଆହ୍ୱାନ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ। ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ। ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ପରାମର୍ଶ ଦେଇଛନ୍ତି। ଫଳରେ କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ଦିଆଯାଇଥିବା ଅନୁଭବ କରିବେ ନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବା ଏବଂ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ପ୍ରାଥମିକତା ଦେଇଥିଲେ। ବିଭାଗୀୟ ସଚିବଙ୍କ ସମେତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ସମସ୍ତ କୁଳପତିଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ

୪.୧୦.୨୦୨୬: ୩୨ତମ ପୁଣ୍ୟତିଥି ଉପଲକ୍ଷେ

ପ୍ରଣମ୍ୟ ଧନେଶ୍ୱର ରଥ

ଦୁନିଆରେ କିଛି ବ୍ୟକ୍ତି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟସ୍ତ ଥିଲାବେଳେ, କିଛି ବ୍ୟକ୍ତି ନିଜ ସ୍ୱାର୍ଥକୁ ପଛରେ ପକାଇ ସମାଜକୁ ଗଢି ତୋଳିବାରେ ସମର୍ପିତ ହୁଅନ୍ତି। ସ୍ୱର୍ଗତ ଧନେଶ୍ୱର ରଥ ଥିଲେ ଏହିଭଳି ଜଣେ ସଫଳ ମଣିଷ। ୧୯୧୬ ମସିହା କଟକ ଜିଲ୍ଲା ଟାଙ୍ଗୀ (କଏରାପାରୀ) ଗ୍ରାମରେ ବହୁକୁଟୁମ୍ବୀ ପରିବାରରେ ସେ ଜନ୍ମ ହୋଇଥିଲେ ମଧ୍ୟ ନିଜର ବାଲ୍ୟ ଶିକ୍ଷା ପାଇଁ ମାମୁ ଘର ମଉଦା ଗ୍ରାମରେ ରହି ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ। ସେତେବେଳେ ମାଧ୍ୟମିକ ଶିକ୍ଷା ପାଇଁ ଟାଙ୍ଗୀ ଅଞ୍ଚଳରେ କୌଣସି ସ୍କୁଲ ନଥିଲା। ଆର୍ଥିକ ଅନଟନକୁ ପଛରେ ପକାଇ କଟକର ମିଶନ ସ୍କୁଲରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରି ୧୯୩୬ ମସିହାରେ ପାଟନା ୟୁନିଭରସିଟିରୁ ଶିକ୍ଷାର ସଫଳ ପ୍ରମାଣପତ୍ର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ଟାଇପିଷ୍ଟ ଭାବେ ସରକାରୀ ସ୍ତରରେ ରେଭିନ୍ୟୁ ବୋର୍ଡରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଚାକିରି ଜୀବନରେ ନିଜର ସଫଳ କର୍ମ କୁଶଳତାରେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ସେ ଆସ୍ଥାଭାଜନ ହୋଇପାରିଥିଲେ। କଡେଇ ଗ୍ରାମର ସ୍ୱର୍ଗତ କସ୍ତୁରୀ ଦାଶଙ୍କର ଏକମାତ୍ର କନ୍ୟା ଇଚ୍ଛାବତୀ ଦେବୀଙ୍କୁ ବିବାହ କରି ତାଙ୍କର ସାଂସାରିକ ଜୀବନ ଆରମ୍ଭ ହୋଇଥିଲା। ଚାକିରି ସହ ଚାଷକୁ ମଧ୍ୟ ସେ ନିଜର ବେଉସା ଭାବେ ଗ୍ରହଣ କରିଥିଲେ। ନିଜ ପରିବାରକୁ ଗଢିବା ସହ ନିଜ ଅଞ୍ଚଳର ଉନ୍ନତି ପାଇଁ ସେ କାର୍ପଣ୍ୟତା ପ୍ରକାଶ କରି ନଥିଲେ। ଆଜନ୍ମରୁ କର୍ମ ହିଁ ଥିଲା ତାଙ୍କର ଗୁରୁ। ଭଲ କାମର ଫଳ ସେହି ଜୀବନରେ ନ ମିଳିଲେ ମଧ୍ୟ ତାହା ପର ଜନ୍ମରେ ପ୍ରତିଫଳିତ ହୋଇଥାଏ; ଯାହା ଆଜି ପ୍ରମାଣିତ ହୋଇଛି ସ୍ୱର୍ଗୀୟ ପୂଜ୍ୟ ଧନେଶ୍ୱର ରଥଙ୍କର ଜୀବନରେ। ୧୯୯୪ ଆଜିର ଦିନରେ ସେହି ପୁଣ୍ୟାତ୍ମାଙ୍କ ଦେହାବସାନ ହେଲା। ତାଙ୍କ ଅଧୁରା ସ୍ୱପ୍ନର କୋଣାର୍କ ଆଜି ଉଭା ହୋଇଛି ଡ୍ରିମସ୍ ବିଶ୍ୱବିଦ୍ୟାଳୟ ରୂପରେ। ତାଙ୍କର ପଞ୍ଚମ ସନ୍ତାନ ପ୍ରମୋଦ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା କୋଣାର୍କ ଆଜି ରାଜ୍ୟ ତଥା ବାହାର ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଢିବାର କେନ୍ଦ୍ର ହୋଇପାରିଛି। ଏହା କେବଳ ସମ୍ଭବ ହୋଇପାରିଛି ପୂଜ୍ୟ ଧନେଶ୍ୱର ରଥଙ୍କର ସୁକର୍ମ ଓ ତାଙ୍କର ପରିବାର ସଦସ୍ୟମାନଙ୍କର ପିତୃପୁରୁଷ ତଥା ଈଶ୍ୱରଙ୍କ ପ୍ରତି ଅତୁଟ ଭକ୍ତି ପାଇଁ। ଆଜି ତାଙ୍କର ବତିଶତମ ପୁଣ୍ୟତିଥି। ସେହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ 'ପୂଜ୍ୟପୂଜା ସମାରୋହ'ରେ ଜଗଦ୍‌ଗୁରୁ ପ୍ରସିଦ୍ଧ କାଶୀ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ମହାଭାଗଙ୍କ 'ଡ୍ରିମସ୍' ମାଟିରେ ପଦାର୍ପଣ ଆମ ସମସ୍ତଙ୍କୁ ଧନ୍ୟ କରିଛି। ତତ୍‌ସହିତ ପୂଜ୍ୟ ଧନେଶ୍ୱର ରଥଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଜଣେ ବିଶ୍ୱବନ୍ଦ୍ୟ ମହାତ୍ମାଙ୍କ କରକମଳରେ ହେଉଥିବାରୁ ଆମେ ସମସ୍ତେ ଭକ୍ତିପୂତ ପ୍ରଣାମ ଜଣାଇବା ସହିତ ନିଜକୁ ଗର୍ବିତ ମନେ କରୁଛୁ। ପୂଜ୍ୟପୂଜାର ଜୟ ହେଉ.... ■

ବଳରାମ କର
ପ୍ରଶାସନିକ ନିର୍ଦ୍ଦେଶକ,
ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

‘ଶ୍ରୀଅଙ୍ଗ ଖଣ୍ଡୁଆ’ରେ ନୂଆ ସଂଗୀତକାର ଯୋଡ଼ି

‘ଶ୍ରୀଅଙ୍ଗ ଖଣ୍ଡୁଆ’ରେ ସଂଗୀତକାର ଭାବେ ଆସୁଛନ୍ତି ପୁରୀର ଦୁଇ ନୂଆ ମୁହଁ କଣ୍ଠଶିଳ୍ପୀ ଶିବପ୍ରସାଦ ରଥ ଓ ତବଲା ବାଦକ ପ୍ରୀତମ୍ କୁମାର ମିଶ୍ର। ପୂର୍ବରୁ ଓଡ଼ିଆ କଥାଚିତ୍ର ‘ଭାଇଭାଇ’ରେ ସଂଗୀତକାର ଯୋଡ଼ି ଭୁବନେଶ୍ୱର ମିଶ୍ର ଓ ବାଳକୃଷ୍ଣ ଦାସ (ଭୁବନ- କିଶନ), ‘ଗପ ହେଲେ ବି ସତ’ରେ ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାଶିଆ (ଭୁବନ- ହରି) ଓ ‘ଅଭିମାନ’ରେ ରାଧାକୃଷ୍ଣ ଭଞ୍ଜ ଓ ସରୋଜ ପଟ୍ଟନାୟକ (ସରୋଜ-ରାଧା) ବେଶ୍ ସଫଳତା ପାଇଥିଲେ। ‘ଶ୍ରୀଅଙ୍ଗ ଖଣ୍ଡୁଆ’ ପରି ଆଧ୍ୟାତ୍ମିକ ଲୋକକଥା ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ‘ମୋ ଭାଇ ଜଗନ୍ନାଥ’ରେ ମଧ୍ୟ ପୁରୀର ସଂଗୀତ ନିର୍ଦ୍ଦେଶକ ବିପିନ୍ କୁମାର ଓ ପ୍ରୀତମ୍ କୁମାର ଯୋଡ଼ି ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଜୟଦେବ - ପଦ୍ମାବତୀ, ଗୀତଗୋବିନ୍ଦ ସହ ଖଣ୍ଡୁଆ ବୁଣାକାର ଜୀବନକୁ ନେଇ ନିର୍ମିତ ଚଳଚ୍ଚିତ୍ର ‘ଶ୍ରୀଅଙ୍ଗ ଖଣ୍ଡୁଆ’ର ପ୍ରଯୋଜକ ଭାବରେ ଡକ୍ଟର କେ.ତମନ୍ନା ରହିଥିବା ବେଳେ ଏହାର ଲେଖକ ଓ ନିର୍ଦ୍ଦେଶକ ରହିଛନ୍ତି ପୁରୀ ମାଟିର ପୁଅ ତଥା ପ୍ରାର୍ଥନା ଫେମ୍ ଶ୍ୟାମାପ୍ରସାଦ ମିଶ୍ର। ଏହି ଚଳଚ୍ଚିତ୍ରର ଗୀତ ରେକର୍ଡିଂ ଶେଷ ହୋଇଛି। ଓଡ଼ିଶାର ବରିଷ୍ଠ ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ରଚନାରେ ପୁରୀର କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର, ବିଶିଷ୍ଟ ଗାୟକ ରୂପକ କୁମାର ପରିଡ଼ା ଏବଂ ପଣ୍ଡିତ ଶିବ ରଥଙ୍କ କଣ୍ଠରେ ଶ୍ରୋତାମାନେ ଭିନ୍ନ ସ୍ୱାଦର ଗୀତ ଶୁଣିବାକୁ ପାଇବେ। ସଂଗୀତକାର ଭାବେ ପରିଚୟ ନେଇ ଆସୁଥିବା ଇଂଜିନିୟର ପ୍ରୀତମ୍ ମିଶ୍ର ହେଉଛନ୍ତି ଚଳଚ୍ଚିତ୍ର କାହାଣୀ ଲେଖକ ଡକ୍ଟର ବଦ୍ରି ମିଶ୍ରଙ୍କ ସୁପୁତ୍ର। ■

ଏଲିନାଙ୍କ ନୂଆ ଲୁକ୍

ଖୁବ୍‌ଶୀଘ୍ର ନୂଆ ଲୁକ୍‌ରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଏଲିନା। ସାଇ ଲୁମ୍ବିନୀ ପ୍ରଡକ୍ସନରେ ନିର୍ମିତ ତଥା ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅମ୍ଲାନଙ୍କ ସହ ଏଲିନାଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଏଥିରେ ଏଲିନା ‘ଲିଲି’ ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ନୂଆ ଲୁକ୍‌ର ପୋଷ୍ଟର ସାମ୍ନାକୁ ଆସିଛି। ଏଲିନାଙ୍କ ଆଖିରେ ଭୟ, ଚିନ୍ତା ଦେଖିବାକୁ ମିଳିଛି। ତେବେ ସିନେମାର ପ୍ରଯୋଜନାରେ ଶୁଭ୍ର କୁମାର ନଜର ଆସିବେ। ଅମ୍ଲାନ ଓ ଏଲିନାଙ୍କ ବ୍ୟତୀତ ସିନେମାରେ ଜ୍ୟୋତି, ଅନିଶାଙ୍କୁ ବି ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାର ପ୍ରଥମ ଝଲକ ବି ସାମ୍ନାକୁ ଆସିଛି। ଯେଉଁଥିରେ ଅମ୍ଲାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଏକ ରୂପରେ ଦେଖିବାକୁ ମିଳିଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ■

ଦଶହରାରେ ‘ଆଗ୍ରେ ୱେଡ୍ସ ମିନଲ୍’

ଏଥର ଦଶହରାରେ ଆସିବ ନୂଆ ଓଡ଼ିଆ ସିନେମା ‘ଆଗ୍ରେ ୱେଡ୍ସ ମିନଲ’। ସିନେମାର ମୁଖ୍ୟ ଚରିତ୍ରରେ ମନୋଜ ମିଶ୍ର ଅଭିନୟ କରିଛନ୍ତି। ତାଙ୍କୁ ଦିବ୍ୟାଙ୍ଗ ଚରିତ୍ରରେ ଦେଖିବାକୁ ମିଳିବ। ମନୋଜ ମିଶ୍ର ଫିଲ୍ମସ୍ ନିବେଦିତ ଏହି ସିନେମାର ନିର୍ଦ୍ଦେଶନା ଋଷଭ ଅଗ୍ରୱାଲ ଦେଇଛନ୍ତି। ପ୍ରଯୋଜନାରେ ମନୋଜ ମିଶ୍ର ଫିଲ୍ମସ୍, ମମତା ନନ୍ଦ, ଜଗନ ମହାନ୍ତ, ଫୋରମ ଋଷଭ ଅଗ୍ରୱାଲ, ପ୍ରଶାନ୍ତ ବେହେରା ଅଛନ୍ତି।

ଏକ ସତ୍ୟ ପ୍ରେମ କାହାଣୀ ଉପରେ ଆଧାରିତ ଏହି ସିନେମାର ପ୍ରଥମ ଲୁକ୍ ସାମ୍ନାକୁ ଆସିଥିବା ବେଳେ ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ସିନେମାରେ ଭିନ୍ନକ୍ଷମତା ଓ ଏକ ଭାବପୂର୍ଣ୍ଣ ଯାତ୍ରାକୁ ସୁନ୍ଦର ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଛି। ତେବେ ମନୋଜ ମିଶ୍ରଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ ଓ ପ୍ରଶଂସା କରିଛନ୍ତି। ସେହିପରି ସିନେମାରେ ଅର୍ଲିନ ଅଙ୍କିତା, ଉଷସୀ ମିଶ୍ର, ଯୋଗେଶ ଜୋଜୋ, ଆକାଶ, ବବିତା ପ୍ରମୁଖ ନଜର ଆସିବେ। ■

ଯଶ୍‌ଙ୍କ ଫ୍ୟାମିଲି ଟାଇମ୍

ସୁପରଷ୍ଟାର୍ ଯଶ୍‌ଙ୍କ ଅଭିନୀତ ‘ଟକ୍ସିକ୍’ ବକ୍ସ ଅଫିସ୍‌ରେ ସେତେଟା ସଫଳତା ସାଉଁଟିପାରି ନାହିଁ। ଫିଲ୍ମରୁ ଯେଭଳି ଆୟ ହେବ ବୋଲି ଆଶା କରାଯାଉଥିଲା, ସେମିତି ହୋଇପାରିଲା ନାହିଁ। ତେବେ ଏବେ ଯଶ୍ ନିଜ କାମରୁ ବ୍ରେକ୍ ନେଇଛନ୍ତି। ଏବେ ସେ ନିଜ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି। ତାଙ୍କ ପତ୍ନୀ ରାଧିକା ପଣ୍ଡିତ ଛୁଟିଦିନର କିଛି ଫଟୋ ସେୟାର୍ କରିଛନ୍ତି। ଏହି ଫଟୋରେ ପୂରା ପରିବାର ସମୁଦ୍ରକୂଳରେ ସମୟ ଅତିବାହିତ କରୁଥିବା ଦେଖାଯାଇଛି। ତେବେ ରାଧିକା ଇନଷ୍ଟାଗ୍ରାମ୍‌ରେ ଏହି ଟ୍ରିପ୍‌ର ଫଟୋ ସେୟାର୍ କରିଛନ୍ତି। ସେହିପରି ଗୋଟିଏ ଫଟୋରେ ସେ, ଯଶ୍, ପୁଅ ଝିଅ ସାଇକଲିଂ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କେଉଁ ସ୍ଥାନରେ ସେ ସମୟ ଅତିବାହିତ କରୁଛନ୍ତି, ରାଧିକା ସେ ସମ୍ପର୍କରେ କିଛି କହି ନାହାନ୍ତି। ଏହାବାଦ୍ ଯଶ୍ ଏବେ ପରିବାର ସହିତ ସମୟ ଅତିବାହିତ କରୁଥିବାରୁ ତାଙ୍କୁ ସର୍ବସାଧାରଣରେ କମ୍ ଦେଖିବାକୁ ମିଳୁଛି। ■

ଆଳାପ

‘ଦର୍ଶକଙ୍କ ଗାଳି ମୋ ପାଇଁ ଆଶୀର୍ବାଦ’

ଇପ୍‌ସିତା ଦାସ, ଅଭିନେତ୍ରୀ

ନାୟିକା ହୁଅନ୍ତୁ କି ଖଳନାୟିକା ଉଭୟ ହିଁ କାହାଣୀର ମୁଖ୍ୟ ଚରିତ୍ର। ତେଣୁ ସୁନ୍ଦର ଚେହେରା ଥାଇ ବି ସେ ପାଲଟିଗଲେ ଖଳନାୟିକା। ମଣିଷ ଭିତରର ଖଳ ପ୍ରକୃତିକୁ ପରିପ୍ରକାଶ କରିବାକୁ ସେ ଚମତ୍କାର ଅଭିନୟ କରୁଛନ୍ତି। ଭୁବନେଶ୍ୱର ନିବାସୀ ଇପ୍‌ସିତା ଦାସ ମଡେଲିଂ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ଧାରାବାହିକ ଓ ବଡ଼ ପରଦାରେ ଜଲୱା ଦେଖାଉଛନ୍ତି। ସେ ବିଭିନ୍ନ ରିଆଲିଟି ଶୋ’ରେ ଭାଗ ନେଇ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଛନ୍ତି। ‘ମେକାନିକ ଦିଦି’ ତାଙ୍କର ପ୍ରଥମ ଧାରାବାହିକ। ଏକାଧିକ ଧାରାବାହିକରେ ସେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଛନ୍ତି। ଏବେ ‘ସାତ ଭାଇଙ୍କ ମଙ୍ଗଳା’ ୱେବ୍ ସିରିଜ୍‌ରେ ସେ ଅଭିନୟ କରୁଛନ୍ତି। ତେବେ ଲାଇଭ୍ ଷ୍ଟେଜରୁ କ୍ୟାମେରାକୁ ସାମ୍ନା କରି ଇପ୍‌ସିତାଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ସେନେଇ ଜାଣିବା ତାଙ୍କରି ମୁହଁରୁ।

ମଡେଲିଂରୁ ଅଭିନୟ। ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ?

● ମଡେଲିଂ କରୁଥିଲି। ବିଭିନ୍ନ ମଡେଲିଂ ଶୋ’ରେ ଭାଗ ନେଇ ମୁଁ ବିଜେତା ହୋଇଛି। ଅନେକ ରିଆଲିଟି ଶୋ’ରେ ଭାଗ ନେଇଛି। ଏହା ଜରିଆରେ ମୋତେ ମୁଖ୍ୟ ଅଭିନେତ୍ରୀ ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ହେଲେ ପାଠପଢ଼ା ପାଇଁ ଅଭିନୟଠାରୁ ଦୂରେଇ ରହିଥିଲି। ପରେ ‘ମେକାନିକ ଦିଦି’ରେ ପ୍ରଥମ ଥର ପାଇଁ ମୋତେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ମୁଖ୍ୟ ଖଳନାୟିକା ‘ରିୟା’ ଚରିତ୍ରରେ ଅଭିନୟ କରିଥିଲି।

କ୍ୟାରିୟର ଆରମ୍ଭରୁ ନେଗେଟିଭ୍ ଚରିତ୍ର କେମିତି ଏହାକୁ ଗ୍ରହଣ କରିଥିଲେ?

● ବାସ୍ତବ ଜୀବନରେ ମୁଁ ବହୁତ ଶାନ୍ତ ଆଉ ଚୁପ୍‌ଚାପ୍। ଧୀର ସ୍ୱଭାବ ଯୋଗୁଁ ମୋତେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିବାକୁ ଆରମ୍ଭରୁ ଟିକେ କଷ୍ଟ କରିବାକୁ ପଡ଼ିଥିଲା। ହେଲେ ମୋ ଟିମ୍ ବହୁତ ସହଯୋଗ କରିଥିଲେ। ଯାହାଫଳରେ ସମୟକ୍ରମେ ମୁଁ ଭଲ ଅଭିନୟ କରିପାରିଥିଲି।

ଅଭିନୟ, ମଡେଲିଂକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ?

● ଗୀତ ଗାଇବାକୁ ଭଲ ଲାଗେ। ମୁଁ ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ସାରିଛି।

କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟ କରାଇଛି?

● ‘ମେକାନିକ ଦିଦି’ ପରେ ପରେ ‘ଶକ୍ତି’, ‘ସୁନାଝିଅ’, ‘ରାଜଯୋଗ’, ‘ଓଢ଼ଣୀ’ ଆଦି ଧାରାବାହିକରେ ମଧ୍ୟ ମୁଁ ମୁଖ୍ୟ ଖଳନାୟିକା ଭୂମିକାରେ ଅଭିନୟ କରିଛି। ଏବେ ‘ସାତ ଭାଇଙ୍କ ମଙ୍ଗଳା’ ୱେବ୍ ସିରିଜ୍‌ରେ ମୁଖ୍ୟ ଖଳନାୟିକା ଚରିତ୍ରରେ କାମ କରୁଛି। ତେବେ ‘ଓଢ଼ଣୀ’ର ମାନସୀ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି।

ଦର୍ଶକଙ୍କ ଗାଳିକୁ କେମିତି ଗ୍ରହଣ କରନ୍ତି?

● ମଜାଦାର କଥା ହେଉଛି, ରାସ୍ତାରେ ମୁଁ ଯିବାବେଳେ ଲୋକମାନେ ମୋତେ ଗାଳି ଦିଅନ୍ତି। ପ୍ରଥମେ ପ୍ରଥମେ ସେମାନଙ୍କ ଗାଳିକୁ ମୁଁ ଗ୍ରହଣ କରିପାରୁ ନଥିଲି। ହେଲେ ଏବେ ଭାବୁଛି ଦର୍ଶକଙ୍କ ଗାଳି ହିଁ ମୋ ପାଇଁ ଆଶୀର୍ବାଦ। ସେମାନଙ୍କ ପାଇଁ ହିଁ ଆଗକୁ ବଢ଼ି ପାରିଛି।

ବଡ଼ ପରଦାରେ ବି ଜଲୱା ଦେଖାଇଛନ୍ତି ଏନେଇ କ’ଣ କହିବେ?

● ‘ଡିଅର ପୁରୁଷ’ ସିନେମାରେ ମୋତେ ମୁଖ୍ୟ ଖଳନାୟିକା ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏହା ସହିତ ଏକ ଟେଲି ଫିଲ୍ମରେ ବି କାମ କରିଛି।

ଡ୍ରିମ୍ ରୋଲ୍?

● ଦର୍ଶକଙ୍କ ହୃଦୟରେ ରହିବା ପରି ଚରିତ୍ରରେ ଅଭିନୟ କରିବାକୁ ବହୁତ ଇଚ୍ଛା ଅଛି।

ଇପ୍‌ସିତାଙ୍କ ସୁନ୍ଦରତାର ରହସ୍ୟ କ’ଣ?

● ସନ୍ତୁଳିତ ଖାଦ୍ୟ ଖାଏ, ପଖାଳରେ ମୁଁ ସନ୍ତୁଷ୍ଟ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଏ ନାହିଁ। ଓଜନ ନିୟନ୍ତ୍ରଣ ପାଇଁ ମୁଁ ଏକାଥରେ ନଖାଇ ଦିନରେ ବାରମ୍ବାର ଅଳ୍ପ ଅଳ୍ପ କରି ଖାଇଥାଏ। ପ୍ରତିଦିନ ବ୍ୟାୟାମ କରେ।

ଅଭିନୟ ପାଇଁ ମଡେଲିଂକୁ ଛାଡ଼ି ଦେବେ କି?

● ନା, ମଡେଲିଂ ହିଁ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ତେଣୁ ଅଭିନୟ ଓ ମଡେଲିଂ ଉଭୟକୁ ନେଇ ଆଗକୁ ଚାଲିବି।

ଅନେକ ପ୍ରତିଭାଶାଳୀ ଯୁବକଯୁବତୀ ଅଭିନୟ ଜଗତକୁ ଆସୁଛନ୍ତି, ସେମାନଙ୍କୁ କ’ଣ କହିବେ?

● କମ୍ ସମୟ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହି ଲାଇନ୍‌କୁ ନ ଆସି ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଯାହାଫଳରେ ଜଣେ ତା’ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ। ■

ପରଦା ପଛର କାହାଣୀ

ଦେଶୀ ଶବ୍ଦ ପାଇଁ ଗୀତ ପ୍ରତ୍ୟାଖ୍ୟାନ



୧୯୯୩ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ‘ହମ୍ ହୈ ରାହି ପ୍ୟାର୍ କେ’ର “ଘୁଙ୍ଘଟ କି ଆଡ୍ ସେ...” ଏକ ଏଭରଗ୍ରୀନ୍ ଗୀତ। ଏଥିରେ ବଲିଉଡ୍ ସୁପର୍ ଷ୍ଟାର୍ ଅମିର ଖାନ୍ ଓ ଅଭିନେତ୍ରୀ ଜୁହି ଚାୱଲା ଚମତ୍କାର ନୃତ୍ୟ କରିଥିଲେ। ତେବେ ନିର୍ମାତା ମୁକେଶ ଭଟ୍ଟ ଏହି ଗୀତରେ ବ୍ୟବହୃତ ଅଖାଡୁଆ ଶବ୍ଦ ପାଇଁ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ସିଧାସଳଖ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାରରେ ସମୀର ଅନ୍‌ଜାନ୍ ଏହି ଗୀତକୁ ପ୍ରତ୍ୟାଖ୍ୟାନ କରିବା ପଛର ଏକ କାହାଣୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, “ମୋର ମନେ ଅଛି ‘ଘୁଙ୍ଘଟ କି ଆଡ୍ ସେ...’ ଗୀତ ପାଖରେ ମୁକେଶ ଅଟକି ରହିଥିଲେ। ଏହି ଗୀତରେ ବ୍ୟବହୃତ ଖାଣ୍ଟି ଦେଶୀ ଶବ୍ଦ ସଂଯୋଜନା ଭଲ ଲାଗୁ ନଥିଲା। ଏଥିପାଇଁ ଗୀତକୁ କାଟିବାକୁ କହିଥିଲେ। ତେଣୁ ମୁଁ ଏହି ଗୀତ ବଦଳରେ ଆଉ ଏକ ଗୀତ ଲେଖିଦେବି ବୋଲି କହିଥିଲି।” ଠିକ୍ ଏହି ସମୟରେ ମହେଶ ଆସି ସେଟ୍‌ରେ ପହଞ୍ଚିଲେ। ମୁଁ ତାଙ୍କୁ କହିଲି, “ଏ ଗୀତ ମୁକେଶଜୀଙ୍କୁ ପସନ୍ଦ ଆସିଲାନି।” ସେ ଏହା ଶୁଣି ପ୍ରଥମେ ଗୀତଟିକୁ ମତେ ଶୁଣାଅ ବୋଲି କହିଥିଲେ। ସେ ଗୀତ ଶୁଣିବା ପରେ ମତେ ଆଲିଙ୍ଗନ କରି ଏହି ଗୀତ ସୁନ୍ଦର ଏବଂ ଚମତ୍କାର ହୋଇଛି ବୋଲି କହିଥିଲେ। ଏଥିରେ ଥିବା ଶବ୍ଦ ମଧ୍ୟ ଖୁବ୍ ଚମତ୍କାର। ଏଥିସହ କହିଥିଲେ ତମେ ଏ ଗୀତ କାହାକୁ ଶୁଣାଉଥିଲ, ତା’ର ତ କାମ କେବଳ ଟଙ୍କା ଆଣିବା, ଫିଲ୍ମ କରିବା। ସେ କେମିତି ଏ ଗୀତର ମୂଲ୍ୟ ବୁଝିପାରିବ। ଏହାପରେ ମହେଶ ଭଟ୍ଟ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ରାଜି ହୋଇଥିଲେ। ଏହାପରେ ଜୁହି ଏବଂ ଅମିରଙ୍କ ଏହି ଗୀତ ସୁଟ୍ ହୋଇଥିଲା। ଏବେ ମଧ୍ୟ ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଏହା ୯୦ ଦଶକରେ ସବୁଠୁ ଅଧିକ ଲୋକପ୍ରିୟ ଗୀତ ମଧ୍ୟରୁ ଅନ୍ୟତମ ଥିଲା। ■

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

ଭାରତୀୟ କ୍ରିକେଟ ଓ ହକି ଦଳ ସ୍ୱର୍ଣ୍ଣ ବଜାୟ ରଖିଲେ

କ୍ରିକେଟ: ଲଢୁଆ ଖେଳି ସ୍ୱର୍ଣ୍ଣ ଜିତିଲା ଭାରତ

ଟୋକିଓ,୩।୧୦(ଏଜେନ୍ସି)

ଭାରତୀୟ ପୁରୁଷ କ୍ରିକେଟ ଓ ହକି ଦଳ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ଓ ହକି ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆକୁ ହରାଇ କ୍ରମାଗତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ଉଭୟ ବିଭାଗରେ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏଠାରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ହକିର ଉଭୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ପୂର୍ବରୁ ବ୍ୟକ୍ତିଗତ ବିଭାଗର ମହିଳା ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ ଓ ମହିଳା ଗଲଫ୍‌ରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଉଭୟ ବିଭାଗରେ ଏମାନେ ପ୍ରଥମ ସ୍ୱର୍ଣ୍ଣପଦକ ଜିତି ଭାରତ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ରେସଲିଂରେ ଭାରତକୁ ମିଶ୍ର ସଫଳତା ମିଳିଛି। ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ବିଶ୍ୱବିଜେତା ଅନ୍ତିମ ପାଙ୍ଘଲ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଅନ୍ୟଜଣେ ତାରକା ରେସଲର ଦୀପକ ପୁନିଆ କଷ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହାର ପୂର୍ବଦିନ ବା ଆଜି ଭାରତ ୫ଟି ସ୍ୱର୍ଣ୍ଣପଦକ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ଦଳ ମୋଟ ୨୧ ସ୍ୱର୍ଣ୍ଣ, ୨୭ରୌପ୍ୟ ଓ ୩୭ କାଂସ୍ୟସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏସିଆନ ଗେମ୍ସରେ ପଦକ ବିଜୟରେ ଭାରତର ଏହା

- ପ୍ରଥମ ସ୍ୱର୍ଣ୍ଣ ସହ ଇତିହାସ ସୃଷ୍ଟି କଲେ କୁମ୍‌କୁମ୍ ଓ ପ୍ରଣବୀ
- ସ୍ୱର୍ଣ୍ଣ ଜିତିଲେ ଅମନ, ଅନ୍ତିମଙ୍କୁ ରୌପ୍ୟ
- ମହିଳାଙ୍କ ପରେ ପୁରୁଷ ଦଳକୁ ହକି ଦଳକୁ ୨୦୨୮ ଅଲିମ୍ପିକ୍ସ ଯୋଗ୍ୟତା

ଏସିଆନ ଗେମ୍ସ ପୁରୁଷ କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ସ୍ୱର୍ଣ୍ଣପଦକ ହାସଲ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୮ ବଲ୍‌ରେ ୩ଚୌକା ଓ ୭ଛକା ସହ ୬୧, ତିଲକ ବର୍ମା ଓ ଶିବମ ଦୁବେଙ୍କ ଯୋଡି ୩୦ ବଲ୍‌ରେ ୬୨ ରନ୍ କରିଥିଲେ। ତିଲକ ୨୨ବଲ୍‌ରୁ ଅପରାଜିତ ୫୧ ଓ ଶିବମ ୧୫ବଲ୍‌ରୁ ୨୭ ରନ୍ କରିବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ଜବାବରେ ପାକିସ୍ତାନ ୩୯ ରନ୍‌ରେ ୩ୱିକେଟ ହରାଇଥିଲେ ମଧ୍ୟ ସାଏମ ଆୟୁବ ଓ ହାସନ ନୱାଜଙ୍କ ପାର୍ଟନରସିପ୍ ପାକିସ୍ତାନକୁ ବିଜୟ ଆଶା ଦେଇଥିଲା। ଭାରତର ସମସ୍ତ ବୋଲରଙ୍କୁ ନିର୍ମମ ପ୍ରହାର କରିଥିବା ନୱାଜ ୫୧ ବଲ୍ ଖେଳି ୫ ଚୌକା ଓ ୭ ଛକା ସହ ୯୬ ରନ୍ କରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବରୁ ନୱାଜଙ୍କ ସହ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ କରି ୪୮ ବଲ୍‌ରୁ ୮୭ ରନ କରି ପାକିସ୍ତାନ ପଟକୁ ମ୍ୟାଚ୍ ନେଇଯାଇଥିଲେ। ଏହି ସମୟରେ ବୋଲିଂ କରିବାକୁ ଆସି ଶିବମ ଦୁବେ ପ୍ରଥମ ବଲରେ ଆୟୁବ (୨୨ବଲ୍‌ରେ ୨୯ରନ୍) ଆଉଟ ହେବା ପରେ ନୱାଜଙ୍କୁ ଭଲ ସମର୍ଥନ ମିଳି ନ ଥିଲା। ଦଳ ୬ ୱିକେଟରେ ୧୯୨ ରନ୍ କରି ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଏକ ଟାଣୁଆ ଦଳ ପଠାଇଥିବା ଭାରତ ପକ୍ଷରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ଶ୍ରୀଲଙ୍କା କାଂସ୍ୟ ପଦକ ବିଜୟୀ

ସ୍ୱର୍ଣ୍ଣ ସହ ପୁରୁଷ ହକି ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା

ଏସିଆନ ଗେମ୍ସ ପୁରୁଷ ହକିରେ ପାକିସ୍ତାନ ଓ ଦକ୍ଷିଣ କୋରିଆକୁ ହରାଇଥିବା ମାଲେସିଆ ଫାଇନାଲ ଏହହି ସଫଳତା ଦୋହରାଇ ପାରି ନ ଥିଲା। ଆଜି ଖେଳାଯାଇଥିବା ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆ ଚ୍ୟାଲେଞ୍ଜକୁ ଉଡାଇଦେବା ସହ ସ୍ୱର୍ଣ୍ଣପଦକ ବଜାୟ ରଖିଥିଲା। ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବା ଫଳରେ ଭାରତୀୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମାର୍ଦ୍ଧରେ ୨-୧ ଗୋଲରେ ଆଗୁଆ ଥିବା ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରୁ ୨ଟି, ଯୁଗରାଜ ସିଂହ, ହାର୍ଦ୍ଦିକ ସିଂହ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅଭିଷେକ, ସୁଖଜିତଙ୍କ ସହ ଶିଳାନନ୍ଦ ଫରୱାର୍ଡରେ ଆଜି ବେଶ ପ୍ରଭାବଶାଳୀ ଖେଳିଥିଲେ।

ପ୍ରତ୍ୟେକ ଖେଳାଳିଙ୍କୁ ୧୧, ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ

ସ୍ୱର୍ଣ୍ଣ ବିଜୟୀ ମହିଳା ହକି ଦଳ ପରି ଭାରତର ପୁରୁଷ ଦଳକୁ ମଧ୍ୟ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ସ୍ୱର୍ଣ୍ଣବିଜୟୀ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ହକି ବିଜେତା ଭାରତୀୟ ଦଳକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଦଳର ସ୍ୱର୍ଣ୍ଣ ବିଜୟ ଅନ୍ୟ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଜଣାଇଛନ୍ତି।

ଇତିହାସ ସୃଷ୍ଟିକଲେ କୁମ୍‌କୁମ୍ ଓ ପ୍ରଣବୀ

ଚଳିତ ଏସିଆନ ଗେମ୍ସରେ ମହିଳା ଶକ୍ତି ବେଶ ପ୍ରଭାବ ପକାଇଛନ୍ତି। ଆଜି ଖେଳାଯାଇଥିବା ମହିଳା ବିଭାଗର ଇଣ୍ଡିଭିଜୁଆଲ ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ମୋହୋଦ ଓ ମହିଳା ଗଲ୍‌ଫରେ ପ୍ରଣବୀ ଅର୍ସ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଆର୍ଚରୀରେ କୁମ୍‌କୁମ୍ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗନେବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଖେଳାଯାଇଥିବା ଫାଇନାଲରେ ସେ ଓ ତାଙ୍କ ଦକ୍ଷିଣ କୋରିଆ ପ୍ରତିଦ୍ୱନ୍ଦ୍ୱୀ ୟେଜିନ ଓ' ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ସୁଟଆଉଟରେ କୁମ୍‌କୁମ୍ ବିଜୟୀ ହେବା ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୂର୍ବରୁ ସେ ମଧ୍ୟ ବିଶ୍ୱଚାମ୍ପିଅନ ଚୀନ୍‌ର ଜିଙ୍ଗୟି ଝୁଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ସେ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି କୁମ୍‌କୁମ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୁରୁଷ ବିଭାଗରେ କାଂସ୍ୟ ପଦକ ମୁକାବିଲା ଦୁଇ ଭାରତୀୟଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଧୀରଜଙ୍କୁ ହରାଇ ନୀରଜ ଚୋହାନ କାଂସ୍ୟ ପଦକ ହାସଲ କରିଥିଲେ।

ପ୍ରଣବୀଙ୍କୁ ଡବଲ ମେଡାଲ

ମହିଳା ବିଭାଗ ଗଲ୍ଫରେ ଭାରତୀୟଙ୍କୁ ଡବଲ ସଫଳତା ମିଳିଛି। ପ୍ରଣବୀ ଅର୍ସଙ୍କ ନେତୃତ୍ୱରେ ଭାରତ ଡବଲ ମେଡାଲ ଜିତିଛି। ସିଙ୍ଗଲ୍ସରେ ସିଙ୍ଗାପୁରର ଶାନନ ଜୁଆନ ୟିନ୍ ତାନ୍ ଓ ଚୀନର ରୁୟୋନିଙ୍ଗ ୟିନ୍‌ଙ୍କୁ ପଛରେ ପକାଇ ପ୍ରଣବୀ ପ୍ରଥମସ୍ଥାନରେ ରହିବା ସହ ସ୍ୱର୍ଣ୍ଣପଦକ ଜିତିନେଇଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଗୋଟିଏ ହୋଲ ପଛରେ ପକାଇ ପ୍ରଣବୀ ଏହି ମୁକାବିଲାକୁ ଜିତିନେଇଥିଲେ। ଏହା ପରେ ଅଦିତି ଅଶୋକ, ଦୀକ୍ଷା ଡାଗରଙ୍କୁ ସାଥିକରି ପ୍ରଣବୀ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ପ୍ରଣବୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଡବଲ ପଦକ ମିଳିଛି। କିନ୍ତୁ ସ୍ୱର୍ଣ୍ଣ ଆଶାୟୀ ଅଦିତି ଫେଲ୍ ମାରିଛନ୍ତି।

ରେସଲର ଅମନଙ୍କୁ ସ୍ୱର୍ଣ୍ଣପଦକ



ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ରେସଲିଂରେ ଭାରତ ଲାଗି ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ସୁଜିତ କାଲକଲ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଆଜି ଖେଳାଯାଇଥିବା ୫୭ କେଜି ଫାଇନାଲରେ ଅମନ ୧୧-୭ ପଏଣ୍ଟରେ ଉତ୍ତର କୋରିଆର ହାନ ଚୋଙ୍ଗ ସଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ଜୋରଦାର ଲଢ଼େଇ ହୋଇଥିବା ଏହି ମ୍ୟାଚ୍‌ରେ ଅମନ ଶେଷରେ ୪ ପଏଣ୍ଟ ହାସଲ କରି ମ୍ୟାଚ୍‌କୁ କବ୍‌ଜା କରିନେଇଥିଲେ। ପୁରୁଷ ୯୭ କେଜିରେ ଦୀପକ ପୁନିଆ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲାବେଳେ ସାଗର ପରାଜିତ ହୋଇଥିଲେ।

ଅନ୍ତିମ ପାଙ୍ଘଲଙ୍କୁ ରୌପ୍ୟ ପଦକ

ମହିଳା ୫୩ କେଜି ବକ୍ସିଂ ଫାଇନାଲରେ ଜାପାନର ମୋଏ କିୟୋକାଙ୍କଠାରୁ ପରାଜିତ ହୋଇ ଭାରତର ଅନ୍ତିମ ପାଙ୍ଘଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ମୁକାବିଲାରେ କିୟୋକାଙ୍କ ବିପକ୍ଷରେ ପାଙ୍ଘଲ ଆଗୁଆ ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ପରାଜିତ ହୋଇଛନ୍ତି। ଜାପାନକୁ ସ୍ୱର୍ଣ୍ଣ ଓ ଭାରତକୁ ରୌପ୍ୟ ପଦକ ମିଳିଛି।

ଅପରାହ୍ଣ ୨ଟା ୩୦ରେ ଉଦ୍‌ଯାପନ ଉତ୍ସବ

ଦୀର୍ଘ ୧୬ ଦିନ ଧରି ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଆସନ୍ତାକାଲି ବା ରବିବାର ଉଦ୍‌ଯାପିତ ହେବ। ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଉତ୍ସବ ରବିବାର ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଅନୁଷ୍ଠିତ ହେବ। ଏହି ଷ୍ଟାଡିୟମ୍‌ରେ ମଧ୍ୟ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଆଥଲେଟମାନେ ଏକତ୍ର ହୋଇ ଆସିବେ। ଏଥିଲାଗି କୌଣସି ନୀତିନିୟମ ବା ପରେଡରେ ଦେଶ ପରେ ଦେଶ ଆସିବାର ନିୟମ ନାହିଁ। କିନ୍ତୁ ଜଣେ ଶ୍ରେଷ୍ଠ ଆଥଲେଟ ନିଜ ଦେଶର ଜାତୀୟ ପତାକା ଧରି ଷ୍ଟାଡିୟମ୍ ଭିତରକୁ ଆସିବେ। ଭାରତ ପକ୍ଷରୁ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ସୁଟର ନୀରୁ ଧାଣ୍ଡା ଉଦ୍‌ଯାପନୀ ଉତ୍ସବରେ ଜାତୀୟ ପତାକା ଧରିବେ।

ଖେଳାଳିମାନେ ଷ୍ଟାଡିୟମ୍‌ରେ ପ୍ରବେଶ କରିବା ପରେ ଏସିଆନ ଗେମ୍ସ ଆୟୋଜକ କମିଟି ଓ ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆର କର୍ମକର୍ତ୍ତାମାନେ ଆନୁଷ୍ଠାନିକ ଭାବେ କ୍ରୀଡ଼ାବିତ୍‌ଙ୍କୁ ସମ୍ବୋଧିତ କରିବେ ଓ ସମସ୍ତଙ୍କୁ ଧନ୍ୟବାଦ ଦେବେ। ଏହା ପରେ ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା କୁମ୍ଭକୁ ବନ୍ଦ କରାଯିବ ବୋଲି ଘୋଷଣା କରାଯିବ। କ୍ରୀଡ଼ା ମଶାଲକୁ ଲିଭାଇ ଦିଆଯିବ। ଏହା ପୂର୍ବରୁ ଏସିଆନ ଗେମ୍ସ ପତାକା ପରବର୍ତ୍ତୀ ଆୟୋଜକ ଦେଶ କତାରକୁ ହସ୍ତାନ୍ତର କରାଯିବ। ୨୦୩୦ରେ ୨୧ତମ ଏସିଆନ ଗେମ୍ସ ଦୋହାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି।

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ

ରାହୁଲଙ୍କ ଶତକ; ରୋହିତ୍ ୯୨

ନ୍ୟୁ ଚଣ୍ଡିଗଡ଼, ୩।୧୦ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଅନ୍ତିମ ତଥା ତୃତୀୟ ଦିନିକିଆ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଲୋକେଶ ରାହୁଲଙ୍କ ଦ୍ରୁତ ଅପରାଜିତ ଶତକୀୟ ପାଳି ବଳରେ ୭ ୱିକେଟରେ ୩୫୧ ରନର ବିଶାଳ ସ୍କୋର କରିଛି। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଶେଷ ଖବର ସୁଦ୍ଧା ୨୩ ଓଭରରେ ୨ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିଛି। ପୂର୍ବରୁ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତ ଆଗୁଆ ସିରିଜ କବ୍‌ଜା କରିସାରିଛି। ଏବେ ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୬ରୁ ଲକ୍ଷ୍ନୌ ଆରମ୍ଭ ହେବ।

ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ୩ ଓଭର ମଧ୍ୟରେ ଦୁଇଟି ୱିକେଟ ହରାଇ ସଙ୍କଟରେ ପଡ଼ିଯାଇଥିଲା। ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଶୁବମନ ଗିଲ୍ ୧ ଓ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି 'ଗୋଲ୍ଡେନ ଡକ୍'ର ସମ୍ମୁଖୀନ ହୋଇଥିଲେ। ତେବେ ଅନ୍ୟତମ ଓପନର୍ ରୋହିତ୍ ଶର୍ମାଙ୍କ ସହ ମଧ୍ୟକ୍ରମରେ ରାହୁଲ ଓ ଋତୁରାଜ ଗାଏକ୍ୱାଡଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ୭ ୱିକେଟରେ ୩୫୭ ରନର ବିଶାଳ ସ୍କୋର ଠିଆ କରାଇଥିଲା। କ୍ୟାରିୟରର ୯ମ ଦିନିକିଆ ଶତକ ହାସଲ କରିଥିବା ରାହୁଲ ୬ ଛକା ଓ ୧୦ ଚୌକା ବଳରେ ୮୭ ବଲରୁ ୧୨୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ରୋହିତ ୮୫ ବଲରୁ ୯୨ ରନ (୧୦ ଚୌକା ଓ ୩ ଛକା) କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଅପେକ୍ଷାକୃତ ଧୀମା ବ୍ୟାଟିଂ କରିଥିବା ଗାଏକ୍ୱାଡ ୬୯ ବଲରେ ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୦, ନୀତୀଶ ରେଡ୍ଡୀ ୯, ପଦାର୍ପଣକାରୀ ଅଂଶୁଲ କାମ୍ବୋଜ ୧୭ ଓ ଗୁରନୁର୍ ବ୍ରାର ୮ ରନର ପାଳି ଖେଳିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜେଡେନ ସିଲ୍ସ ୩ ଓ କେମୋ ପଲ୍ ୨ଟି ୱିକେଟ ନେଇଥିଲେ।

ବ୍ରାଜିଲ ବିପକ୍ଷ ଐତିହାସିକ ମ୍ୟାଚରେ ଭାରତ ନିରାଶ

କୋଲକାତା, ୩।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ବିପକ୍ଷରେ ଶନିବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଐତିହାସିକ ଫୁଟବଲ୍ ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଫିଫା ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଶକ୍ତିଶାଳୀ ବ୍ରାଜିଲ ଏହି ମ୍ୟାଚକୁ ୪-୦ ଗୋଲରେ ଏକପାଖିଆ ଭାବରେ ଜିତିନେଇଛି। ବିଜୟୀ ବ୍ରାଜିଲ ପକ୍ଷରୁ ସାମୁଏଲ୍ ଲିନୋ ଡବଲ୍ ଗୋଲ୍ ଦେଇଥିଲେ। ସେ ମ୍ୟାଚର ୫୮ତମ ଓ ଇଞ୍ଜୁରୀ ଟାଇମ୍ (୯୦+୫)ରେ ଅନ୍ୟ ଗୋଲସ୍କୋର କରିଥିଲେ। ଏହାପୂର୍ବରୁ ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଯୁବ ୱିଙ୍ଗର ଏଷ୍ଟିଭାଓ ୱିଲିଆନ ଦଳ ପାଇଁ ପ୍ରଥମ ଗୋଲ୍ ଦେଇ ଖାତା ଖୋଲିଥିଲେ। ଏହାର ୧୪ ମିନିଟ୍ ପରେ ତାରକା ଷ୍ଟ୍ରାଇକର ପେଡ୍ରୋ ବ୍ରାଜିଲ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ବିଶ୍ୱର ୧୩୮ତମ ମାନ୍ୟତା ଘରୋଇ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ପୋଜେସନ, ସଟ୍ ଅନ୍ ଟାର୍ଗେଟ ଓ ସଟ୍ ସମସ୍ତ କ୍ଷେତ୍ରରେ ପଛୁଆ ରହିଥିଲା। ଉଲ୍ଲେଖଯୋଗ୍ୟ ଫୁଟବଲ ଇତିହାସରେ ଭାରତ ପ୍ରଥମଥର ଲାଗି ବ୍ରାଜିଲ ସହ ମ୍ୟାଚ୍ ଖେଳିଥିଲା। ଅବସର ନେଇସାରିଥିବାରୁ ବ୍ରାଜିଲ ତାରକା ନେମାରଙ୍କୁ ଏହି ମ୍ୟାଚରେ ପ୍ରଶଂସକ ଦେଖିବାକୁ ପାଇ ନ ଥିଲେ। ଭାରତୀୟ ଫୁଟବଲ ଦଳ ଏବେ ସମାନ ଭେନ୍ୟୁରେ ଅକ୍ଟୋବର ୬ ତାରିଖରେ ଦୁଇଥରର ବିଶ୍ୱବିଜେତା ଉରୁଗୁଏ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ପୁରୀ କୋଷ୍ଟାଲ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ

ଗତ ୨୦ ବର୍ଷରେ ଓଡ଼ିଶାର ବିକାଶକୁ କପିଳଙ୍କ ପ୍ରଶଂସା

ଭୁବନେଶ୍ୱର, ୩।୧୦ (ସମିସ)

ପୁରୀ କୋଷ୍ଟାଲ ମାରାଥନ ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ଏହି ଅବସରରେ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୧୯୮୩ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ କପିଳ ଦେବ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲିପ ତିର୍କୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଅତିଥିଭାବରେ ଯୋଗ ଦେଇଥିଲେ। ମାରାଥନରେ ଏଥର ୪ଟି ବର୍ଗରେ (୪୨ କିମି, ୨୧ କିମି, ୧୦କିମି ଓ ୫ କିମି) ମୋଟ୍ ୧ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱତନ୍ତ୍ର ଅତିଥିଭାବରେ ଯୋଗ ଦେଇଥିବା କପିଳ ଦେବ ଏହି ଅବସରରେ ପରୋକ୍ଷରେ ଗତ ନବୀନ ସରକାରଙ୍କ ଭିତ୍ତିଭୂମି ବିକାଶକୁ ଭୂୟସୀ ପ୍ରଶଂସା କରିଛନ୍ତି। କପିଳ କହିଥିଲେ ଯେ ବିମାନବନ୍ଦରରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ; ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ଭିତ୍ତିଭୂମିରେ ଅବିଶ୍ୱସନୀୟ ଉନ୍ନତି ଘଟିଛି। ସେହିଭଳି ଜାତୀୟ ହକି ଦଳର ପ୍ରାୟୋଜକ ଭାବରେ ଓଡ଼ିଶା ସରକାର ଏକ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିଲେ। ଯାହାର ଫଳସ୍ୱରୂପ ଆଜି ଏସିଆନ ଗେମ୍ସ ହକିରେ ଆମେ ସ୍ୱର୍ଣ୍ଣିମ ସଫଳତା ପାଇଛୁ। ଆହୁରି ଅଧିକରୁ ଅଧିକ ଷ୍ଟାଡିୟମ ନିର୍ମାଣ ହେବା ସହ ଓଡ଼ିଶା ଦିନେ ଦେଶର ସ୍ପୋର୍ଟ୍ସ ସିଟିର ଆଖ୍ୟା ଅର୍ଜନ କରୁ ବୋଲି ଏହି କିମ୍ବଦନ୍ତୀ ଅଲରାଉଣ୍ଡର କହିଛନ୍ତି।

ଇରାନୀ କପ୍‌ରେ ରବିଚନ୍ଦ୍ରନଙ୍କ ଶତକ

ଶ୍ରୀନଗର, ୩।୧୦ (ଏଜେନ୍ସି): ରଣଜୀ ଟ୍ରଫି ଚାମ୍ପିଅନ ଜମ୍ମୁ-କାଶ୍ମୀର ବିପକ୍ଷରେ ଏଠାରେ ଚାଲିଥିବା ଇରାନୀ କପ୍‌ରେ ଅବଶିଷ୍ଟ ଭାରତ ଦୃଢ଼ ବ୍ୟାଟିଂ କରିଛି। ୪୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୪ ଓଭରରେ ୮ ୱିକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ମଧ୍ୟକ୍ରମ ବ୍ୟାଟର୍ ସ୍ମରଣ ରବିଚନ୍ଦ୍ରନ ୧୨୬ ରନର ଶତକୀୟ ପାଳି ଖେଳି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଋଷଭ ପନ୍ତ ୮, ମାନବ ସୁତାର ୧୬, ସାରାଂଶ ଜୈନ ୨୫, ସୁଦୀପ ଘରାମୀ ୩୩, ଓପନର୍ ସନତ ସାଙ୍ଗୱନ ୫୫ ରନର ପାଳି ଖେଳିଥିଲେ। ଘରୋଇ ଜମ୍ମୁ-କାଶ୍ମୀର ପକ୍ଷରୁ ଉମର ନାସିର ମିର ଓ ସାହିଲ ଲୋତ୍ରା ୩ଟି ଲେଖାଏ ୱିକେଟ ନେଇଛନ୍ତି। ଦ୍ୱିତୀୟ ପାଳିରେ ୨ଟି ୱିକେଟ ବଳକା ଥାଇ ଅବଶିଷ୍ଟ ଭାରତ ମୋଟ୍ ଉପରେ ୨୬୫ ରନରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍ ଆହୁରି ଦୁଇଦିନ ବାକିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY